

୬୦ ବର୍ଷରେ ଅମିର୍‌ଙ୍କ ତୃତୀୟ ବିବାହ

▶ପୃଷ୍ଠା 9 ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-12 ◆MONDAY ◆06 JULY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୪ ◆ସଂଖ୍ୟା-୧୨ ◆ସୋମବାର ◆୦୬ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ପ୍ରକାଶ ପାଇଲା ଏସ୍‌ଆଇଆର୍ ଚିଠା ଭୋଟର ତାଲିକା

# ରାଜ୍ୟରେ ବାଦ୍ ପଡ଼ିଲେ ୨୦ ଲକ୍ଷ ୧୨ ହଜାର

■ ଭୁବନେଶ୍ୱର,୫।୭(ସମିସ): ଗତ ୨୮ ତାରିଖରେ ରାଜ୍ୟରେ ଶେଷ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନର ଚିଠା ଭୋଟର ତାଲିକା ପ୍ରକାଶ କରିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ଚିଠା ତାଲିକାରେ ମୃତକ କୁହାଯାଉଥିବା ୮.୩୨ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯାଇଛି ଏବଂ ସ୍ଥାନାନ୍ତର ଓ ଦୀର୍ଘ ଅନୁପସ୍ଥିତି ପାଇଁ ୧୦.୦୭ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିଛି। ଏକାଧିକ ସ୍ଥାନରେ ପଞ୍ଜୀକୃତ କରାଣରୁ ୧.୫୮ ଲକ୍ଷ ଭୋଟର ଓ ଅନ୍ୟାନ୍ୟ କାରଣ ପାଇଁ ୧୪ ହଜାର ଲୋକଙ୍କ ନାମ ଚିଠା ତାଲିକାରୁ ବାଦ୍ ଦିଆଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିଠା ଭୋଟର ତାଲିକା ପ୍ରକାଶ ପରେ ରାଜ୍ୟର ୭୫ଟି ବିଧାନସଭା କ୍ଷେତ୍ର ଅଞ୍ଚଳରୁ ୧୦ ହଜାରରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କଟାଯାଇଛି। କେବଳ କେନ୍ଦ୍ରାପଡ଼ା ଜିଲ୍ଲାରେ ୬୦ ହଜାର ୨୪୦ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ଜଣାପଡ଼ିଛି।

ରବିବାର ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ଚିଠା ତାଲିକା ଅନୁସାରେ ରାଜ୍ୟରେ ମୋଟ ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଜଣ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ କୋଟି ୬୦ ଲକ୍ଷ ୧୯ ହଜାର ୧୭୭ ଓ ମହିଳା ଭୋଟର ସଂଖ୍ୟା ୧ କୋଟି ୫୩ ଲକ୍ଷ ୬୫ ହଜାର ୮୩ । ସେହିପରି ତାଲିକାରେ ୨୭୭୫ ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ଭୋଟର ତାଲିକାରେ ନାମଥିବା ସମସ୍ତ ବ୍ୟକ୍ତିଙ୍କୁ ପରିଗଣନା ଫର୍ମ ଦିଆଯାଇଥିଲା ଏବଂ ଏହାମଧ୍ୟରୁ ଦାଖଲ ହୋଇଥିବା ପରିଗଣନା ଫର୍ମ ସଂଖ୍ୟା ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଓ ଏହା ମୋଟ ଭୋଟର ସଂଖ୍ୟାର ୯୩.୯୭ ପ୍ରତିଶତ। ବଳକା ୨୦ ଲକ୍ଷ ୧୨ହଜାର ୫୫୭ ହଜାର ଭୋଟରଙ୍କ ନାମ ତାଲିକାରୁ କଟିଛି। ଏମାନଙ୍କ ମଧ୍ୟରେ ୮.୩୨ ଲକ୍ଷ ମୃତକ, ୧୦.୦୭ ଲକ୍ଷ ସ୍ଥାନାନ୍ତରିତ ବା ଅନୁପସ୍ଥିତ ଅଛନ୍ତି। ଏହି କାର୍ଯ୍ୟରେ ରାଜ୍ୟରେ ୩୦ ଜିଲ୍ଲାରେ ୩୧ ଜିଲ୍ଲା ନିର୍ବାଚନ ଅଧିକାରୀ, ୧୪୭ ଜଣ ଇଆରଓ, ୯୯୪ ଜଣ ଏଇଆରଓ, ୪୫୪୦ ଜଣ ବିଏଲଓ ସୁପରଭାଇଜର ଏବଂ ୪୫୨୫୦ ଜଣ ବିଏଲଓ ନିଯୋଜିତ ହୋଇଥିଲେ। ଏହି ପ୍ରକ୍ରିୟାରେ ୭ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ୮୪ ହଜାର ୫୯୪ ଜଣ ବୁଥ୍ ସ୍ତରୀୟ ଏଜେଣ୍ଟ(ବିଏଲଏ) ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଗତ ୧୯ ତାରିଖ ସୁଦ୍ଧା ଭୋଟର ତାଲିକାରେ ନାମ ଥିବା ସମସ୍ତ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ପାଇଁ ବିଏଲଓମାନେ ଘରକୁ ଘର ପରିଦର୍ଶନ କରିଥିଲେ ବୋଲି ଶ୍ରୀ ଗୋପାଳନ ସୂଚନା ଦେଇଛନ୍ତି। ତେବେ ନିର୍ବାଚନ ଅଧିକାରୀଙ୍କ ସୂଚନା ପ୍ରଦାନ ପରେ ଭୋଟରତାଲିକାରୁ ନାମ ବାଦକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଭୋଟର ତାଲିକାରେ ନାମ ▶ପୃଷ୍ଠା-୭



### ୭୫ ନିର୍ବାଚନମଣ୍ଡଳୀରେ ୧୦ ହଜାର ଲେଖାଏଁ କଟିଲେ

### ମୃତ ଓ ସ୍ଥାନାନ୍ତରିତଙ୍କୁ ଗଣନା ଫର୍ମ ବଣ୍ଟନକୁ ନେଇ ପ୍ରଶ୍ନ

### ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କରିହେବ ଆପତ୍ତି-ଅଭିଯୋଗ

## ୩ ରାଜ୍ୟରେ କଟିଲେ ୨୨.୫୫ ଲକ୍ଷ; ଓଡ଼ିଶାରୁ ସର୍ବାଧିକ

| ରାଜ୍ୟ | ମୋଟ ଭୋଟର | ଚିଠା ଭୋଟର ତାଲିକା | ବାଦ ପଡ଼ିଥିବା ନାମ |
|---|---|---|---|
| ଓଡ଼ିଶା | ୩,୩୩,୯୯,୫୯୧ | ୩,୧୩,୮୭,୦୩୪ | ୨୦,୧୨,୫୫୭ (୬.୦୨%) |
| ମଣିପୁର | ୨୦,୯୩,୦୭୬ | ୧୯,୩୪,୩୯୯ | ୧,୫୮,୬୭୭ (୭.୫%) |
| ମିଜୋରାମ | ୮,୭୫,୦୬୮ | ୮,୨୮,୯୦୬ | ୪୬,୧୬୨ (୫.୨%) |

■ ନୂଆଦିଲ୍ଲୀ, ୫।୭ (ଏଜେନ୍ସି): ସମ୍ପ୍ରତି ଦେଶରେ ଚାଲିଥିବା ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କ୍ରମରେ ୪ ରାଜ୍ୟରେ ପ୍ରକାଶ ପାଇଛି ଚିଠା ଭୋଟର ତାଲିକା। ଓଡ଼ିଶା, ମଣିପୁର, ମିଜୋରାମ ଓ ସିକ୍କିମର ଭୋଟର ତାଲିକା ସଂଶୋଧନ ପରେ ଚାରି ରାଜ୍ୟରୁ ୬.୧୨% ଭୋଟର ଅର୍ଥାତ୍ ୨୨.୫୫ ଲକ୍ଷ ଭୋଟର ଚିଠା ତାଲିକାରୁ ବାଦ ପଡ଼ିଛନ୍ତି। ଏହା ମଧ୍ୟରୁ କେବଳ ଓଡ଼ିଶାରେ ୨୦,୧୨,୫୫୭ ଭୋଟର କଟିଛନ୍ତି। ସଂଶୋଧନ ପୂର୍ବରୁ ରାଜ୍ୟରେ ମୋଟ ୩,୩୩,୯୯,୫୯୧ ଭୋଟର ଥିବାବେଳେ ଚିଠା ତାଲିକାରେ ଏହି ସଂଖ୍ୟା ୩,୧୩,୮୭,୦୩୪କୁ ହ୍ରାସ ପାଇଛି। ଭୋଟର ତାଲିକାରୁ ୬.୦୨ ପ୍ରତିଶତ ମତଦାତାଙ୍କ ନାମ ବାଦ ଦିଆଯାଇଛି। ସେହିପରି ମଣିପୁରରେ ସଂଶୋଧନ ପୂର୍ବରୁ ୨୦,୯୩,୦୭୬ ଜଣ ଭୋଟର ଥିବାବେଳେ ଚିଠା ତାଲିକାରେ ଏହା ୧୯,୩୪,୩୯୯କୁ ହ୍ରାସ ପାଇଛି। ଏହି ରାଜ୍ୟରେ ୧,୫୮,୬୭୭ ଜଣ (୭.୫ ପ୍ରତିଶତ) ବାଦ ପଡ଼ିଛନ୍ତି।


ଅନ୍ୟପକ୍ଷରେ ମିଜୋରାମରେ ପୂର୍ବରୁ ୮,୭୫,୦୬୮ ଜଣ ଭୋଟର ଥିବାବେଳେ ସଂଶୋଧିତ ଖସଡ଼ା ତାଲିକାରେ ୮,୨୮,୯୦୬ ଜଣଙ୍କ ନାମ ରହିଛି। ଏଠାରେ ୪୬,୧୬୨ ଜଣ (୫.୨ ପ୍ରତିଶତ) ଭୋଟରଙ୍କ ନାମ ବାଦ ଦିଆଯାଇଛି।

## ରାମ ମନ୍ଦିରରୁ ଲୁଟିନେଲେ ପାଞ୍ଚ କୋଟିର ସୁନା ‘ରାମଚରିତମାନସ’

■ ଅଯୋଧ୍ୟା, ୫।୭ (ଏଜେନ୍ସି): ଅଯୋଧ୍ୟା ରାମମନ୍ଦିରରୁ ଚୋରି ମାମଲା ।।ରେ ଦିନକୁ ଦିନ ଭୟଙ୍କର ତଥ୍ୟ ଆସିବାରେ ଲାଗିଛି। ଅଭିଯୁକ୍ତମାନେ କେବଳ ଟଙ୍କା ଚୋରି କରି ନାହାନ୍ତି, ସେମାନେ ସୁନା ଓ ରୁପା ଉପହାରକୁ ମଧ୍ୟ ଲୁଟି ନେଇଛନ୍ତି। ମନ୍ଦିରକୁ ଦାନ କରାଯାଇଥିବା ଏକ ବହୁମୂଲ୍ୟ ସୁନା ଛାଉଣି ରାମଚରିତମାନସ ଗ୍ରନ୍ଥ ହଠାତ୍ ଗାଏବ ଘଟଣା ଭକ୍ତମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଜଣେ ପୂର୍ବତନ ଆଇଏଏସ ଅଧିକାରୀ ଏସଂପର୍କରେ ଗୁରୁତର ଅଭିଯୋଗ ଆଣିବା ପରେ ଘଟଣା ସାମନାକୁ ଆସିଛି। ବରିଷ୍ଠ ଆଇଏଏସ ତଥା ପୂର୍ବତନ କେନ୍ଦ୍ର ଗୃହ ସଚିବ ଏସ୍. ଲକ୍ଷ୍ମୀନାରାୟଣନ କହିଛନ୍ତି ଯେ, ତାଙ୍କ ପରିବାର ପକ୍ଷରୁ ମନ୍ଦିରକୁ ଦାନ କରାଯାଇଥିବା ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ଏହି ସୁନା ଛାଉଣି ଧର୍ମଗ୍ରନ୍ଥଟିକୁ ମନ୍ଦିର ପରିସରରୁ ଗାଏବ କରିଦିଆଯାଇଛି। ତାଙ୍କ ପରିବାର ଏହି ବହୁମୂଲ୍ୟ ରାମଚରିତମାନସକୁ ଏପ୍ରିଲ ୨୦୨୪ରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟକୁ ହସ୍ତାନ୍ତର ▶ପୃଷ୍ଠା-୭

### ପୂର୍ବତନ କେନ୍ଦ୍ର ଗୃହ ସଚିବଙ୍କ ଅଭିଯୋଗ ପରେ ହଟଚମଟ

### ମୁହଁ ଖୋଲୁ ନାହାନ୍ତି ଟ୍ରଷ୍ଟ କର୍ମକର୍ତ୍ତା



## ଦିନକୁ ଚୋରି ହେଉଥଲା ୬ରୁ ୮ ଲକ୍ଷ ଟଙ୍କା

ଲକ୍ଷ୍ନୌ, ୫।୭(ଏଜେନ୍ସି): ରାମ ମନ୍ଦିରର ଦାନ ଅର୍ଥ ହରିଲୁଟ୍ ମାମଲା ଏବେ ତୀବ୍ର ରୂପ ଧାରଣ କରିଛି। ଏସଆଇଟିର ପ୍ରାଥମିକ ତଦନ୍ତ ଅନୁଯାୟୀ, ମନ୍ଦିରରୁ ଦୈନିକ ପ୍ରାୟ ୬ ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିବା ସନ୍ଦେହ କରାଯାଉଛି। ବିଶେଷ କରି ୨୦୨୫ ମହାକୁମ୍ଭ ସମୟରେ ଅତ୍ୟଧିକ ଭିଡ଼ର ସୁଯୋଗ ନେଇ ଏହି ଚୋରି ବୃଦ୍ଧି ପାଇଥିଲା। ଏସଆଇଟିର ପ୍ରାଥମିକ ରିପୋର୍ଟ ପ୍ରକାଶ କରାଯାଇନଥିଲେ ମଧ୍ୟ କେତେକ ବ୍ୟାଙ୍କ ଅଧିକାରୀ କହିଛନ୍ତି ଯେ ଲୁଟ୍‌ର ପର୍ଦ୍ଦାଫାସ ହେବା ପୂର୍ବରୁ ଦାନ ବାକ୍ସରେ ଦୈନିକ ୧୬ରୁ ୧୮ ଲକ୍ଷ ଟଙ୍କା ପଡୁଥିଲା ଏବଂ ବ୍ୟାଙ୍କ ଖାତାରେ ଏହା ଜମା ହେଉଥିଲା। କିନ୍ତୁ ଲୁଟ୍‌ର ପର୍ଦ୍ଦାଫାସ ହେବାପରେ ଏବେ ଦିନକୁ ଦାନ ଅର୍ଥ ୨୪ରୁ ୨୬ ଲକ୍ଷ ଟଙ୍କା ବ୍ୟାଙ୍କରେ ଜମା ।।ହେଉଛି। ଏହାକୁ ଆଧାର କରି ସେମାନେ କହିଛନ୍ତି ଯେ ୨୦୨୫ ▶ପୃଷ୍ଠା-୭

# ଅବପାତ ଝାଡ଼ଖଣ୍ଡମୁହାଁ

## ଓଡ଼ିଶାରେ ଭରିଲା ମାସକର ନିଅଣ୍ଟିଆ ବର୍ଷା



ଭଦ୍ରକ ଜିଲ୍ଲା ଆଖୁଆପଦାଠାରେ ସତର୍କ ସଂକେତ ନିକଟତର ବୈତରଣୀ

■ ଭୁବନେଶ୍ୱର, ୫।୭ (ସମିସ): ଗୋଟିଏ ଲଘୁଚାପ ଭରଣା କରିଦେଲା ମାସକର ନିଅଣ୍ଟିଆ ବର୍ଷା। ଜୁନ୍ ମାସରେ ମୌସୁମୀ ଛୁଇଁଥିଲେ ମଧ୍ୟ ସାରା ରାଜ୍ୟରେ ବର୍ଷାର ଅଭାବ ଲାଗି ରହିଥିଲା। ମାସ ଶେଷ ସୁଦ୍ଧା ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିଲା। ମାତ୍ର ଜୁଲାଇ ଆରମ୍ଭରୁ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ଅବପାତ ପ୍ରଭାବରେ ୫ ଦିନରେ ୪୫ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣା ହୋଇଛି। ଏଥିସହ ଆଜିସୁଦ୍ଧା ରାଜ୍ୟରେ ସ୍ୱାଭାବିକ ତୁଳନାରେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପ ନେବା ସହିତ ରବିବାର ସ୍ଥଳଭାଗ ଅତିକ୍ରମ କରିଛି। ଏହି ଅବପାତଟି ବାଲେଶ୍ୱର ନିକଟରୁ ଉତ୍ତର ଉପକୂଳ ଓଡିଶା ଦେଇ ଝାଡ଼ଖଣ୍ଡ ମୁହାଁ ହୋଇଛି। ଆଗାମୀ ୨୪ଘଣ୍ଟା ଯାଏଁ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଏହା ଉତ୍ତର ଓଡ଼ିଶା ସଂଲଗ୍ନ ଦକ୍ଷିଣ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ମଧ୍ୟ ଦେଇ ଗତିକରିବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବର୍ଷା ହେବା ନେଇ ଆଶଙ୍କା କରାଯାଇଛି। ତେବେ ସୋମବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ ହ୍ରାସ ପାଇବ।

### ୨୪ ଘଣ୍ଟାରେ ୬୪୯ ପ୍ରତିଶତ ଅଧିକ ବର୍ଷା

### ପ୍ରଥମ ୫ ଦିନରେ ମାସକର ୪୫ ପ୍ରତିଶତ ଭରଣା

ପାଣିପାଗ କେନ୍ଦ୍ର ତଥ୍ୟରୁ ଜଣାପଡ଼ିଛି ଯେ ଅବପାତ ପ୍ରଭାବରେ ୯ ସ୍ଥାନରେ ଅତ୍ୟନ୍ତ ଭାରି ବର୍ଷା (୨୦ସେମି), ୪୬ ସ୍ଥାନରେ ଅତି ଭାରି ବର୍ଷା, (୧୨ରୁ ୨୦ ସେମି) ୫୭ ▶ପୃଷ୍ଠା-୭

## ଡିଏସ୍‌ପିଙ୍କ ସମ୍ପତ୍ତି ୨୦୦ କୋଟି

■ ହାଇଦ୍ରାବାଦ, ୫।୭ (ଏଜେନ୍ସି): ତେଲଙ୍ଗାନାରେ ଦୁର୍ନୀତି ନିରୋଧୀ ସଂସ୍ଥା (ଏସିବି) ଚଢ଼ଉ ବେଳେ ଜଣେ ପୁଲିସ ଉପ ଅଧୀକ୍ଷକ (ଡ଼ିଏସ୍‌ପି) ସଙ୍କିରେଡ୍ଡୀ ଭୀମରେଡ୍ଡୀଙ୍କଠାରୁ ମିଳିଛି ବିପୁଳ ସମ୍ପତ୍ତି। ପ୍ରାଥମିକ ଆକଳନ ଅନୁସାରେ ଏହି ସବୁ ସମ୍ପତ୍ତିର ବଜାର ମୂଲ୍ୟ ୨୦୦ କୋଟି ଟଙ୍କାରୁ ଅଧିକ ବୋଲି ଏସିବି ସୂଚନା ଦେଇଛି। ଏକ ଅଜ୍ଞାତ ସୂଚନାଦାତାଙ୍କ ସୂଚନା ଆଧାରରେ ଏସିବି ହାଇଦ୍ରାବାଦ, ସାଇବରାବାଦ, ସଙ୍ଗାରେଡ୍ଡି, ଜାହିରାବାଦ, ଶାମଶାବାଦ, ଗାଚିବୌଲି, ବିକାରାବାଦ, ମୋମିନପେଟ ଏବଂ କର୍ଣ୍ଣାଟକର ବେଙ୍ଗାଲୁରୁ ସମେତ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଏହି ଚଢ଼ଉ ସମୟରେ ତାଙ୍କର ଘୋଷିତ ସମ୍ପତ୍ତି ସହ ଏକ ଡ଼ାଏରୀ ମିଳିଥିଲା ଓ ଏଥିରେ ସମସ୍ତ ବେନାମୀ ସମ୍ପତ୍ତିର ସୂଚନା ରହିଥିଲା। ତାହା ଆଧାରରେ ଅନ୍ୟସ୍ଥାନରେ ଚଢ଼ଉ କରାଯାଇ ବିପୁଳ ସମ୍ପତ୍ତି ଜବତ କରାଯାଇଛି।

ତାଙ୍କ ଘରୁ ନଗଦ ୪୦ ଲକ୍ଷ ଟଙ୍କା, ୨ କିଲୋ ସୁନା ଗହଣା, ୨୦ କିଲୋ ରୁପା ସାମଗ୍ରୀ ସହ ବିଭିନ୍ନ ବିପୁଳ ଅର୍ଥ ଜମାଥିବା ବ୍ୟାଙ୍କ ଖାତା ମିଳିଛି। ଏହାବ୍ୟତୀତ ଅନ୍ୟସବୁ ସମ୍ପତ୍ତି, ଫର୍ମହାଉସ, ଆପାର୍ଟମେଣ୍ଟ, ବିପୁଳ ଜମି ତାଙ୍କର ପରିବାର ସଦସ୍ୟ, ବନ୍ଧୁ, ପରିଜନଙ୍କ ନାମରେ ନାମରେ ରହିଥିବା କୁହାଯାଉଛି। ସମ୍ପ୍ରତି ସେ ତେଲଙ୍ଗାନା ପୁଲିସ ଡ଼ିଜିଙ୍କ କାର୍ଯ୍ୟାଳୟରେ ଷ୍ଟେସନାରୀ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏହା ପୂର୍ବରୁ ସେ ସଙ୍ଗାରେଡ୍ଡି, ବାନସ୍ଥଳୀପୁରମ୍, ଜାହିରାବାଦ, ବାଲାନଗର ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ କାର୍ଯ୍ୟ କରିଛନ୍ତି।


## ନୂତନ ଦୃଷ୍ଟି, ନୂତନ ଦିଶା
## ବିକାଶ ପଥେ
## ଓଡ଼ିଶା



"ଭାରତୀୟ ରେଳ ଆମ ଦେଶକୁ ସଂଯୋଗ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଏହା ପ୍ରକୃତରେ ଆମ ପ୍ରଗତିର ଜୀବନରେଖା"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

### ପୁରୀ - କୋରାପୁଟ ଏକ୍ସପ୍ରେସ
- ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ଉନ୍ନତ ସଂଯୋଗୀକରଣ
- ସୁବିଧା ଶିକ୍ଷା, ରୋଜଗାର ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି
- ତୀର୍ଥଯାତ୍ରା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ସମୃଦ୍ଧି
- ଆଦିବାସୀ ସମ୍ପ୍ରଦାୟ ପାଇଁ ଉନ୍ନତ ଗମନାଗମନ

ସୋମବାର, 06 ଜୁଲାଇ 2026 | 12:30 ଘଟିକା | ପୁରୀ ରେଳ ଷ୍ଟେସନ

ଏବଂ

### ବ୍ରହ୍ମପୁର - ସୁରଟ (ଉଧନା) ଅମୃତ ଭାରତ ଏକ୍ସପ୍ରେସ (ପ୍ରତିଦିନ ଚଳାଚଳ)
- ବ୍ରହ୍ମପୁର (ଓଡ଼ିଶା)ରୁ ସୁରଟ (ଗୁଜୁରାଟ)କୁ ପ୍ରତିଦିନ ସିଧାସଳଖ ଟ୍ରେନ୍ ଯାହା ପାଞ୍ଚଟି ରାଜ୍ୟକୁ ସଂଯୋଗ କରିବ
- ଲମ୍ବା ଯାତ୍ରା ପାଇଁ ଉନ୍ନତ ଆସନ ଏବଂ ଆରାମ ଦାୟକ ଆଧୁନିକ କୋଚ୍
- ଶ୍ରମିକ, ଛାତ୍ର ଏବଂ ବ୍ୟବସାୟୀଙ୍କ ପାଇଁ ଗୋଟିଏ ଟ୍ରେନ ଯାତ୍ରା ଏବଂ କମ ଯାତ୍ରା ସମୟ
- ପୂର୍ବ, ମଧ୍ୟ ଏବଂ ପଶ୍ଚିମ ଭାରତରେ ସାମାଜିକ ଏବଂ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ଼ କରିବ

ସୋମବାର, 06 ଜୁଲାଇ 2026 | 16:30 ଘଟିକା | ବ୍ରହ୍ମପୁର ରେଳ ଷ୍ଟେସନ

**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ମନ୍ତ୍ରୀ

ଙ୍କ କରକମଳରେ

**ସବୁଜ ପତାକା ଦେଖାଇ ଶୁଭାରମ୍ଭ**

ଗରିମାମୟୀ ଉପସ୍ଥିତି

**ବିଭୂତି ଭୂଷଣ ଜେନା** — ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ଓଡ଼ିଶା ସରକାର
**ଡଃ. ସମ୍ବିତ ପାତ୍ର** — ସାଂସଦ
**ଡଃ. ପ୍ରଦୀପ କୁମାର ପାଣିଗ୍ରାହି** — ସାଂସଦ



ଭାରତୀୟ ରେଳ
www.indianrailways.gov.in
D-03/26-27
ଆମକୁ ଫଲୋ କରନ୍ତୁ: RailMinIndia


# ଜାତୀୟ ରାଜପଥରେ ୩ ଫୁଟର ପାଣି

■ କୋମନା, ୫।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଅଞ୍ଚଳରେ ଗତ କିଛି ଦିନ ହେବ ଜାରି ରହିଥିବା ଲଗାଣ ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷାପାଣି ନିଷ୍କାସନ ହୋଇନପାରି ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଯାତାୟାତ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାୟୀ, କୋମନା ଅଞ୍ଚଳ ଦେଇ ଯାଇଥିବା ଜାତୀୟ ରାଜପଥ ଉପରେ ପ୍ରବଳ ବର୍ଷା ପାଣି ପ୍ରବାହିତ ହେଉଛି। ବିଶେଷ କରି କୋମନା ଜାତୀୟ ରାଜପଥ ନିକଟସ୍ଥ ଷ୍ଟ୍ରକ୍‌ଚର ଓ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବାରୁ ରାସ୍ତା ଉପରେ ପ୍ରାୟ ୩ ଫୁଟ୍‌ର ବନ୍ୟା ଜଳ ଚଳିତ ହେଉଛି। ଏହାଫଳରେ ଦୀର୍ଘ ୩ ଘଣ୍ଟା କାଳ ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ମାଲବାହୀ ଓ ଯାତ୍ରୀବାହୀ ଗାଡ଼ି ଅଟକି ରହିବା ଫଳରେ ଯାତ୍ରୀମାନେ ଚରମ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ଜଳପ୍ଲାବନ ମଧ୍ୟରେ ଏକ ବଡ଼ ଅଘଟଣ ଟଳିଯାଇଛି। ରାସ୍ତା ଉପରେ ▶ପୃଷ୍ଠା-୭

### ଭାସି ଯାଉଥିବା ପରିବାରକୁ ଉଦ୍ଧାର କଲେ ସ୍ଥାନୀୟଲୋକେ



# ନୈନିତାଲ ରିସର୍ଟରେ ଦେହବ୍ୟବସାୟ ରାକେଟ୍ ଠାବ

## ନେପାଳ, ୟୁପି, ପଶ୍ଚିମବଙ୍ଗର ମହିଳା ଉଦ୍ଧାର



ନୈନିତାଲ,୫ ।୭ (ଏଜେନ୍ସି): ଉତ୍ତରାଖଣ୍ଡର ନୈନିତାଲ ଜିଲ୍ଲା ଅନ୍ତର୍ଗତ ରାମନଗର ସ୍ଥିତ ଏକ ରିସର୍ଟରେ ଚାଲିଥିବା କଥିତ ଦେହବ୍ୟବସାୟ ରାକେଟ୍‌ର ପର୍ଦ୍ଦାଫାଶ କରିଛି ପୁଲିସ । ଶନିବାର ବିଳମ୍ବିତ ରାତିରେ ହୋଇଥିବା ଚଢ଼ାଉରେ ୫୨ ଜଣ ପୁରୁଷ ଓ ମହିଳାଙ୍କୁ ସନ୍ଦେହଜନକ ପରିସ୍ଥିତିରେ ଅଟକ ରଖାଯାଇଥିବାବେଳେ ୧୦ ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ହୋଇଥିବା ଯୁବତୀମାନଙ୍କ ମଧ୍ୟରେ ନେପାଳ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ବାସିନ୍ଦା ଥିବା ସୂଚନା ମିଳିଛି । ପୁଲିସ ସୂଚନା ଅନୁସାରେ, ରାମନଗରର ସାୱଲଦେହ ଅଞ୍ଚଳରେ ଥିବା ଏକ ରିସର୍ଟରେ ବାହାର ରାଜ୍ୟର ଅନେକ ଯୁବକ ଓ ଯୁବତୀଙ୍କୁ ନେଇ ଏକ ବଡ଼ ପାର୍ଟି ଆୟୋଜନ କରାଯାଉଥିବା ସମ୍ପର୍କରେ ପୁଲିସକୁ ପୂର୍ବରୁ ଗୁପ୍ତ ସୂଚନା ମିଳିଥିଲା । ଏହାପରେ ରାମନଗର ଥାନା ଅଧିକାରୀ ସୁଶୀଲ କୁମାରଙ୍କ ନେତୃତ୍ୱରେ ପୁଲିସ ଦଳ ନଜର ରଖିଥିଲା । ଶନିବାର ରାତିରେ ପାର୍ଟି ଆରମ୍ଭ ହେବା ପରେ ସେଠାରେ ସନ୍ଦିଗ୍ଧ କାର୍ଯ୍ୟକଳାପ ଚାଲିଥିବା ଜଣାପଡ଼ିଥିଲା । ଏହାପରେ ରାତି ପ୍ରାୟ ୧୨ଟାରୁ ୧ଟା ମଧ୍ୟରେ ଏସ୍‌ଓଜି ଓ ପୁଲିସ ଲାଇନ୍ ଫୋର୍ସର ସହଯୋଗରେ ହଠାତ୍ ଚଢ଼ାଉ କରାଯାଇଥିଲା । ଚଢ଼ାଉ ସମୟରେ ରିସର୍ଟ ପରିସରରେ ହଇଚଇ ସୃଷ୍ଟି ହୋଇଥିଲା । ପୁଲିସ କହିଛି ଯେ, ରିସର୍ଟରୁ ଏକ ବେଆଇନ ମଦ ବାର୍‌ର ସନ୍ଧାନ ମିଳିଛି ।

# ସ୍ୱାମୀକୁ ମାରି ବାଥରୁମରେ ପୋତିଲା ସ୍ତ୍ରୀ

ନୂଆଦିଲ୍ଲୀ,୫ ।୭ (ଏଜେନ୍ସି): ଉତ୍ତର ପ୍ରଦେଶର ଆଗ୍ରାରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି । ସ୍ୱାମୀ ସୁରେନ୍ଦ୍ର ଶର୍ମାଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ବାଥରୁମ ଭିତରେ ପୋତି ଦେଇଥିବା ଅଭିଯୋଗରେ ପୁଲିସ ସ୍ତ୍ରୀ ରୁବି ଶର୍ମାଙ୍କୁ ଗିରଫ କରିଛି । ସୁରେନ୍ଦ୍ର ପ୍ରାୟ ୪୫ ଦିନ ହେବ ନିଖୋଜ ଥିଲେ । ରୁବି ପୁଲିସ ଆଗରେ ସ୍ୱୀକାର କରିଛନ୍ତି ଯେ ସେ ସ୍ୱାମୀଙ୍କ ଖାଦ୍ୟରେ ୧୫ ରୁ ୨୦ଟି ନିଦ ବଟିକା ମିଶାଇ ଦେଇଥିଲେ । ସୁରେନ୍ଦ୍ର ଗଭୀର ନିଦ୍ରାରେ ଶୋଇବା ପରେ ରୁବି ତାଙ୍କୁ ହତ୍ୟା କରିଥିଲେ । ହତ୍ୟା ପରଦିନ ରୁବି ଶ୍ରମିକ ଓ ମିସ୍ତ୍ରୀ ଡାକି ବାଥରୁମର ମାଟି ଚଟାଣ ଉପରେ ଶବକୁ ରଖି ମାଟି ପକାଇବା ସହ ତା' ଉପରେ କଂକ୍ରିଟ୍ ପଲସ୍ତରା କରିଦେଇଥିଲେ । ରୁବି ନିଜେ ଦେଢ଼ଶୁରଙ୍କ ସହ ମିଶି ଥାନାରେ ନିଖୋଜ ହେବା ଅଭିଯୋଗ କରିଥିଲେ ଏବଂ ପଡୋଶୀଙ୍କ ଆଗରେ କାନ୍ଦିବାର ଅଭିନୟ କରୁଥିଲେ । ପରେ ସୁରେନ୍ଦ୍ରଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ । ରୁବିଙ୍କ ବାରମ୍ବାର ବୟାନ ବଦଳାଇବା ଯୋଗୁଁ ପୁଲିସ ତାଙ୍କୁ ପଚରାଉଚରା କରିଥିଲା । ଶେଷରେ ରୁବି ନିଜ ଅପରାଧ ସ୍ୱୀକାର କରିଥିଲେ । ପୁଲିସ ବାଥରୁମ ଚଟାଣ ଖୋଲି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ପଶ୍ଚିମବଙ୍ଗ ସରକାରଙ୍କ ନୂଆ ଆଇନ

# ଭଙ୍ଗାରୁଜା କଲେ ଦେବାକୁ ପଡ଼ିବ ତିନି ଗୁଣା ଜରିମାନା

କୋଲକାତା,୫ ।୭ (ଏଜେନ୍ସି): ପଶ୍ଚିମବଙ୍ଗରେ ହିଂସାତ୍ମକ ଆନ୍ଦୋଳନ ଏବଂ ସରକାରୀ କିମ୍ବା ବେସରକାରୀ ସମ୍ପତ୍ତି ନଷ୍ଟ କରୁଥିବା ଉପଦ୍ରବୀଙ୍କ ବିରୋଧରେ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ନୂଆ ଆଇନ ଅନୁଯାୟୀ, ଆନ୍ଦୋଳନ ସମୟରେ କୌଣସି ସମ୍ପତ୍ତି ଭଙ୍ଗାରୁଜା କଲେ ସମ୍ପୃକ୍ତ ଅଭିଯୁକ୍ତଙ୍କଠାରୁ କ୍ଷୟକ୍ଷତିର ତିନି ଗୁଣା ଅର୍ଥ ଆଦାୟ କରାଯିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି । ଶିଳ୍ପପତି ଓ ନିବେଶକମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ଆଇନ ଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି । ଭବାନୀପୁରଠାରେ ଆୟୋଜିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ରରେ ସମସ୍ତଙ୍କର ଆନ୍ଦୋଳନ କରିବାର ଅଧିକାର ଅଛି, ମାତ୍ର ହିଂସା ଓ ସମ୍ପତ୍ତି ନଷ୍ଟକୁ ଆଦୌ ବରଦାସ୍ତ କରାଯିବ ନାହିଁ । ଯଦି କେହି ଜରିମାନା ଦେବାରେ ବିଫଳ ହୁଅନ୍ତି, ତେବେ ତାଙ୍କ ସମ୍ପତ୍ତି ନିଲାମ କରି ଏହି ଅର୍ଥ ଆଦାୟ କରାଯିବ । ଉଦାହରଣ ସ୍ୱରୂପ, ଯଦି ୧ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୁଏ, ତେବେ ୩ କୋଟି ଟଙ୍କା ଜରିମାନା ଦେବାକୁ ପଡ଼ିବ ଓ ଏଥିସହ ଜେଲ ଦଣ୍ଡ ଭୋଗିବାର ସମ୍ଭାବନା ରହିଛି । ଗତ ଜୁନ ୨୮ ତାରିଖରେ ପଶ୍ଚିମବଙ୍ଗ ବିଧାନସଭାରେ ଏହି ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି । ଏଥିମଧ୍ୟରୁ ଗୋଟିଏ ଆଇନ ଆନ୍ଦୋଳନକାରୀଙ୍କୁ ଆର୍ଥିକ ଭାବେ ଦାୟୀ କରୁଥିବା ବେଳେ ଅନ୍ୟ ବିଲ୍‌ଟି ସାମାଜିକ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିନା ବିଚାରରେ ୧୨ ମାସ ପର୍ଯ୍ୟନ୍ତ ଗିରଫ କରି ରଖିବାକୁ କ୍ଷମତା ପ୍ରଦାନ କରୁଛି । ରାଜ୍ୟରେ ଶିଳ୍ପାନୁଷ୍ଠାନଗୁଡ଼ିକୁ ସୁରକ୍ଷା ଦେବା ଏବଂ ସାଧାରଣ ଶୃଙ୍ଖଳା ବଜାୟ ରଖିବାରେ ଏହି ଆଇନ ବିଶେଷ ସହାୟକ ହେବ ବୋଲି ସରକାର କହିଛନ୍ତି ।

## ଶ୍ୟାମା ପ୍ରସାଦଙ୍କ ପ୍ରତିମୂର୍ତ୍ତି ବେଦି ଭଙ୍ଗା, ଜଣେ ଗିରଫ

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ କୋଲକାତା ଗସ୍ତ ପୂର୍ବରୁ ଉତ୍ତର କୋଲକାତାର ସୁକିଆ ଷ୍ଟ୍ରିଟ୍‌ରେ ସ୍ଥାପିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିର ବେଦିକୁ ଭଙ୍ଗାଯାଇଥିବା ଅଭିଯୋଗ ହୋଇଛି । ପ୍ରତିମୂର୍ତ୍ତି ଅକ୍ଷତ ଥିବାବେଳେ ନାମଫଳକ କ୍ଷତିଗ୍ରସ୍ତ ହୋଇଛି । ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଥିବାବେଳେ ରୂପେଶ ହାଜରା (୨୬) ନାମକ ଜଣେ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି । ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସନ୍ଧାନ ଜାରି ରହିଛି । ଏହି ଘଟଣାକୁ ବିଜେପି ପକ୍ଷରୁ ନିନ୍ଦା କରାଯାଇଛି ।

### ଇରାନର ସର୍ବୋଚ୍ଚ ନେତାଙ୍କ ଅନ୍ତ୍ୟେଷ୍ଟି

# ଟ୍ରମ୍ପଙ୍କ ବିବାଦୀୟ ବୟାନକୁ ନେଇ ଝଡ଼

## ଇରାନୀ ନେତୃତ୍ୱକୁ ଗୋଟିଏ ମାଡ଼ରେ ସଫା କରିପାରିବୁ



ୱାସିଂଟନ/ତେହେରାନ,୫।୭ (ଏଜେନ୍ସି): ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଅବସରରେ ସମଗ୍ର ଇରାନ ଏବେ ଶୋକାକୁଳ । ତେହେରାନର ରାଜପଥରେ ହଜାର ହଜାର ଶୋକାର୍ତ୍ତ ଜନତା ଏକତ୍ରିତ । ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଅନ୍ତ୍ୟେଷ୍ଟିକୁ ନେଇ ଏକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଟ୍ରମ୍ପ ଅନ୍ତ୍ୟେଷ୍ଟିକ୍ରିୟାକୁ କଟାକ୍ଷ କରି ଇରାନର ବର୍ତ୍ତମାନର ନେତୃତ୍ୱକୁ ଏକପ୍ରକାର ଧମକ ଦେଇଛନ୍ତି । ସେ ଦାବି କରିଛନ୍ତି ଯେ ୱାସିଂଟନ୍ ଚାହିଁଲେ ମାତ୍ର "ଗୋଟିଏ ଆକ୍ରମଣ'ରେ ଖାମେନେଇଙ୍କ ଶୋକସଭାରେ ଏକତ୍ରିତ ହୋଇଥିବା ଇରାନର ସମଗ୍ର ବରିଷ୍ଠ ନେତୃତ୍ୱକୁ ନିପାତ କରିପାରିବ । ଆମେରିକାର ସମ୍ବାଦ ସଂସ୍ଥା ଏକ୍ସିଓସ୍‌କୁ ଦେଇଥିବା ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ଯେ, "ଇରାନ ନେତାମାନେ ସମସ୍ତେ ଏକତ୍ରିତ ଅଛନ୍ତି । ଗୋଟିଏ ଆକ୍ରମଣରେ ଆମେ ଏକାବେଳେ ସମସ୍ତଙ୍କୁ ନିଶ୍ଚିହ୍ନ କରି ଦେଇପାରିବୁ । କିନ୍ତୁ ଆମେ ତାହା କରିବୁ ନାହିଁ କାରଣ ତାହା କଲେ ଆଲୋଚନା ପାଇଁ ଆଉ କେହି ବାକି ରହିବେ ନାହିଁ' ସୂଚନାଯୋଗ୍ୟ, ଗତ ଫେବୃଆରୀ ୨୮ ରେ ଆମେରିକା-ଇସ୍ରାଏଲ୍ ବିମାନ ଆକ୍ରମଣରେ ଖାମେନେଇଙ୍କ ମୃତ୍ୟୁ ଘଟିଥିଲା । ଆମେରିକାର ସ୍ୱାଧୀନତା ଦିବସ ପୂର୍ବରୁ ମାଉଣ୍ଟ ରଶମୋରରେ ଏକ ସଭାକୁ ସମ୍ବୋଧିତ କରି ଟ୍ରମ୍ପ ଇରାନକୁ ଉପହାସ କରିଥିଲେ । ଆମେରିକା ଇରାନକୁ ଧୂଳି ଚଟାଇ ଦେଇଛି । ତେଣୁ ଇରାନ ବୁଝାମଣା ପାଇଁ ବ୍ୟାକୁଳ ଅଛି । ଏପରିକି ଆମେରିକା ଦୟା ଦେଖାଇ ଇରାନକୁ ଶୋକସଭା ପାଇଁ ଏକ ସପ୍ତାହ ସମୟ ଦେଇଥିବା ଟ୍ରମ୍ପ କଟାକ୍ଷ କରି କହିଥିଲେ । ଏହା ସହିତ ଖାମେନେଇଙ୍କ ପାଇଁ କାନ୍ଦୁଥିବା ଇରାନୀ ନାଗରିକ ଓ ନେତାମାନଙ୍କୁ ମଧ୍ୟ ସେ ସମାଲୋଚନା କରିଛନ୍ତି । ତାଙ୍କ ଅନୁଯାୟୀ, ଇରାନ ନାଗରିକ ଖାମେନେଇଙ୍କୁ ଘୃଣା କରୁଥିଲେ ଏବଂ ତାଙ୍କ ଶବାଧାରରେ ଲୋକ ଗୁଡ଼ିକ ମିଛିମିଛିକା କାନ୍ଦୁଛନ୍ତି । ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ଆର୍ମେନିଆରେ ଥିବା ଇରାନ ଦୂତାବାସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ, ଟ୍ରମ୍ପଙ୍କ ପାଖରେ ନା ସଭ୍ୟତା ଅଛି ନା ସମ୍ମାନ । ଅନ୍ୟପଟେ, ଇରାନର ସାମରିକ କମାଣ୍ଡର ଅଲି ଅବଦୁଲ୍ଲାହି ଆମେରିକା ଓ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି । କୌଣସି ଭୁଲ୍ ନିଷ୍ପତ୍ତି ନିଆଗଲେ ଇରାନ କଠୋର ପ୍ରତିଶୋଧ ନେବ ବୋଲି ସେ କହିଛନ୍ତି । ଖାମେନେଇଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଜୁଲାଇ ୪ରୁ ୯ ଯାଏଁ ଅନୁଷ୍ଠିତ ହେବ ।



# ଖାମନେଇଙ୍କ ଅନ୍ତ୍ୟେଷ୍ଟିରେ ସାମିଲ ହେଲେ ୩ ପୁତ୍ର

ତେହେରାନ,୫ ।୭ (ଏଜେନ୍ସି): ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ଶେଷ ଦର୍ଶନ ପାଇଁ ରାଜଧାନୀ ତେହେରାନରେ ଲକ୍ଷ ଲକ୍ଷ ଶୋକାକୁଳ ଜନସାଧାରଣ ଏକତ୍ରିତ ହୋଇଛନ୍ତି । ରବିବାର ଅନୁଷ୍ଠିତ ଏହି ସାମୂହିକ ପ୍ରାର୍ଥନା ସଭାରେ ଖାମେନେଇଙ୍କ ତିନି ପୁତ୍ର ମୋସ୍ତଫା, ମେସାମ ଏବଂ ମାସୁଦ ଖାମେନେଇ ଉପସ୍ଥିତ ରହି ନିଜ ପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ମାତ୍ର ନୂଆ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିବା ସହ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଉତ୍ତରାଧିକାରୀ ମୋଜତାବା ଅନୁପସ୍ଥିତ

ଇରାନର ସରକାରୀ ଗଣମାଧ୍ୟମ ଦ୍ୱାରା ପ୍ରସାରିତ ଚିତ୍ର ଅନୁଯାୟୀ, ଏହି ଶୋକ ସଭାରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ, ସଂସଦର ବାଚସ୍ପତି ଏବଂ ସେନା ମୁଖ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ ହୋଇଥିଲେ । ପତାକା ଏବଂ ପାରମ୍ପରିକ ପଗଡ଼ିରେ ଆଚ୍ଛାଦିତ ହୋଇଥିବା ଖାମେନେଇଙ୍କ ଶବଧାର ନିକଟରେ ଠିଆ ହୋଇ ତାଙ୍କ ପୁତ୍ରମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା । ଗତ ମାର୍ଚ୍ଚ ମାସରେ ପିତାଙ୍କ ମୃତ୍ୟୁ ପରେ ମୋଜତାବା ଖାମେନେଇ ଇରାନର ସର୍ବୋଚ୍ଚ ଶାସନ ଭାର ଗ୍ରହଣ କରିଛନ୍ତି, କିନ୍ତୁ ସେବେଠାରୁ ସେ ସାର୍ବଜନୀନ ଭାବେ କେଉଁଠି ଦେଖାଦେଇନାହାନ୍ତି । ଗତ ଫେବୃଆରୀ ମାସରେ ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ବୋମା ବିସ୍ଫୋରଣରେ ତାଙ୍କ ପରିବାରର ବହୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିଲା ଏବଂ ସେହି ଆକ୍ରମଣରେ ମୋଜତାବା ମଧ୍ୟ ଗୁରୁତର ଭାବେ ଆହତ ହୋଇଥିବା କୁହାଯାଉଛି । ଇସ୍ରାଏଲ୍ ପକ୍ଷରୁ ପୁଣିଥରେ ଆକ୍ରମଣ କିମ୍ବା ଗୁପ୍ତହତ୍ୟାର ଆଶଙ୍କା ଥିବାରୁ ତାଙ୍କୁ ସର୍ବସାଧାରଣ ସ୍ଥାନକୁ ନଆସିବାକୁ କୁହାଯାଇଛି । ସେ ଆହତ ଥିବାରୁ ଏବଂ ସୁରକ୍ଷା କାରଣରୁ ନିଜର ସ୍ୱର କିମ୍ବା ଚିତ୍ର ଗଣମାଧ୍ୟମରେ ପ୍ରକାଶ ନକରିବାକୁ ତାଙ୍କୁ ସତର୍କ କରାଯାଇଛି । ଗତ ସପ୍ତାହରେ ସେହି ଆକ୍ରମଣରେ ପ୍ରାଣ ହରାଇଥିବା ନିଜ ପତ୍ନୀ ଏବଂ ସନ୍ତାନଙ୍କ ସ୍ମୃତି ସଭାରେ ମଧ୍ୟ ମୋଜତାବା ସାମିଲ ହୋଇପାରି ନ ଥିଲେ ।



## ୬୦ ବର୍ଷ ବୟସରେ ଗୌରୀଙ୍କ ହାତ ଧରିଲେ ଅମିର ଖାନ

ବଲିଉଡର ସୁପରଷ୍ଟାର ଆମିର ଖାନ ପୁଣି ଥରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଦୀର୍ଘ ଦୁଇ ବର୍ଷର ପ୍ରେମ ସମ୍ପର୍କ ପରେ ସେ ତାଙ୍କର ପୁରୁଣା ବନ୍ଧୁ ଗୌରୀ ସ୍ପ୍ରାଟଙ୍କୁ ନିଜର ଜୀବନସାଥୀ ଭାବେ ଗ୍ରହଣ କରିଛନ୍ତି । ମୁମ୍ବାଇର ବାନ୍ଦ୍ରାସ୍ଥିତ ଆମିରଙ୍କ ବାସଭବନରେ ଅତି ନିରାଡ଼ମ୍ବର ଭାବେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ବିବାହ ଉତ୍ସବରେ କେବଳ ପରିବାର ଲୋକ ଓ କିଛି ଅତି ନିକଟତର ବନ୍ଧୁ ଉପସ୍ଥିତ ଥିଲେ । ଉଭୟେ ଆଇନଗତ ଦଲିଲରେ ସ୍ୱାକ୍ଷର କରି ନିଜର ବିବାହକୁ ପଞ୍ଜିକୃତ କରିଛନ୍ତି । ଏହି ସ୍ୱତନ୍ତ୍ର ଅବସରରେ ଆମିରଙ୍କ ତିନି ସନ୍ତାନ ଏବଂ ଗୌରୀଙ୍କ ପୁଅ ମଧ୍ୟ ଉପସ୍ଥିତ ଥିଲେ । ଆମିର ଓ ଗୌରୀ ପରସ୍ପରକୁ ଦୀର୍ଘ ୨୫ ବର୍ଷ ହେବ ଜାଣିଥିଲେ ମଧ୍ୟ ଦୁଇ ବର୍ଷ ତଳେ ସେମାନଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ପୂର୍ବରୁ ଦୁଇଟି ବିବାହ ବିଚ୍ଛେଦ ପରେ ୬୦ ବର୍ଷ ବୟସରେ ଆମିରଙ୍କ ଜୀବନକୁ ଗୌରୀ ଶାନ୍ତି ଓ ସ୍ଥିରତା ଆଣିଦେଇଛନ୍ତି ବୋଲି ଅଭିନେତା ପ୍ରକାଶ କରିଛନ୍ତି ।

# ବିଶାଖାପାଟଣା ଉପକୂଳରେ ୬ ମତ୍ସ୍ୟଜୀବୀ ନିଖୋଜ

ବିଶାଖାପାଟଣା,୫ ।୭ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଉପକୂଳରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ମାଛଧରା ଡଙ୍ଗା ସହ ସମ୍ପର୍କ ବିଚ୍ଛିନ୍ନ ହେବା ପରେ ୬ ଜଣ ମତ୍ସ୍ୟଜୀବୀ ନିଖୋଜ ହୋଇଛନ୍ତି । ଡଙ୍ଗାରେ ମୋଟ ୭ ଜଣ ରହିଥିଲେ । ଜୁଲାଇ ୧ରେ ବିଶାଖାପାଟଣା ମତ୍ସ୍ୟ ବନ୍ଦରରୁ ସମୁଦ୍ରକୁ ଯାଇଥିବା ଏହି ଡଙ୍ଗା ଜୁଲାଇ ୪ରେ ଫେରିବା କଥା ଥିଲା । ଲଘୁଚାପ ଯୋଗୁଁ ପାଗ ଖରାପ ହେବାରୁ ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ ଫେରି ଆସିବାକୁ ସତର୍କ କରାଯାଇଥିଲା । ପରେ ଡଙ୍ଗା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା । ଏହାପରେ ଭାରତୀୟ ତଟରକ୍ଷୀ ବାହିନୀ, ଭାରତୀୟ ନୌସେନା, ସାମୁଦ୍ରିକ ପୁଲିସ ଓ ଅନ୍ୟ ସଂସ୍ଥା ପକ୍ଷରୁ ବ୍ୟାପକ ଖୋଜାଖୋଜି ଅଭିଯାନ ଚାଲିଛି । ନୌସେନାର ହେଲିକପ୍ଟର ମଧ୍ୟ ଅନୁସନ୍ଧାନରେ ସାମିଲ ହୋଇଛି ।

# କାଶ୍ମୀର ପାଠ୍ୟପୁସ୍ତକେରେ ହାଫିଜ୍ ସୟିଦ୍ 'ମହାନ ବ୍ୟକ୍ତି'




## ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ ବଳରେ ମାମଲା ରୁଜୁ

ଶ୍ରୀନଗର, ୫ ।୭ (ଏଜେନ୍ସି): ଜମ୍ମୁ-କାଶ୍ମୀରର ସରକାରୀ ବିଦ୍ୟାଳୟ ପାଇଁ କିଣାଯାଇଥିବା ଦୁଇଟି ବହିକୁ ନେଇ ତୀବ୍ର ବିବାଦ ଦେଖାଦେଇଛି । ଏହି ବହିଗୁଡ଼ିକରେ ମୁମ୍ବାଇ ଆକ୍ରମଣର ମୁଖ୍ୟ ସୂତ୍ରଧର ଆତଙ୍କବାଦୀ ହାଫିଜ୍ ସୟିଦ୍ ଏବଂ ବିଚ୍ଛିନ୍ନତାବାଦୀ ନେତା ମକବୁଲ ଭଟ୍ଟଙ୍କୁ 'ମହାନ ବ୍ୟକ୍ତିତ୍ୱ' ଭାବେ ବର୍ଣ୍ଣନା କରାଯାଇଛି । ଏହି ଘଟଣାରେ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ୱିଙ୍ଗ ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଆଇନ (ୟୁଏପିଏ) ଏବଂ ବିଭିନ୍ନ ଧାରା ଅଧୀନରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପାଠ୍ୟପୁସ୍ତକରେ ଜମ୍ମୁ-କାଶ୍ମୀରକୁ 'ଭାରତ ଅଧିକୃତ କାଶ୍ମୀର' ବୋଲି ଉଲ୍ଲେଖ କରାଯିବା ସହ ପ୍ରତିବନ୍ଧିତ ସଂଗଠନର ପ୍ରତିଷ୍ଠାତା ମକବୁଲ ଭଟ୍ଟଙ୍କୁ ଶହୀଦ ଏବଂ ଅନ୍ୟ ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ପ୍ରଭାବଶାଳୀ ବ୍ୟକ୍ତି ଭାବେ ଚିତ୍ରିତ କରାଯାଇଛି । ବିଜେପି ଏହାକୁ 'ଶିକ୍ଷାଗତ ଜିହାଦ' ବୋଲି ଆଖ୍ୟା ଦେଇ ଦୃଢ଼ ବିରୋଧ କରିଛି । ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ପରେ ଶିକ୍ଷା ବିଭାଗ ତୁରନ୍ତ ଏହି ବହିଗୁଡ଼ିକ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛି । ବହି ଚୟନ କରିଥିବା କମିଟିର ସଦସ୍ୟ ଏବଂ ଅଧିକାରୀଙ୍କ ଚରମ ଅବହେଳା ପାଇଁ ୮ ଜଣ ସରକାରୀ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି ଏବଂ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦିଆଯାଇଛି । ସମ୍ପୃକ୍ତ ଲେଖକ ଏବଂ ପ୍ରକାଶକମାନଙ୍କୁ ଜମ୍ମୁ-କାଶ୍ମୀରରେ କଳାତାଲିକାଭୁକ୍ତ କରାଯାଇଛି । ପୁଲିସ ଜମ୍ମୁସ୍ଥିତ ପ୍ରକାଶକଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରି ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ଏବଂ ଡିଜିଟାଲ ପ୍ରମାଣ ଜବତ କରିଛି । ଜମ୍ମୁ-କାଶ୍ମୀରର ଉପ-ରାଜ୍ୟପାଳ ମନୋଜ ସିହ୍ନା ଏହି ଘଟଣାରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବା ଏହିଭଳି ବିଷୟବସ୍ତୁ କିଭଳି ପାଠ୍ୟକ୍ରମରେ ସ୍ଥାନ ପାଇଲା, ସେ ନେଇ ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି ।

# ଏନକାଉଣ୍ଟରରେ ଲରେନ୍ସ ଗ୍ୟାଙ୍ଗ୍‌ର ଦୁଇ ସୁଟର ନିହତ

ଝଜ୍ଜର,୫ ।୭ (ଏଜେନ୍ସି): ହରିୟାଣା ଏସ୍‌ଟିଏଫ୍ ଓ ଦିଲ୍ଲୀ ପୁଲିସର ମିଳିତ ଅଭିଯାନରେ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ଦୁଇ ଶୁଟର ରବିବାର ଭୋରରେ ଏନକାଉଣ୍ଟରରେ ନିହତ ହୋଇଛନ୍ତି । ମୃତକମାନେ ପ୍ରବେଶ ଓ ହିମାଂଶୁ ବୋଲି ପୁଲିସ ଚିହ୍ନଟ କରିଛି । ଉଭୟଙ୍କ ମୁଣ୍ଡ ଉପରେ ଏକ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଘୋଷଣା କରାଯାଇଥିଲା । ପୁଲିସ ସୂଚନା ଅନୁସାରେ, ଗୁପ୍ତ ସୂଚନା ଆଧାରରେ ବହାଦୁରଗଡ଼ ଅଞ୍ଚଳରେ ଘେରାଉ କରାଯିବା ପରେ ଅଭିଯୁକ୍ତମାନେ ପୁଲିସ ଉପରେ ଗୁଳିଚାଳନା କରିଥିଲେ । ପାଲଟା କାର୍ଯ୍ୟାନୁଷ୍ଠାନରେ ଉଭୟ ନିହତ ହୋଇଥିବାବେଳେ ଜଣେ ପୁଲିସ କର୍ମଚାରୀ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଉଭୟ ପକ୍ଷ ମଧ୍ୟରେ ପ୍ରାୟ ୧୨ରୁ ୧୩ ରାଉଣ୍ଡ ଗୁଳି ବିନିମୟ ହୋଇଥିଲା । ନିହତ ଦୁଇ ଅଭିଯୁକ୍ତ ଗତ ଜୁନ୍ ୧୧ରେ ହାଁସିର ଜିମ୍ ମାଲିକ କପିଲ ରେଢୁଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି । ଏହି ହତ୍ୟାକାଣ୍ଡର ଦାୟିତ୍ୱ ଲରେନ୍ସ ଗ୍ୟାଙ୍ଗ ସହ ଜଡ଼ିତ ହ୍ୟାରି ବକ୍ସର ଅନଲାଇନ୍ ପୋଷ୍ଟ ମାଧ୍ୟମରେ ନେଇଥିବା ଦାବି କରିଥିଲା । ତେବେ ଏହି ପୋଷ୍ଟର ସତ୍ୟତା ସ୍ୱାଧୀନ ଭାବେ ପ୍ରମାଣିତ ହୋଇନାହିଁ । ପୁଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଛି ।

# ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା

ବାରୁଇପୁର,୫ ।୭ (ଏଜେନ୍ସି): ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାରୁ ଏକ ଅତି ନିର୍ମମ ତଥା ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ବାରୁଇପୁର ଅଞ୍ଚଳରେ ଜଣେ ୧୨ ବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ରବିବାର ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ଓ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଏକ ପୋଖରୀରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ପରିବାର ଲୋକଙ୍କ କହିବା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଖାଦ୍ୟ ସାମଗ୍ରୀ କିଣିବା ପାଇଁ ନାବାଳିକା ଜଣକ ଘରୁ ବାହାରକୁ ଯାଇଥିଲେ, ମାତ୍ର ଆଉ ଘରକୁ ଫେରିନଥିଲେ । ଚାରି ଜଣ ବ୍ୟକ୍ତି ତାଙ୍କୁ ଅପହରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ରବିବାର ସକାଳେ ଘର ନିକଟସ୍ଥ ଏକ ପୋଖରୀରୁ ତାଙ୍କ ଶବ ମିଳିବା ପରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ । ଏହି ବିକ୍ଷୋଭ ଉଗ୍ର ରୂପ ନେଇଥିଲା, ଯେଉଁଥିରେ ପୁଲିସଗାଡ଼ି ଭଙ୍ଗାରୁଜା ହେବା ସହ କିଛି ପୁଲିସ କର୍ମଚାରୀ ଆହତ ହୋଇଛନ୍ତି ।

## ପୋଖରୀରୁ ମୃତଦେହ ଉଦ୍ଧାର

ପୁଲିସ ପ୍ରାଥମିକ ତଦନ୍ତରୁ ନାବାଳିକାଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ସନ୍ଦେହ କରୁଛି ଏବଂ ଶାରୀରିକ ନିର୍ଯାତନାର ଆଶଙ୍କା ମଧ୍ୟ କରାଯାଉଛି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ କହିଛି । ଏହି ଘଟଣା ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପୀଡ଼ିତାଙ୍କ ପିତାଙ୍କ ସହ କଥା ହୋଇଛନ୍ତି ଏବଂ ଆସନ୍ତା ମଙ୍ଗଳବାର ଦିନ ତାଙ୍କ ପରିବାରକୁ ଭବାନୀ ଭବନରେ ଭେଟିବାକୁ କହିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ଏବଂ ଅପରାଧୀଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛି ।

# ବଦ୍ରିନାଥ ଦାନ ଲୁଟ୍ ପୂର୍ବରୁ ବଦଳାଯାଇଥିଲା ସିସିଟିଭି କ୍ୟାମେରା

ଚାମୋଲି,୫ ।୭ (ଏଜେନ୍ସି): ଶ୍ରୀ ବଦ୍ରିନାଥ ଧାମରେ ଦାନ ଓ ଭୋଗ ଅର୍ଥରେ ଅନିୟମିତତା ଅଭିଯୋଗ ମଧ୍ୟରେ ଜୁଲାଇ ୧ରେ ମନ୍ଦିରର ସମସ୍ତ ସିସିଟିଭି କ୍ୟାମେରା ବଦଳାଯାଇଥିବା ଘଟଣାକୁ ନେଇ ନୂଆ ପ୍ରଶ୍ନ ଉଠିଛି । ଶ୍ରୀ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ସୋହନ ସିଂହ ରଙ୍ଗଡ଼ କହିଛନ୍ତି, ଜଣେ ଦାତାଙ୍କ ପକ୍ଷରୁ ଉଚ୍ଚ କ୍ଷମତାସମ୍ପନ୍ନ ନୂଆ କ୍ୟାମେରା ଉପହାର ମିଳିବା ପରେ ନିୟମିତ ପ୍ରକ୍ରିୟାରେ ୩୨ଟି କ୍ୟାମେରା ବଦଳାଯାଇଥିଲା । ପୁରୁଣା ସମସ୍ତ ଦୃଶ୍ୟ ରେକର୍ଡ ସୁରକ୍ଷିତ ରହିଛି ଏବଂ ତଦନ୍ତ ପାଇଁ ଉପଲବ୍ଧ କରାଯିବ ବୋଲି ସେ କହିଛନ୍ତି । ଅଭିଯୋଗର ନିରପେକ୍ଷ ତଦନ୍ତ ପାଇଁ ମନ୍ଦିର କମିଟି ନିର୍ଦ୍ଦେଶ ଦେଇଥିବାବେଳେ ସମ୍ପୃକ୍ତ କର୍ମଚାରୀଙ୍କଠାରୁ ସ୍ପଷ୍ଟୀକରଣ ମଗାଯାଇଛି । ଦୋଷ ପ୍ରମାଣିତ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଟି ସୂଚନା ଦେଇଛି । ରାମ ମନ୍ଦିରର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ବିରୋଧୀ ଦଳର ନେତାମାନଙ୍କୁ ପଚରାଉଚରା କରିବାକୁ ବିଶ୍ୱ ହିନ୍ଦୁ ପରିଷଦ (ବିଏଚ୍‌ପି) ଅଯୋଧ୍ୟା ପୁଲିସକୁ ଚିଠି ଲେଖିଛି । ଅଭିଯୋଗର ସତ୍ୟତା ପ୍ରମାଣ କରିବା ପାଇଁ ତଥ୍ୟ ଓ ପ୍ରମାଣ ଦାଖଲ କରିବାକୁ ସମ୍ପୃକ୍ତ ନେତାମାନଙ୍କୁ କହିବାକୁ ସଂଗଠନ ଦାବି କରିଛି । ଚିଠିରେ ପ୍ରିୟଙ୍କା ଗାନ୍ଧୀ, ଅରବିନ୍ଦ କେଜ୍ରିୱାଲ, ରାମ ଗୋପାଳ ଯାଦବ ଓ ସଞ୍ଜୟ ସିଂଙ୍କ ନାମ ଉଲ୍ଲେଖ କରାଯାଇଛି ।

# ମୁମ୍ବାଇରେ ବର୍ଷା ତାଣ୍ଡବ ଜାରି



- ଅଳ୍ପକେ ବର୍ତ୍ତିଲେ ମୁକେଶ ଅମ୍ବାନୀ
- କାର ପଟୁଆର ଯାଉଥିବା ବେଳେ ଭାଙ୍ଗି ପଡ଼ିଲା ବିରାଟ ଗଛ

ମୁମ୍ବାଇ,୫ ।୭ (ଏଜେନ୍ସି): ମୁମ୍ବାଇରେ ଜାରି ରହିଥିବା ପ୍ରବଳ ବର୍ଷା ବିପର୍ଯ୍ୟୟ ମଧ୍ୟରେ ଦେଶର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଅଧ୍ୟକ୍ଷ ମୁକେଶ ଅମ୍ବାନୀ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ରବିବାର ଦିନ ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଅମ୍ବାନୀଙ୍କ ସୁରକ୍ଷା ଗାଡ଼ିଗୁଡ଼ିକର ପଟୁଆର ଯାଉଥିବା ସମୟରେ ହଠାତ୍ ସେମାନଙ୍କ ସମ୍ମୁଖରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିଥିଲା । ଏହି ଆକସ୍ମିକ ଘଟଣା ଯୋଗୁଁ ସେଠାରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ଆରକ୍ଷୀ (ପୁଲିସ) ବାହିନୀର ସୂଚନା ଅନୁଯାୟୀ, ମୁକେଶ ଅମ୍ବାନୀଙ୍କ ସୁରକ୍ଷା ଦଳର ଗାଡ଼ିଗୁଡ଼ିକ ଯାଉଥିବା ବେଳେ ହିଁ ଏହି ଅଘଟଣ ଘଟିଥିଲା । ଗଛଟି ଠିକ୍ ଗାଡ଼ିଗୁଡ଼ିକର ସମ୍ମୁଖରେ ପଡ଼ିଥିବାରୁ ସମସ୍ତ ଗାଡ଼ିକୁ ତୁରନ୍ତ ଅଟକାଇ ଦିଆଯାଇଥିଲା । ଭାଗ୍ୟବଶତଃ ଏହି ଦୁର୍ଘଟଣାରେ କେହି ଆହତ ହୋଇନାହାନ୍ତି କିମ୍ବା କୌଣସି ଗାଡ଼ିର କ୍ଷତି ହୋଇନାହିଁ । ଏହି ସମ୍ପୂର୍ଣ୍ଣ ଘଟଣାର କିଛି ଦୃଶ୍ୟ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ପ୍ରସାରିତ ହେବାରେ ଲାଗିଛି । ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ପ୍ରଶାସନ ଏବଂ ପୌରପାଳିକା କର୍ମଚାରୀମାନେ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ ଗଛକୁ କାଟି ହଟାଇବା ସହ ବାଧାପ୍ରାପ୍ତ ହୋଇଥିବା ଗାଡ଼ି ଚଳାଚଳକୁ ପୁନର୍ବାର ସ୍ୱାଭାବିକ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ କିଛି ଦିନ ହେବ ମୁମ୍ବାଇରେ ପ୍ରବଳ ମୌସୁମୀ ବର୍ଷା ସହ ଜୋରରେ ପବନ ବହୁଛି ।





# ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଲା ବସ୍‌ଷ୍ଟାଣ୍ଡ ପାଚେରି

ଖଡ଼ିଆଳ,୫।୭ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସରକାରୀ ବସ୍‌ଷ୍ଟାଣ୍ଡ କାମ ନିମ୍ନମାନର ହୋଇଥିବାରୁ ଉଦ୍‌ଘାଟନ ପୂର୍ବରୁ ଗୋଟିଏ ପାର୍ଶ୍ୱର ପାଚେରି ପ୍ରାୟ ୭୦ ଫୁଟ ଭୁଶୁଡ଼ି ପଡ଼ିଛି। ଫଳରେ ୯ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ବସଷ୍ଟାଣ୍ଡ କାର୍ଯ୍ୟର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି। ପାଚେରି ଭାଙ୍ଗିବା ଫଳରେ ପାର୍ଶ୍ୱବର୍ତ୍ତୀ କିଛି ଲୋକଙ୍କ କ୍ଷତି ହୋଇଥିବା ଅଭିଯୋଗ ହେଉଛି। ଅଞ୍ଚଳବାସୀଙ୍କ



ଅଭିଯୋଗ ଅନୁଯାୟୀ, ବସ୍‌ଷ୍ଟାଣ୍ଡ ନିର୍ମାଣ କାମରେ ନିମ୍ନମାନର ସାମଗ୍ରୀ ଓ କମ ସିମେଣ୍ଟ ଓ ଅଧିକ ବାଲି ବ୍ୟବହାର ହୋଇଥିବାରୁ ପାଚେରିଟି ଉଦ୍‌ଘାଟନ ପୂର୍ବରୁ ହିଁ ଭୁଶୁଡ଼ି ପଡ଼ିଛି। ଏପରିକି ପାଚେରିର ଅନେକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ତାହା ମଧ୍ୟ ଆଗାମୀ ଦିନରେ ଭୁଶୁଡ଼ି ଯିବାର ସମ୍ଭାବନା ଥିବାବେଳେ ସିମେଣ୍ଟ ଫ୍ଲୋରିଂ ମଧ୍ୟ କେତେକ ସ୍ଥାନରେ ଫାଟିଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ପାଚେରି ଭାଙ୍ଗିବା ପରେ ସ୍ଥାନୀୟଲୋକେ ସମ୍ପୃକ୍ତ ବିଭାଗ ଓ ପ୍ରଶାସନଙ୍କ ନିକଟରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଦାୟିତ୍ୱରେ ଥିବା ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବାକୁ ଦାବି ହେଉଛି।

# ଭିଜିଲାନ୍ସ ଜାଲରେ ନିମ୍ନା ସରପଞ୍ଚ

ତରଭା, ୫।୭(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ନିମ୍ନା ପଞ୍ଚାୟତର ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ପଞ୍ଚାୟତର ଏକ ପୋଖରୀକୁ ମାଛ ଚାଷ ପାଇଁ ଠିକାରେ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସମ୍ବଲପୁର ଭିଜିଲାନ୍ସ ତାଙ୍କୁ ଧରିଛି। ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ସଂପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଞ୍ଚ ବର୍ଷ



ପାଇଁ ପଞ୍ଚାୟତ ପୋଖରୀ ଠିକାରେ ନେଇଛି। ମାଛ ଚାଷ କରିବା ପାଇଁ ଆବଶ୍ୟକ ଚୁକ୍ତିନାମାରେସରପଞ୍ଚଙ୍କ ସ୍ୱାକ୍ଷରଓଜିଲ୍ଲା ମତ୍ସ୍ୟ ବିଭାଗ ପାଖରୁ ସବସିଡି ଅନୁମୋଦନ ପାଇଁ ସୁପାରିଶ କରିବାକୁ ସରପଞ୍ଚ ୪୦ ହଜାର ଟଙ୍କା ଦାବି କରିଥିଲେ। ତେବେ ସମ୍ପୃକ୍ତ ଏସଏଚଜିର କର୍ମକର୍ତ୍ତା ଏତେ ଟଙ୍କା ଦେବାରେ ଅକ୍ଷମତା ପ୍ରକାଶ କରିଥିଲେ। ଶେଷରେ ମୁଲଚାଲ କରି ୨୦ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏହାପରେ ସଂପୃକ୍ତ ଏସଏଚଜିର କର୍ମକର୍ତ୍ତା ସମ୍ବଲପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ରବିବାର ନିରନ୍ତର ବର୍ଷା ଲାଗି ରହିଥିଲେ ସୁଦ୍ଧା କର୍ମକର୍ତ୍ତା ସରପଞ୍ଚଙ୍କୁ ଟଙ୍କା ଦେବାକୁ ଯାଇଥିଲେ। ସରପଞ୍ଚ ଟଙ୍କା ନେବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଭିଜିଲାନ୍ସ ଦଳ ମାଡ଼ି ବସିଥିଲେ। ତାଙ୍କ ପାଖରୁ ରାସାୟନିକ ପ୍ରଲେପ ଲାଗିଥିବା ଟଙ୍କା ଜବତ କରାଯାଇଛି। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଛି। ଭିଜିଲାନ୍ସ ଦଳ ସରପଞ୍ଚଙ୍କ ଘର ଓ କାର୍ଯ୍ୟାଳୟରେ ମଧ୍ୟ ଚଡଉ କରିଛନ୍ତି।

## ଚିଠା ଭୋଟର ତାଲିକାକୁ ନେଇ ବିଜେଡିର ସାଂଘାତିକ ଅଭିଯୋଗ

# ୨୦ ଲକ୍ଷ ନୁହେଁ; ବାଦ୍ ପଡ଼ିଛନ୍ତି ୨୭ ଲକ୍ଷ ଭୋଟର

ଭୁବନେଶ୍ୱର,୫।୭(ସମିସ): ରାଜ୍ୟରେ ଏସ୍‌ଆଇଆର ପ୍ରକ୍ରିୟା ସମାପ୍ତ ପରେ ପ୍ରକାଶିତ ଚିଠା ଭୋଟର ତାଲିକାକୁ ନେଇ ସାଂଘାତିକ ଅଭିଯୋଗ ଆଣିଛି ବିଜୁ ଜନତା ଦଳ। ଚିଠା ଭୋଟର ତାଲିକାରେ ୨୦ ଲକ୍ଷ ନୁହେଁ; ବରଂ ୨୭ ଲକ୍ଷ ଭୋଟର ବାଦ୍ ପଡ଼ିଛନ୍ତି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯିବା ସହ ଭୋଟରମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଅଭିଯୋଗ କରାଯାଇଛି। ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଓ ସାଧାରଣ ସମ୍ପାଦକ ବିଜୟ ନାୟକ ସମ୍ପୂର୍ଣ୍ଣ ଏସ୍‌ଆଇଆର ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ଦଳର ବରିଷ୍ଠ ଉପସଭାପତି ଶ୍ରୀ ମିଶ୍ର କହିଛନ୍ତି ଯେ ଏସ୍‌ଆଇଆର ପାଇଁ ବିଭିନ୍ନ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ରାଜନୈତିକ ଦଳମାନଙ୍କ ସହ ଆଲୋଚନା କରିଥିଲେ। ଏସଆଇଆର ପ୍ରକ୍ରିୟା ଆରମ୍ଭ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦତ୍ତ ଭୋଟର ତାଲିକା ଏବଂ ବର୍ତ୍ତମାନର ପ୍ରକାଶିତ ଭୋଟର ତାଲିକାରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଛି। ୨୦୨୫ ମସିହାର ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୩ କୋଟି ୪୦ଲକ୍ଷ ୭୨ ହଜାର ୭୪୪ ଜଣ ଭୋଟରଙ୍କ ନାମ ୱେବ୍‌ସାଇଟରେ ଉପଲବ୍ଧ ଥିଲା । ମେ ମାସ ୧୪ ତାରିଖରେ ଏସ୍‌ଆଇଆର ପାଇଁ ଓଡ଼ିଶାରେ ଭାରତୀୟ ନିର୍ବାଚନ କମିସନ ଦ୍ୱାରା ବିଜ୍ଞପ୍ତି ହେବା ପରେ ମେ ୧୫ ତାରିଖରେ ବିଭିନ୍ନ ରାଜନୈତିକ ଦଳର ବୈଠକରେ ୩ କୋଟି ୩୪ଲକ୍ଷ ଭୋଟର ଥିବା ନେଇ ତଥ୍ୟ ପ୍ରଦାନ ହୋଇଥିଲା। ପୁଣି ଜୁନ୍ ୧୨ ତାରିଖରେ ତାହାକୁ ୩



କୋଟି ୩୩ଲକ୍ଷ ୯୯ହଜାର ୫୯୧ଜଣ ବୋଲି ଦର୍ଶାଯାଇଥିଲା। ତେବେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶ ପାଇଥିବା ଚିଠା ଭୋଟର ତାଲିକାରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଜଣ ଭୋଟର ଥିବା କୁହାଯାଇଛି। ପ୍ରଦତ୍ତ ତଥ୍ୟ ମଧ୍ୟରେ କିଛି ତାଳମେଳ ରହୁନାହିଁ। ୨୦୨୫ ଚୂଡ଼ାନ୍ତ ତାଲିକାରେ ଥିବା ଭୋଟର ସଂଖ୍ୟାକୁ ଅନୁଶୀଳନ କଲେ ଓଡ଼ିଶାରେ ବାସ୍ତବରେ ୨୭ଲକ୍ଷ ଭୋଟର ଏହି ଚିଠା ତାଲିକାରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ଯାହା ଆଶଙ୍କା କରାଯାଉଥିଲା, ସେହି ଅନୁଯାୟୀ ଅନେକ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ତାରତମ୍ୟ ରହିଛି। ରାଜ୍ୟର ୧୪୭ଟି ନିର୍ବାଚନମଣ୍ଡଳୀରୁ ୭୫ଟିରେ ୧୦,୦୦୦ରୁ ଉର୍ଦ୍ଧ୍ୱ, ତା'ମଧ୍ୟରୁ ୪୯ଟିରେ ୧୫,୦୦୦ରୁ ଉର୍ଦ୍ଧ୍ୱ ଭୋଟର ତାଲିକାରୁ ବାଦ୍ ପଡିଛନ୍ତି। ଏସଆଇଆର ପ୍ରକ୍ରିୟାରୁ ଅନେକ ଲୋକ ବାଦ୍ ପଡିବା ଏକ ଚିନ୍ତାଜନକ ବିଷୟ ପାଲଟିଛି। ଏସଆଇଆର ଦ୍ୱାରା ଶୁଦ୍ଧ ଓ ତ୍ରୁଟି ଶୂନ୍ୟ ଭୋଟର ତାଲିକା ପ୍ରକାଶ ନେଇ ଜାତୀୟ

■ ଭୋଟରଙ୍କ ମୌଳିକ ଅଧିକାର କ୍ଷୁଣ୍ଣ କରାଯାଉଛି
■ ପ୍ରକ୍ରିୟାରେ କଟିଛନ୍ତି ଅନେକ ଯୋଗ୍ୟ ଭୋଟର
■ ଯୋଗ୍ୟ ଭୋଟରଙ୍କୁ ତାଲିକାଭୁକ୍ତ ପାଇଁ ଦାବି

ମୁଖ୍ୟ ନିର୍ବାଚନ ଅଧିକାରୀ ଯେଉଁ ଘୋଷଣା କରିଥିଲେ, ତାହା ଏଠାରେ ପରିପ୍ରକାଶ ହୋଇ ପାରିଲାନାହିଁ। ନିର୍ବାଚନରେ ମତଦାନ କରିବା ଭୋଟରଙ୍କ ମୌଳିକ ଅଧିକାର ହୋଇଥିବା ବେଳେ ତାହାକୁ କ୍ଷୁଣ୍ଣ କରିବାକୁ ଚକ୍ରାନ୍ତ ହେଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

ସେହିପରି ସାଧାରଣ ସମ୍ପାଦକ ଶ୍ରୀ ନାୟକ କହିଛନ୍ତି ଯେ ୨୦୨୫ ମସିହାରେ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଥିବା ତଥ୍ୟ ଏବଂ ଏସଆଇଆର ଆରମ୍ଭ ବେଳକୁ ପ୍ରକାଶିତ ଭୋଟର ସଂଖ୍ୟାରେ ତାରତମ୍ୟ ପରିଲକ୍ଷିତ ହୋଇଥିଲା। ଭୋଟର ତାଲିକାରେ ଏହି ପ୍ରକାର ତାରତମ୍ୟ ନେଇ ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ ସେ ତାହାର ସଂଶୋଧନ ନ କରି ଭୋଟର ତାଲିକା ପ୍ରକାଶ କରିଛନ୍ତି। ପ୍ରକାଶିତ ଭୋଟର ତାଲିକରେ ୩ କୋଟି ୧୩ ଲକ୍ଷ ଭୋଟର ଅଛନ୍ତି। ଦଳମାନଙ୍କୁ ୨୦ଲକ୍ଷ ୧୨ହଜାର ଭୋଟର ବାଦ୍ ପଡିଥିବା କୁହାଯାଇଛି। କିନ୍ତୁ ଗଣମାଧ୍ୟମରେ ସିଇଓ ୨୦ଲକ୍ଷ ୧୪ ହଜାର ଭୋଟର ତାଲିକାରୁ ବାଦ୍ ପଡିଥିବା ନେଇ କହିଛନ୍ତି। ମେ ୩୦ରୁ ୨୮ ଜୁନ ପର୍ଯ୍ୟନ୍ତ ହୋଇଥିବା ଏସଆଇଆର ପ୍ରକ୍ରିୟାରେ ବହୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ହୋଇଛି। ଏସଆଇଆରରେ ଭୋଟର ବୃଦ୍ଧି ପାଇବା ସ୍ଥାନରେ କମିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକ୍ରିୟାରେ ୧୩ଟି ଜଟିଳ ଅସଂଗତ ତଥ୍ୟ ପାଇଁ ଅନେକ ଭୋଟର ବାଦ୍ ହୋଇଛନ୍ତି। ତାହାକୁ ସରଳୀକରଣ କରି ଯୋଗ୍ୟ ଭୋଟରଙ୍କୁ ତାଲିକାରେ ଯୋଡ଼ାଯାଉ। ସେହିପରି ବିଏଲଓମାନଙ୍କୁ ସଠିକ୍ ଭାବରେ ତାଲିମ ଦିଆଯାଇ ନ ଥିବାରୁ ତ୍ରୁଟିପୂର୍ଣ୍ଣ ଭାବେ ଏସଆଇଆର ପ୍ରକ୍ରିୟା ହୋଇଥିବା ଶ୍ରୀ ନାୟକ କହିଛନ୍ତି। ଏହାର ତୁରନ୍ତ ସୁଧାର କରିବା, ପ୍ରକ୍ରିୟା ସରଳୀକରଣ କରିବା ଓ ଅସଂଗତିଗୁଡିକ ସମାଧାନ ନିମନ୍ତେ ବିଜେଡି ପକ୍ଷରୁ ଦାବି କରାଯାଇଛି।

## ସରକାରଙ୍କ ଉପରେ ବର୍ଷିଲେ ଭକ୍ତ, ନିରଞ୍ଜନ ଓ ଜୟଦେବ

# କେନ୍ଦୁଝର ଏବେ ଭୋକର ଭୂଗୋଳ ପାଲଟିଛି

ଭୁବନେଶ୍ୱର,୫।୭(ସମିସ): କଂଗ୍ରେସରେ ବରିଷ୍ଠ ନେତାଙ୍କ ମଧ୍ୟରେ ସବୁ କିଛି ଠିକ ଚାଲି ନ ଥିବା ଚର୍ଚ୍ଚା ମଧ୍ୟରେ ରବିବାର ଦୃଷ୍ଟିଗୋଚର ହୋଇଛି ଏକ ରୋଚକ ଘଟଣା। ଦୁଇଜଣ ପୂର୍ବତନ ପିସିସି ସଭାପତିଙ୍କ ସହ ବର୍ତ୍ତମାନର ପିସିସି ସଭାପତି ଏକାଠି ସରକାରଙ୍କ ଉପରେ ବର୍ଷିଛନ୍ତି। ନୂତନ ପିସିସି ପ୍ରଭାରୀ ଲାଲ୍‌ଜୀ ଦେଶାଇଙ୍କ କର୍ଣ୍ଣମନ୍ତ୍ର କଂଗ୍ରେସ ନେତାଙ୍କୁ କାମ କରିଛି ଏବଂ ନିରଞ୍ଜନ, ଜୟଦେବଙ୍କ ସହ ଭକ୍ତ ଏକାଠି ହୋଇ ଦଳକୁ ନୂଆ ବାର୍ତ୍ତା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ମଧ୍ୟ ସାମିଲ ହୋଇଛନ୍ତି।

## ଗ୍ୟାସ୍ ଦୁର୍ଘଟଣା ମୃତକ ପରିବାରକୁ ଭେଟିଲା କଂଗ୍ରେସ

ଦିନକ ତଳେ ନବନିଯୁକ୍ତ ପିସିସି ପ୍ରଭାରୀ ଅନୁଶାସନ ଓ ଏକାଠି ଲଢ଼ିବାକୁ ଦେଇଥିବା ବାର୍ତ୍ତା କଂଗ୍ରେସରେ ବେଶ୍ ପରିବର୍ତ୍ତନ ଆଣିଥିବା କୁହାଯାଉଛି।

ତାମିଲନାଡୁର ତିରୁଭଲ୍ଲୁରଠାରେ ଥିବା ସେଣ୍ଟ ପଲ ଖାଦ୍ୟ ପ୍ରକ୍ରିୟାକରଣ କାରଖାନାରେ ଗ୍ୟାସ ଲିକ ହୋଇ କେନ୍ଦୁଝର ଜିଲ୍ଲାର ୧୪ ଜଣ ନାବାଳିକା ଓ ମହିଳାଙ୍କ ମୃତ୍ୟୁ ଘଟିଛି । ଦୁଇ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନା କେନ୍ଦୁଝର ଜିଲ୍ଲା ସହ ଘନିଷ୍ଠ ଜଡ଼ିତ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି । ତେଣୁ ସରକାରଙ୍କୁ ଘେରିବା ପାଇଁ କଂଗ୍ରେସ ଏବେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରିଛି। ଦୁଇ ପୂର୍ବତନ ପିସିସି ସଭାପତି ଓ ପିସିସି ସଭାପତି ଭକ୍ତ




ଚରଣ ଦାସ କେନ୍ଦୁଝର ଗସ୍ତ କରି ସ୍ଥିତି ଅନୁଧ୍ୟାନ ପରେ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ଭୋକର ଭୂଗୋଳ ଦିନେ କଳାହାଣ୍ଡିକୁ କୁହା ଯାଉଥିଲା; କିନ୍ତୁ ଆଜି କେନ୍ଦୁଝର ଭୋକର ଭୂଗୋଳ ପାଲଟି ଯାଇଛି। ବାହାର ରାଜ୍ୟର ଶିଳ୍ପପତି ଆସି ଲୁଟକରି ନିଜ ରାଜ୍ୟର କାରଖାନାକୁ କଞ୍ଚାମାଲ ପଠାଉଛନ୍ତି ମାତ୍ର ସେହି ଖଣିଜ ସମ୍ପଦଉପରେ ଅଧିକାର ରଖୁଥିବା ଆଦିବାସୀ ଯୁବକ ଯୁବତୀ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। କେନ୍ଦୁଝର ଜିଲ୍ଲାରେ ଯେତେ ଖଣିକାମ ହେଉଛି ତାର ଯଦି ଶତକଡା ୫ଭାଗ ମେନୁଆଲ କାର୍ଯ୍ୟ କରାଯାଆନ୍ତା ତେବେ ଜିଲ୍ଲାର କର୍ମନିଯୁକ୍ତି ସମସ୍ୟା ଦୂର ହୋଇପାରନ୍ତା । ତେବେ ଲଜ୍ଜାର ବିଷୟ ହେଉଛି ଜୁଆଙ୍ଗ ଅଧ୍ୟୁଷିତ ଅଞ୍ଚଳରୁ ଦାଦନ ବୋହିବା ପାଇଁ ୩ଟି ଦାଦନ ଏକ୍ସପ୍ରେସ ବସ୍ ଚାଲିଛି। ତେଣୁ ସରକାର ଜିଲ୍ଲାର ଆଦିବାସୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରନ୍ତୁ ଓ ତାମିଲନାଡୁରେ ଗ୍ୟାସ ମୃତକଙ୍କ ପ୍ରତ୍ୟେକ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏ ଦିଅନ୍ତୁ।

କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଆଦିବାସୀ କିଭଳି ଅବହେଳିତ ଓ ପ୍ରତାରିତ ତାହାର ନଗ୍ନ ଉଦାହରଣ କେନ୍ଦୁଝର ଜିଲ୍ଲା ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ଆଦିବାସୀ ଶୋକ ସନ୍ତପ୍ତ ପରିବାରକୁ ଭେଟିବାକୁ ସମୟ ପାଇଲେ ନାହିଁ ବୋଲି ସମାଲୋଚନା କରିଛନ୍ତି। ପୂର୍ବତନ ପିସିସି ସଭାପତ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟରେ ୬୪ ପ୍ରକାର ଆଦିବାସୀ ବସବାସ କରନ୍ତି ଏବଂ ତନ୍ମଧ୍ୟରୁ ୧୩ ପ୍ରକାର କେବଳ କେନ୍ଦୁଝରରେ ବାସ କରନ୍ତି। କେନ୍ଦୁଝରରୁ କେତେ ଆଦିବାସୀ ଦାଦନ ଖଟିବାକୁ ଯାଇଛନ୍ତି ସରକାରଙ୍କ ପାଖରେ ତଥ୍ୟ ନାହିଁ। ସରକାର କେନ୍ଦୁଝର ଖଣି ଗୁଡ଼ିକୁ ଲକ୍ଷ ଲକ୍ଷ କୋଟି ଟଙ୍କାରେ ନିଲାମ କରୁଛନ୍ତି। କିନ୍ତୁ କେନ୍ଦୁଝର ବିକାଶ ହେଉନି ବୋଲି ସେ କଟାକ୍ଷ କରିଛନ୍ତି। ଅନ୍ୟତମ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ନିଜ ବକ୍ତବ୍ୟରେ କହିଛନ୍ତି ଯେ କେନ୍ଦୁଝର ମୋ ନିଜ ଜିଲ୍ଲା ତଥା ରାଜନୈତିକ କ୍ଷେତ୍ର। ତେଣୁ ଏହି ଦାରୁଣ ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ମୋର ପରମ କର୍ତ୍ତବ୍ୟ। "ବିକାଶ ଧାରା ଓଡିଶା ସାରା' ସରକାରଙ୍କ ସ୍ଲୋଗାନର ବାସ୍ତବ ଚିତ୍ର କେନ୍ଦୁଝର କହୁଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଛନ୍ତି। କେନ୍ଦୁଝରରୁ ୧୦୦ ଜଣ ଦାଦନଙ୍କୁ ଦଲାଲ ଶ୍ରୀକାନ୍ତ ଜୁଆଙ୍ଗ ସହରର ବଡ଼ ଦଲାଲାଙ୍କ ଜରିଆରେ ଚାଲାଣ କରିଥିଲା। ଏମାନଙ୍କ ମଧ୍ୟରେ ମୃତାହତ ଅନ୍ତର୍ଭୁକ୍ତ। ଏପର୍ଯ୍ୟନ୍ତ ତାକୁ ଗିରଫ କରାଯାଇ ନାହିଁ କାହିଁକି ବୋଲି କହି ସେ ପ୍ରଶ୍ନ କରିଛନ୍ତି।

## ମିଳିଲାନି ଶବବାହକ ଗାଡ଼ି

# ବାଇକ୍‌ରେ ସ୍ତ୍ରୀର ଶବ ନେଲେ ସ୍ୱାମୀ



ଝାରସୁଗୁଡ଼ା,୫।୭(ସମିସ): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ନେଇ ସରକାର ଡିଣ୍ଡିମ ପିଟୁଛନ୍ତି; ହେଲେ ଝାରସୁଗୁଡ଼ା ଜିଲ୍ଲାରେ ସାଧାରଣ ଶବବାହକ ଗାଡ଼ିଟିଏ ନ ମିଳିବାରୁ ଜଣେ ବ୍ୟକ୍ତି ବାଇକ୍‌ରେ ତାଙ୍କ ସ୍ତ୍ରୀର ଶବ ଧରି ଘରକୁ ନେଇଛନ୍ତି। ଏହି ଦୃଶ୍ୟ ସ୍ୱାସ୍ଥ୍ୟସେବାର ଚରମ ଅବହେଳାକୁ ପଦାରେ ପକାଇଛି। ଲଇକେରା ବ୍ଲକ୍ ଭାତଲଇଡ଼ା ପଞ୍ଚାୟତର ଓଡ଼ିଆପାଲିର ନରେଶ ଛତ୍ରିଆଙ୍କ ପତ୍ନୀ ଯମୁନା ଛତ୍ରିଆ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ମୁଦ୍ରାଜୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରକୃତ ଦୁର୍ଦ୍ଦଶା ଆରମ୍ଭ ହୋଇଥିଲା ମୃତ୍ୟୁ ପରେ। ମୃତଦେହ ଗାଁକୁ ନେବା ପାଇଁ ହସ୍ପିଟାଲ ପକ୍ଷରୁ କୌଣସି ଶବବାହକ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଯୋଗାଇ ଦିଆଯାଇ ନ ଥିଲା। ଅସହାୟ ନରେଶ ବହୁ ଚେଷ୍ଟା କରି ନିରାଶ ହେବା ପରେ ଶେଷରେ ଜଣେ ପଡ଼ୋଶୀଙ୍କ ବାଇକ୍ ସାହାଯ୍ୟରେ ପତ୍ନୀଙ୍କ ଶବକୁ ଲୁଗାରେ ଗୁଡ଼ାଇ ଗାଁକୁ ଫେରିଥିଲେ।

# ଶ୍ୟାମାପ୍ରସାଦ ମୁଖାର୍ଜୀ ଥିଲେ ସମର୍ପିତ ରାଷ୍ଟ୍ରନେତା: ମୁଖ୍ୟମନ୍ତ୍ରୀ

## ଡ. ମୁଖାର୍ଜୀଙ୍କ ବଳିଦାନ ଦେଶ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି

ଭୁବନେଶ୍ୱର,୫।୭(ସମିସ): ଡା.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଅମୂଲ୍ୟ ଉପହାର, ଯାହା ପ୍ରତିଟି ଭାରତବାସୀଙ୍କୁ ରାଷ୍ଟ୍ରଭକ୍ତି ଓ ସେବାର ଅନନ୍ତ ପ୍ରେରଣା ଦେଇଥାଏ । ସେ କେବଳ ଜଣେ ଅନନ୍ୟ ଶିକ୍ଷାବିତ୍ ନ ଥିଲେ, ବରଂ ଜଣେ ସମର୍ପିତ ରାଷ୍ଟ୍ରନେତା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଥିଲେ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।




ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ଭାଷା, ବିଶେଷ କରି ବଙ୍ଗଳା, ହିନ୍ଦୀ ଓ ଉର୍ଦ୍ଧୁର ବିକାଶ ପାଇଁ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପଦକ୍ଷେପ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ସ୍ୱାଧୀନ ଭାରତର ଅନ୍ତରୀଣ ମନ୍ତ୍ରିମଣ୍ଡଳରେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା । ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଭାବେ ସେ ଦେଶର ଭବିଷ୍ୟତ ନିର୍ମାଣରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ହିନ୍ଦୁମାନଙ୍କ ସ୍ୱାର୍ଥରକ୍ଷା ପାଇଁ ହିନ୍ଦୁବହୁଳ ବଙ୍ଗପ୍ରଦେଶର ପଶ୍ଚିମଭାଗକୁ ଭାରତରେ ମିଶ୍ରଣ କରିବା ପାଇଁ ପ୍ରବଳ ଜନମତ ପ୍ରସ୍ତୁତ କରି ଏ ଦିଗରେ ସଫଳ ହୋଇଥିଲେ। ତାଙ୍କ ଗଠିତ ରାଜନୈତିକ ଦଳ ଭାରତୀୟ ଜନସଂଘ ଅନେକ ଉତ୍‌ଥାନ ପତନ ଦେଇ ପରବର୍ତ୍ତୀ ସମୟରେ 'ଭାରତୀୟ ଜନତା ପାର୍ଟି' ନାମରେ ଆଜି ଦେଶର ତଥା ବିଶ୍ୱର ୧ ନମ୍ବର ରାଜନୈତିକ ଦଳ ଭାବେ ଉଭା ହୋଇଛି। ଶ୍ୟାମାପ୍ରସାଦଙ୍କର ସେହି ଅଧୁରା ସ୍ୱପ୍ନକୁ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ବିଧାନର ୩୭୦ ଧାରା ଓ ୩୫(କ) ଉଚ୍ଛେଦ କରି ପୂରଣ କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ନାରୀ ଶକ୍ତିର ଅଧିକାର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂସଦରେ ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଛନ୍ତି । ମୋଦୀଜୀଙ୍କ ନେତୃତ୍ୱରେ ନାରୀ ଶକ୍ତିର ସମ୍ମାନ ଓ ଅଧିକାରକୁ ନିଶ୍ଚିତ ଭାବରେ ସୁରକ୍ଷିତ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି।

# ଭିଡିଓ ସୁଟିଂ ବାହାନାରେ ଡକାୟତି

ଧର୍ମଗଡ଼,୫।୭(ସମିସ): ଜନ୍ମଦିନ ପାଳନ ପାଇଁ ଭିଡିଓ ସୁଟିଂ ବାହାନାରେ ଯୋଜନାବଦ୍ଧ ଭାବେ ଡକାୟତି ଓ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ କେଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗତ ୨ ତାରିଖ ଦିନ କେଗାଁ ଥାନା ଅଧୀନ ମକରାଗୁଡ଼ା ଗ୍ରାମର ଆଦିତ୍ୟ ବାଗ (୨୧) କଲମପୁର ଥାନା ଅଧୀନ ପଣ୍ଡି ଗାଁ ର ଘନଶ୍ୟାମ ଦୁର୍ଗାଙ୍କୁ ଗୋଲାମୁଣ୍ଡା ବ୍ଲକ ବାଗମୁଣ୍ଡା ଗ୍ରାମରେ ଏକ ଜନ୍ମ ଦିନ ପାଳନ ଅବସରରେ ଭିଡିଓ ସୁଟିଂ ପାଇଁ ଫୋନ୍ କରି ଅଗ୍ରୀମ ଆକାରରେ ୫୦୦୦ ଟଙ୍କା ଫୋନ୍ ପେ' ମାଧ୍ୟମରେ ପଠାଇଥିଲେ। ପରେ ଜୁନାଗଡ଼ ଥାନା ଅଧୀନ ପିଲିକିଆ ଗ୍ରାମର ରାକେଶ ନାଏକ ଓ ଘନଶ୍ୟାମ ଦୁର୍ଗା ଭିଡିଓ ସୁଟିଂ ପାଇଁ ଦୁଇଟି କ୍ୟାମେରା ସହ ଯାବତୀୟ ସାମଗ୍ରୀ ଧରି ବାଗମୁଣ୍ଡା ବାହାରିଥିଲେ। ଦୁଇ ଜଣକୁ ରାସ୍ତା ଦେଖାଇବା ପାଇଁ ଆଦିତ୍ୟ ବାଗ ଗୋଲାମୁଣ୍ଡା ଠାରେ ଅପେକ୍ଷା କରିଥିଲେ। ପରେ ଗୋଟିଏ ସ୍କୁଟିରେ ତିନି ଜଣ ବାଗମୁଣ୍ଡା ଅଭିମୁଖେ ବାହାରିଥିଲେ। ଠିକ୍ ରାତି ୯ ଘଣ୍ଟା ସମୟରେ ଆଦିତ୍ୟ ବାଗ ଏକ ନିଛାଟିଆ ସ୍ଥାନ ବାବେରମୁଣ୍ଡା ଡ୍ୟାମ୍ ସରପ୍ଲସ ପୋଲ ନିକଟରେ ପରିସ୍ରା ଯିବା ବାହାନାରେ ଅଟକି ଥିଲେ। ଏହି ସମୟରେ ହଠାତ୍ ୪ ଜଣ ବ୍ୟକ୍ତି



ମୁହଁରେ ଗାମୁଛା ଘୋଡାଇ ମାରଣାସ୍ତ୍ର ଧରି ଉକ୍ତ ସ୍ଥାନରେ ପହଞ୍ଚି ଦୁଇ ଜଣଙ୍କ ଆଖିରେ ମରିଚ ଗୁଣ୍ଡ ଫିଙ୍ଗି ଆକ୍ରମଣ କରି ଘନଶ୍ୟାମ ବାଗକୁ ପୋଲତଳକୁ ଫିଙ୍ଗି ଦେଇଥିଲେ। କୌଶଳ କ୍ରମେ ରାକେଶ ନାଏକ ଡକାୟତି ଗ୍ୟାଙ୍ଗଙ୍କ ଠାରୁ ଖସି ପଳାଇଥିଲେ। ସେମାନଙ୍କ ଠାରୁ ଦୁଇଟି ଭିଡିଓ କ୍ୟାମେରା ସହ ସମସ୍ତ ସାମଗ୍ରୀ ଛଡ଼ାଇ ନେଇ ପଳାଇଥିଲେ। ଡକାୟତି ଗ୍ୟାଙ୍ଗ ସହ ଆଦିତ୍ୟ ବାଗ ମଧ୍ୟ ଚମ୍ପଟ ମାରି ମୋବାଇଲ ଫୋନ୍ ବନ୍ଦ କରି ଦେଇଥିଲା। ଅନ୍ୟପଟେ ରାକେଶ ନାଏକ ନିକଟସ୍ଥ ବାବେରମୁଣ୍ଡା ଗ୍ରାମ ଯାଇ ଗ୍ରାମର ୭/୮ ଜଣ ବ୍ୟକ୍ତିଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚି ପୋଲତଳୁ ଘନଶ୍ୟାମଙ୍କୁ ଉଦ୍ଧାର କରି ଚପରିଆ ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା ପରେ ଧର୍ମଗଡ ମେଡିକାଲ ନିଆଯାଇଥିଲା । ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନିପାଟଣାକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଡାହାଣ ହାତ ଭାଙ୍ଗି ଯାଇଛି। ଏନେଇ ରାକେଶ ନାଏକ କେଗାଁ ଥାନାରେ ଅଭିଯୋଗ କରି ଘଟଣାର ମାଷ୍ଟରମାଇଣ୍ଡ ଆଦିତ୍ୟ ବାଗ ସହ ସମସ୍ତ ଡକାୟତି ଗ୍ୟାଙ୍ଗକୁ ଗିରଫ କରିବାକୁ ଦାବି କରିଛନ୍ତି।

### ରାଉରକେଲା ବିମାନବନ୍ଦର ସମ୍ପ୍ରସାରଣକୁ ନେଇ ନୂଆ ବିବାଦ

# ସେକ୍ଟର-୧୩, ୧୪ ଓ ୧୫ର ସମସ୍ତ କ୍ୱାର୍ଟର୍ସ ଉଚ୍ଛେଦ ଆଶଙ୍କା

ରାଉରକେଲା, ୫।୭ (ସମିସ)

ରାଉରକେଲା ବିମାନବନ୍ଦରର ସମ୍ପ୍ରସାରଣ ଏବଂ ସହରରୁ ବଡ଼ ଯାତ୍ରୀବାହୀ ବିମାନ ଚଳାଚଳକୁ ନେଇ ଦୀର୍ଘଦିନ ଧରି ଲାଗି ରହିଥିବା ଅନିଶ୍ଚିତତା ମଧ୍ୟରେ ଏବେ ଏକ ନୂଆ ବିବାଦ ସାମ୍ନାକୁ ଆସିଛି।

ସୂଚନା ଅନୁସାରେ, ପ୍ରସ୍ତାବିତ ବିମାନବନ୍ଦର ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ବର୍ତ୍ତମାନର ବିମାନବନ୍ଦର ନିକଟବର୍ତ୍ତୀ ସେକ୍ଟର-୧୩, ୧୪ ଓ ୧୫ରେ ଥିବା ବସ୍ତି ଅଞ୍ଚଳ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସପି)ର କ୍ୱାର୍ଟର୍ସକୁ ଉଚ୍ଛେଦ କରାଯିବାର ଆଶଙ୍କା ଥିବାରୁ ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଛନକା ପଶିଛି।

**ସହର ବାହାରେ ନୂଆ ବିମାନବନ୍ଦର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି**

ସୂଚନାଯୋଗ୍ୟ ଯେ, ରାଉରକେଲାରୁ ପୂର୍ବରୁ ଚାଲୁଥିବା ୭୨ ଆସନ ବିଶିଷ୍ଟ ବିମାନ ସେବା ବର୍ତ୍ତମାନ ବନ୍ଦ ରହିଛି। ଏପରି ପରିସ୍ଥିତିରେ ନିୟମିତ ବାଣିଜ୍ୟିକ ବିମାନ ସେବା ଅନିଶ୍ଚିତ ଥିବାବେଳେ କେବଳ ବିମାନବନ୍ଦର ସମ୍ପ୍ରସାରଣ ପାଇଁ ବାସଗୃହ ଏବଂ ବସ୍ତି ଅଞ୍ଚଳ ଉଚ୍ଛେଦ କରିବାର ଯଥାର୍ଥତାକୁ ନେଇ ଅନେକ ନାଗରିକ ପ୍ରଶ୍ନ ଉଠାଇଛନ୍ତି।

ଏପରି ସ୍ଥଳେ ସମାଜସେବୀ ଅମିତାଭ ସାମଲ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ବର୍ତ୍ତମାନର ବିମାନବନ୍ଦରକୁ ସହର ଭିତରେ ସମ୍ପ୍ରସାରଣ କରିବା ପରିବର୍ତ୍ତେ ସହର ବାହାରେ ଏକ ନୂତନ ବିମାନବନ୍ଦର ନିର୍ମାଣ ପ୍ରସ୍ତାବ ଉପରେ ବିଚାର କରିବାକୁ ଅନୁରୋଧ କରିଛନ୍ତି। ସେ ଏହି ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୁ ମଧ୍ୟ ଆଣିଛନ୍ତି ଏବଂ ଭିତ୍ତିଭୂମି ବିକାଶ ସହିତ ଜନସ୍ୱାର୍ଥର ସନ୍ତୁଳନ ରକ୍ଷା କରିପାରିବା ଭଳି ଏକ ଦୀର୍ଘମିଆଦି ସମାଧାନ ପାଇଁ ହସ୍ତକ୍ଷେପ କରିବାକୁ ଅନୁରୋଧ ଜଣାଇଛନ୍ତି।

ଏହି ପ୍ରସ୍ତାବକୁ ନେଇ ବର୍ତ୍ତମାନ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ସହର ଭିତରେ ଥିବା ବର୍ତ୍ତମାନର ବିମାନବନ୍ଦରକୁ ସମ୍ପ୍ରସାରଣ କରିବା ରାଉରକେଲାର ଭବିଷ୍ୟତ ବିମାନ ପରିବହନ ଆବଶ୍ୟକତା ପାଇଁ ସର୍ବୋତ୍ତମ ବିକଳ୍ପ କି? ନା ସହର ଉପକଣ୍ଠରେ ଏକ ନୂତନ ବିମାନବନ୍ଦର ନିର୍ମାଣ କଲେ ବିସ୍ଥାପନ ଓ ସାମାଜିକ ପ୍ରଭାବକୁ କମାଇ ଅଧିକ ଦୀର୍ଘସ୍ଥାୟୀ ସମାଧାନ ମିଳିପାରିବ ତାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି।

# ଡକାୟତି ଯୋଜନା ପଣ୍ଡ; ୯ ଜଣ ଗିରଫ

**ରାଉରକେଲା, ୫।୭(ସମିସ):** ରାଉରକେଲାରେ ଏକ ବଡ଼ ଧରଣର ଅପରାଧକୁ ରୋକିବାରେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ସଫଳ ହୋଇଛି। ଜୁଲାଇ ୪ ଓ ୫ ତାରିଖ ମଧ୍ୟରାତ୍ରିରେ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ୯ ଜଣ



ଦୁର୍ବୃତ୍ତଙ୍କୁ ପୁଲିସ ଗିରଫ କରିଛି।

**୩ ଖଣ୍ଡା, ୨ ଭୁଜାଲି ଓ ଲୁହାରଡ଼ ଜବତ**

ପୁଲିସ ସୂଚନାନୁସାରେ, ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳର ବିଶ୍ରା ଛକ ନିକଟ ଫଳ ମାର୍କେଟ ପଛପାର୍ଶ୍ୱର ଏକ ନିଛାଟିଆ ସ୍ଥାନରେ କିଛି ସଶସ୍ତ୍ର ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିବା ସୂଚନା ପାଇ ପ୍ଲାଣ୍ଟସାଇଟ୍ ପୁଲିସ ଚଢ଼ଉ କରି ସମସ୍ତ ୯ ଜଣଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଆଲୋକ ଗାର୍ଡିଆ ଓରଫ ଲାଲା (୧୯), ଅମନ ସାହୁ (୨୭), ଆଦିତ୍ୟ ସେନାପତି ଓରଫ ଡମ୍ବରୁ (୨୨), ସତ୍ୟ ପ୍ରସାଦ (୧୯), ମହମ୍ମଦ ୟୁସୁଫ (୨୬), ସାଗର ବାଲ୍ମିକୀ (୨୮), ଶଙ୍କର ଅମନ୍ତ (୨୪), ରୋଶନ ପ୍ରସାଦ (୨୩) ଏବଂ ବାବୁଲୁ ବେହେରା ଓରଫ କଣା ଛୋଟୁ (୨୫)। ସେମାନଙ୍କ ମଧ୍ୟରୁ ଅଧିକାଂଶ ଗୋପବନ୍ଧୁପାଲ୍ଲୀ, ରେଲୱେ କଲୋନୀ, ଟିମ୍ବର କଲୋନୀ ଓ ରାଉରକେଲାର ଆଖପାଖ ଅଞ୍ଚଳର ବାସିନ୍ଦା ବୋଲି ପୁଲିସ କହିଛି।

ଅଭିଯୁକ୍ତମାନେ ମାରଣାସ୍ତ୍ର ଧରି ରାସ୍ତାରେ ଯାଉଥିବା ଲୋକ, ନିକଟସ୍ଥ ଘର, ଦୋକାନ ଏବଂ ଏକ ପେଟ୍ରୋଲ ପମ୍ପକୁ ଟାର୍ଗେଟ କରି ଡକାୟତି କରିବାକୁ ଯୋଜନା କରୁଥିଲେ। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ସେମାନଙ୍କ ଯୋଜନା ବିଫଳ ହୋଇଥିଲା।

ଚଢ଼ଉ ସମୟରେ ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ୩ଟି ଖଣ୍ଡା, ୨ଟି ଭୁଜାଲି ଏବଂ ୪ଟି ଲୁହା ରଡ଼ ଜବତ କରିଛି। ଘଟଣାରେ ପ୍ଲାଣ୍ଟସାଇଟ୍ ଥାନାରେ ମାମଲା ରୁଜୁ କରାଯିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ରଥଯାତ୍ରା ପାଇଁ ବଣାଇଁରେ ଶାନ୍ତି କମିଟିର ବୈଠକ

**ବଣାଇଁ, ୫।୭(ସମିସ):** ରଥଯାତ୍ରାକୁ ଶାନ୍ତିପୂର୍ଣ୍ଣ, ସୁରକ୍ଷିତ ଓ ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ବଣାଇଁ ଉପଖଣ୍ଡ ଅନ୍ତର୍ଗତ ସମସ୍ତ ରଥଯାତ୍ରା କମିଟିର ସଦସ୍ୟମାନଙ୍କୁ ନେଇ ଗତକାଲି ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ବଣାଇଁ ଉପଜିଲ୍ଲାପାଳ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବଣାଇଁ ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ରଥଯାତ୍ରା କମିଟିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବୈଠକରେ ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ଯାତାୟାତ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ଜରୁରୀକାଳୀନ ସେବା, ପାନୀୟଜଳ, ସ୍ୱାସ୍ଥ୍ୟସେବା ଓ ଅଗ୍ନିଶମ ବ୍ୟବସ୍ଥା ସମେତ ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରଶାସନ, ପୁଲିସ ଏବଂ ରଥଯାତ୍ରା କମିଟିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସମସ୍ତ କାର୍ଯ୍ୟ କରିବାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଉପଜିଲ୍ଲାପାଳ ଅଶୋକ କୁମାର ଦାସ ରଥଯାତ୍ରା ପରିଚାଳନାରେ ସମସ୍ତ କମିଟି ସଦସ୍ୟଙ୍କ ସକ୍ରିୟ ସହଯୋଗ ଲୋଡ଼ିବା ସହ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ, ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ କହିଥିଲେ ଯେ, ଭକ୍ତମାନଙ୍କ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲା ପ୍ରଶାସନ ଓ ସମସ୍ତ ରଥଯାତ୍ରା କମିଟି ସହ ଘନିଷ୍ଠ ସମନ୍ୱୟ ରକ୍ଷା କରି ପ୍ରତ୍ୟେକ ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ, ଶୃଙ୍ଖଳିତ ଓ ନିର୍ବିଘ୍ନ ରଥଯାତ୍ରା ପାଳନ ସୁନିଶ୍ଚିତ କରିବାକୁ ପୁଲିସ ସଦା ପ୍ରତିବଦ୍ଧ ରହିଛି।

# ସଲ୍‌ଫର୍ ପେଲେଟ୍ ଯୋଗାଣ ପାଇଁ ଆର୍‌ଏସ୍‌ପି ଓ ଆଇଓସିଏଲ୍ ମଧ୍ୟରେ ଏମ୍‌ଓୟୁ

**ରାଉରକେଲା, ୫।୭ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସପି) ଓ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଲିମିଟେଡ୍ (ଆଇଓସିଏଲ୍) ମଧ୍ୟରେ ସଲଫର ପେଲେଟ୍‌ର ଦୀର୍ଘମିଆଦୀ ଯୋଗାଣ ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ସଲଫର ପେଲେଟ୍, କୋଲ୍ କେମିକାଲ୍ସ ବିଭାଗ (ସିସିଡି)ରେ ସଲଫ୍ୟୁରିକ୍ ଏସିଡ୍ ଉତ୍ପାଦନ ପାଇଁ ବ୍ୟବହୃତ ଏକ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲ।

ନିର୍ବାହୀ ନିର୍ଦ୍ଦେଶକ ସାମଗ୍ରୀ ପ୍ରବନ୍ଧନଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଏମଓୟୁ ସ୍ୱାକ୍ଷର ସମାରୋହରେ ଆର୍‌ଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ, ସାମଗ୍ରୀ ପ୍ରବନ୍ଧନ ଅନିଲ କୁମାର ଉପସ୍ଥିତ ଥିଲେ। ଆର୍‌ଏସ୍‌ପି ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ମେଟେରିଆଲ୍ସ ମ୍ୟାନେଜମେଣ୍ଟ) ଟି. ବିନୋଦ ଏବଂ ଆଇଓସିଏଲ୍‌ର ସମ୍ବଲପୁର ଡିଭିଜନ୍‌ର ଡିଭିଜନାଲ୍ ଇନଷ୍ଟିଚ୍ୟୁସନାଲ୍ ବିଜନେସ୍ ହେଡ୍ ପ୍ରକାଶ ଭାରତୀ ନିଜ ନିଜ ସଂସ୍ଥା ପକ୍ଷରୁ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଆଇଓସିଏଲ୍‌ର ଇନଷ୍ଟିଚ୍ୟୁସନାଲ୍ ବିଜନେସ୍‌ର ମହାପ୍ରବନ୍ଧକ ଦେବଦତ୍ତ ରାଉତରାୟ, ଆର୍‌ଏସ୍‌ପିର ସିଜିଏମ୍ (ସିଓ ଆଣ୍ଡ ସିସିଡି) ରାକେଶ ଯୋଶୀଙ୍କ ସମେତ ଉଭୟ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ବୁଝାମଣାପତ୍ର ପ୍ରାରମ୍ଭିକ ଭାବେ ତିନି ବର୍ଷ ପାଇଁ ବୈଧ ରହିବ ଏବଂ ପରବର୍ତ୍ତୀ ଦୁଇ ବର୍ଷ ପର୍ଯ୍ୟନ୍ତ ଏହାକୁ ସମ୍ପ୍ରସାରଣ କରାଯିବାର ବ୍ୟବସ୍ଥା ରହିଛି। ଏହି ଚୁକ୍ତି ଅନୁଯାୟୀ, ଆଇଓସିଏଲ୍ ପ୍ରତିବର୍ଷ ଆରଏସପିକୁ ୭, ୫୦୦ ମେଟ୍ରିକ୍ ଟନ୍ ସଲଫର ପେଲେଟ୍ ଯୋଗାଇବ।




ଆଇଓସିଏଲ୍ ସହିତ ଏହି ବୁଝାମଣାପତ୍ର, ସର୍ବୋତ୍ତମ ପ୍ରଯୁକ୍ତିର ଅନୁସରଣ, କ୍ରୟ ପ୍ରକ୍ରିୟାର ସରଳୀକରଣ ଏବଂ ଗୁରୁତ୍ୱପୂର୍ଣ୍ଣ କଞ୍ଚାମାଲର ନିରବଚ୍ଛିନ୍ନ ଉପଲବ୍ଧତା। ସୁନିଶ୍ଚିତ କରିବା ପ୍ରତି ଆରଏସପିର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସଲଫର ପେଲେଟ୍‌ର ନିଶ୍ଚିତ ଯୋଗାଣ କୋଲ୍ କେମିକାଲ୍ସ ବିଭାଗରେ ନିରନ୍ତର ଉତ୍ପାଦନ, କାର୍ଯ୍ୟପରିଚାଳନାର ନିର୍ଭରଯୋଗ୍ୟତା ବୃଦ୍ଧି ଏବଂ ସାମଗ୍ରିକ ଦକ୍ଷତା ବୃଦ୍ଧିରେ ସହାୟକ ହେବ।

ଏହି ବୁଝାମଣାପତ୍ରର ସମ୍ପୂର୍ଣ୍ଣ ରୂପରେଖା ଓ ସର୍ତ୍ତାବଳୀ, ଜିଏମ୍ (ଏମଏମ୍ପର୍ଚ୍ଚେଜ୍) ଜି.ଏସ୍. ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ ଏଜିଏମ୍ (ଏମଏମ୍ପର୍ଚ୍ଚେଜ୍) ଏଚ୍. ରାଉତ ଏବଂ ଡେପୁଟି ମ୍ୟାନେଜର (ଏମଏମ୍ପର୍ଚ୍ଚେଜ୍) ଡି.କେ. ଦାସଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା।

### ବନ୍ଧମୁଣ୍ଡା ବିଶ୍ରାବାସୀଙ୍କ ଖୁସି ଖବର

# କୁକୁଡ଼ା ରେଳ ଫାଟକରେ ନିର୍ମାଣ ହେବ ଫ୍ଲାଇଓଭର

**ରାଉରକେଲା, ୫।୭(ସମିସ):** ରାଉରକେଲାର ବନ୍ଧମୁଣ୍ଡା ଓ ବିଶ୍ରାବାସୀଙ୍କ ପାଇଁ ଖୁସି ଖବର। କୁକୁଡ଼ା ରେଳ ଫାଟକରେ ୧୩୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ୪.୬ କି.ମି. ଲମ୍ବା ରେଳ ଫ୍ଲାଇଓଭର ବ୍ରିଜ୍। ଏହା ଦ୍ୱାରା କୁକୁଡ଼ା ଗେଟ୍‌ଠାରେ ଥିବା ରେଳ ଫାଟକରେ ଆଉ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼ିବ ନାହିଁ।

**୪.୬ କିମି ଲମ୍ବା ଆର୍‌ଓବି ପାଇଁ ୧୩୫ କୋଟି ଟଙ୍କା ବ୍ୟୟବରାଦ**

**ରାଞ୍ଚି-ଚକ୍ରଧରପୁର ମଧ୍ୟରେ ଟ୍ରେନ୍ ଚଳାଚଳ ହେବ ଅଧିକ ଦ୍ରୁତ ଓ ସୁଗମ**

ସୂଚନାଯୋଗ୍ୟ ଯେ ମୁମ୍ବାଇ-ହାୱଡ଼ା ଦକ୍ଷିଣ ପୂର୍ବ ମୁଖ୍ୟ ରେଳ ପଥରେ ବନ୍ଧମୁଣ୍ଡା ଅନ୍ତର୍ଗତ କୁକୁଡା ଗେଟ୍ ନିକଟରେ ବହୁ ସମୟରେ ରେଳ ଫାଟକ ପଡ଼ି ରହୁଥିବାରୁ ବାଇକ ଆରୋହୀ ଓ କାର ଚାଳକମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା। ସେଠାରେ ଆର୍‌ଓବି ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ତେବେ ଉକ୍ତ ଅଞ୍ଚଳବାସୀଙ୍କ ବହୁ ପ୍ରତିକ୍ଷିତ ଦାବୀ ଏବେ ପୂରଣ ହେବାକୁ ଯାଉଛି। ଉକ୍ତ ସ୍ଥାନରେ ବଣ୍ଡାମୁଣ୍ଡା ରେଳଖଣ୍ଡର ବିକାଶ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ ୪.୬ କିଲୋମିଟର ଲମ୍ବା ରେଳ ଫ୍ଲାଇଓଭର ନିର୍ମାଣକୁ ରେଳବାଇ ମଞ୍ଜୁରି ଦେଇଥିବା ଜଣାପଡ଼ିଛି। ଏହି ବହୁ ପ୍ରତିକ୍ଷୀତ ପ୍ରକଳ୍ପ ପାଇଁ ପ୍ରାୟ ୧୩୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ ଯେ ଏହି ଫ୍ଲାଇଓଭର ବଣ୍ଡାମୁଣ୍ଡା ଲିଙ୍କ-ବିରୁ ବଣ୍ଡାମୁଣ୍ଡା ଏ-କେବିନ ମଧ୍ୟରେ ନିର୍ମାଣ କରାଯିବ। ବର୍ତ୍ତମାନ ଏହି ରେଳପଥରେ ସମସ୍ତ ଟ୍ରେନ୍ ଟ୍ରାକ୍ ଦେଇ ଚଳାଚଳ କରୁଛି। ଫ୍ଲାଇଓଭର ନିର୍ମାଣ ପରେ ଟ୍ରେନ୍ ଚଳାଚଳ ଦୁଇ ସ୍ତରରେ ସମ୍ଭବ ହେବ, ଫଳରେ ରେଳ ଯାତାୟାତ ଉପରେ ଚାପ କମିବ ଏବଂ ଟ୍ରେନ୍ ଚଳାଚଳରେ ବାଧା ଅନେକାଂଶରେ ଦୂର ହେବ।

ଏହି ପ୍ରକଳ୍ପର ସବୁଠାରୁ ବଡ଼ ଲାଭ ରାଞ୍ଚିଚକ୍ରଧରପୁର ରେଳପଥରେ ଚଳାଚଳ କରୁଥିବା ଟ୍ରେନ୍‌ଗୁଡ଼ିକୁ ମିଳିବ। ବର୍ତ୍ତମାନ ଅନେକ ସମୟରେ ବଣ୍ଡାମୁଣ୍ଡା ଏ-କେବିନ ନିକଟରେ କ୍ରସିଂ ଓ ସିଗ୍ନାଲ କ୍ଲିୟରାନ୍ସ ପାଇଁ ଟ୍ରେନ୍‌ଗୁଡ଼ିକୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଥିଲା। ଫ୍ଲାଇଓଭର ନିର୍ମାଣ ପରେ ଏହି ସମସ୍ୟା ବହୁ ପରିମାଣରେ ହ୍ରାସ ହେବ।

ଏହା ସହିତ, ଏହି ପ୍ରକଳ୍ପ ଦ୍ୱାରା ମାଲବାହୀ (ଫ୍ରେଟ୍) ଟ୍ରେନ୍‌ର ଚଳାଚଳ ମଧ୍ୟ ଅଧିକ ସୁଚାରୁ ଓ ଦ୍ରୁତ ହେବ।

ଜଣାପଡ଼ିଛି ଯେ, ଚକ୍ରଧରପୁର ରେଳମଣ୍ଡଳର ଅପରେଟିଂ ବିଭାଗ ଦୀର୍ଘ ଦିନ ଧରି ଏହି ଫ୍ଲାଇଓଭର ପ୍ରକଳ୍ପ ପାଇଁ ପ୍ରୟାସ ଜାରି ରଖିଥିଲା। ବର୍ତ୍ତମାନ ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ତରୁଣ ହୁରିଆଙ୍କ ପ୍ରୟାସରେ ପ୍ରକଳ୍ପକୁ ମଞ୍ଜୁରି ମିଳିଛି ଏବଂ ଶୀଘ୍ର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ।

# ପୂର୍ବତନ ବିଧାୟକଙ୍କ ପୁତ୍ର ବିୟୋଗ

**ରାଉରକେଲା, ୫।୭ (ସମିସ):** ରାଉରକେଲା ପୂର୍ବତନ ବିଧାୟକ ସ୍ୱର୍ଗତ ଅଜିତ୍ ଦାସଙ୍କ ପୁତ୍ର ରଞ୍ଜିତ ଦାସ (ପପୁ)ଙ୍କର ଶନିବାର ରାତିରେ



ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ୪୯ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ। ରବିବାର ତାଙ୍କ ମରଶରୀର ରାଉରକେଲାରେ ପହଞ୍ଚିବା ପରେ ଅପରାହ୍ନରେ ବେଦବ୍ୟାସ ଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ଆର୍‌ଡି ବର୍ମନଙ୍କ ଜନ୍ମଦିନ ଉପଲକ୍ଷେ 'ୟାଦୋଁ କି ବାରାତ୍'

**ରାଉରକେଲା, ୫।୭(ସମିସ):** ସ୍ଥାନୀୟ ସେକ୍ଟର-୨୦ ସ୍ଥିତ ରାଉରକେଲା କ୍ଲବ ଠାରେ ସଙ୍ଗୀତ ସମ୍ରାଟ ଆର୍. ଡି. ବର୍ମନ (ପଞ୍ଚମ ଦା)ଙ୍କ ଜନ୍ମଦିନ ଅବସରରେ ଶ୍ରୀ ସାଇ ମ୍ୟୁଜିକ୍ ଗ୍ରୁପ୍ ରାଉରକେଲା ପକ୍ଷରୁ 'ୟାଦୋଁ କି




ବାରାତ୍' ନାମରେ ଏକ ସଙ୍ଗୀତ ସନ୍ଧ୍ୟାର ଆୟୋଜନ କରାଯାଇଥିଲା।

କାର୍ଯ୍ୟକ୍ରମରେ ରଷି ଆର୍ଯ୍ୟ ଓ ଜିତେନ୍ଦ୍ର ପ୍ରସାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍.ଡି. ବର୍ମନଙ୍କ ସଙ୍ଗୀତ ଭାରତୀୟ ଚଳଚ୍ଚିତ୍ର ଜଗତକୁ ନୂତନ ଦିଗ ପ୍ରଦାନ କରିଥିବା ମତ ପ୍ରକାଶ କରିଥିଲେ। ସେମାନେ ଏଭଳି ସାଂସ୍କୃତିକ ଆୟୋଜନ ମାଧ୍ୟମରେ ନୂତନ ପିଢ଼ିଙ୍କ ମନରେ କାଳଜୟୀ ସଙ୍ଗୀତ ପ୍ରତି ଆଗ୍ରହ ସୃଷ୍ଟି ହେବ ବୋଲି କହିଥିଲେ।

ପ୍ରସିଦ୍ଧ ଆଙ୍କର ଫିରୋଜ ଆହମ୍ମଦଙ୍କ ଉପସ୍ଥାପନା ଦର୍ଶକଙ୍କୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆକର୍ଷିତ କରିଥିଲା। ଶୁଭେନ୍ଦୁ, ସୌଗତ, ସୋମା, ବର୍ଣ୍ଣାଳୀ ଏବଂ ଦିବାକର ଆର୍.ଡି. ବର୍ମନଙ୍କ ବହୁ ଲୋକପ୍ରିୟ ଗୀତ ପରିବେଷଣ କରି ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ସାଗରଙ୍କ ନେତୃତ୍ୱରେ ଲାଇଭ୍ ବ୍ୟାଣ୍ଡର ସୁନ୍ଦର ସଙ୍ଗୀତ ସଂଯୋଜନ କାର୍ଯ୍ୟକ୍ରମକୁ ଅଧିକ ପ୍ରାଣବନ୍ତ କରିଥିଲା। ଶେଷରେ ଶ୍ରୀ ସାଇ ମ୍ୟୁଜିକ୍ ଗ୍ରୁପ୍ ପକ୍ଷରୁ ସମସ୍ତ ଅତିଥି, କଳାକାର, ସହଯୋଗୀ ଓ ସଙ୍ଗୀତପ୍ରେମୀଙ୍କୁ କୃତଜ୍ଞତା ଜଣାଯାଇଥିଲା। କାର୍ଯ୍ୟକ୍ରମଟି ରାଉରକେଲାର ସଙ୍ଗୀତପ୍ରେମୀଙ୍କ ପାଇଁ ଏକ ସ୍ମରଣୀୟ ସନ୍ଧ୍ୟାରେ ପରିଣତ ହୋଇଥିଲା।

# ପିଏମ୍‌ଶ୍ରୀ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ




**ବଣାଇଁ, ୫।୭(ସମିସ):** ବଣାଇ ବ୍ଲକ ଅନ୍ତର୍ଗତ ବଇଦପାଲି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟର ଅଡିଟୋରିୟମରେ ସ୍ୱାଗତ ଓ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟରେ ୫ ବର୍ଷରୁ ଅଧିକ ସମୟ ଧରି ପ୍ରଧାନ ଶିକ୍ଷୟିତ୍ରୀ ଥିବା ଭାନୁପ୍ରଭା ଆପୋଲୋନିଆ କୁଲୁ ଏବଂ ୨ ବର୍ଷରୁ ଅଧିକ ସମୟ ଧରି ହିନ୍ଦୀ ଶିକ୍ଷକ ଥିବା ମିତ୍ରଭାନୁ ରାଉତଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ସେମାନଙ୍କୁ ବିଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହା ସହ ନବନିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କୁ ସ୍ୱାଗତ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଡିଡବ୍ଲ୍ୟୁଓ ବାବୁଲାଲ ମାଝି, ସମ୍ମାନିତ ଅତିଥି ଭାବେ ବିଇଓ ସୁନିଲ କୁମାର ମୁଣ୍ଡୁ, ଜିନ୍ଦଲ ଟେନ୍ସା ସିଏସ୍‌ଆର ମୁଖ୍ୟ ରାଜେଶ କୁମାର ଲେଙ୍କା, ପଦ୍ମଲୋଚନ ଦାସ, ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର କିଷାନ, ୱିଇଓ ମୌସୁମୀ ବେହେରା ଏବଂ ବଣାଇ ହକି କୋ-ଅର୍ଡିନେଟର ସୁଧୀର କୁମାର ଜେନା ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସଭାରେ ସଭାପତିତ୍ୱ କରି ନବନିଯୁକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଦୋରା ଉପସ୍ଥିତ ଅତିଥିମାନଙ୍କୁ ବ୍ୟାଚ୍ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଅତିଥିମାନେ ନିଜ ବକ୍ତବ୍ୟରେ ଶ୍ରୀମତୀ ଭାନୁପ୍ରଭା କୁଲୁଙ୍କ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା କରିଥିଲେ।

ଗଣିତ ଶିକ୍ଷକ ସଦାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଙ୍କଜିନୀ ଗରଡିଆ ଧନ୍ୟବାଦ ଅର୍ପଣ କରିଥିଲେ। ଟିଁକିଲି ମାହାକୁଡ଼, ବସନ୍ତ ସାମନ୍ତ, ପ୍ରମୋଦ ଆପଟ, ସୋନମ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ବିଦାୟୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଉପହାର ପ୍ରଦାନ କରି ଉଜ୍ଜ୍ୱଳ ଭବିଷ୍ୟତ ସମସ୍ତେ କାମନା କରିଥିଲେ।

# 'ଉଦ୍ୟମୀ ଓଡ଼ିଶା' ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ରାଉରକେଲା, ୫।୭(ସମିସ) :** ଏମ୍‌ଏସ୍‌ଏମ୍‌ଇ ବିଭାଗ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ରାଉରକେଲାର ମିଳିତ ଉଦ୍ୟମରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା' ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ ହୋଇଛି। କାର୍ଯ୍ୟକ୍ରମ ୩୦ ତାରିଖରେ ରାଉରକେଲାସ୍ଥିତ ଉଜିଆଇଇ ଖେଳ ପଡ଼ିଆରେ ଆରମ୍ଭ ହୋଇଥିଲା।




କାର୍ଯ୍ୟକ୍ରମର ଉଦଘାଟନ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ଦୀନା ଦସ୍ତଗୀର କରିଥିଲେ। ଏହି ମେଳାରେ ପ୍ରାୟ ୨୦ଟି ଷ୍ଟଲ୍ ଖୋଲିଥିଲା। ଯେଉଁଥିରେ ବିଭିନ୍ନ କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ସେମାନଙ୍କ ଉତ୍ପାଦ ପ୍ରଦର୍ଶନ କରିଥିଲେ। ସମାପନ ଉତ୍ସବରେ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ୟମୀତାର ବିକାଶ ଏବଂ ଆତ୍ମନିର୍ଭର ଓଡ଼ିଶା ଗଠନରେ ଏମଏସଏମଇ କ୍ଷେତ୍ରର ଭୂମିକା ସମ୍ପର୍କରେ ମତ ରଖିଥିଲେ।

ସମ୍ମାନିତ ଅତିଥି ଭାବେ ଓଏଏସ୍‌ଏମ୍‌ଇର ସଚିବ ସନ୍ଦୀପ କୁମାର ପାଲ, ଉଦିତନଗର ଏସବିଆଇ ଶାଖାର ଫିଲ୍ଡ ଅଫିସର ତରୁଣ କୁମାର ସେଠ, ୟୁଜିଆଇଇର ଉପାଧ୍ୟକ୍ଷ ଶିଶିର କୁମାର ଦଳାଇ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କ ପ୍ରତିନିଧି ଲତିକା ପଟ୍ଟନାୟକ, ସାଂସଦ ପ୍ରତିନିଧି ପ୍ରକାଶ ପାସୱାନ, ଡିଆଇସିର ମହାପ୍ରବନ୍ଧକ ସ୍ମୃତି ରଞ୍ଜନ ରାଉତରାୟ ଉପସ୍ଥିତ ଥିଲେ।

ଏହି ଅବସରରେ ପାଞ୍ଚଜଣ ଉଦ୍ୟମୀଙ୍କୁ ସିଏମ - ଏସଆରଆଇଏମ ଯୋଜନା ଅନ୍ତର୍ଗତ ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି ଦୁଇଜଣ ସଫଳ ଉଦ୍ୟମୀଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜିତ କୁଇଜ୍, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କାର ବିତରଣ କରାଯାଇଥିଲା।

କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅତିଥି, ଉଦ୍ୟମୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଜଣାଇବା ସହ ଭବିଷ୍ୟତରେ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟରେ ଉଦ୍ୟମୀତାକୁ ଆହୁରି ସୁଦୃଢ଼ କରିବାର ଆଶା ବ୍ୟକ୍ତ କରାଯାଇଥିଲା।

### ବିପିୟୁଟିରେ ଜାତୀୟ କର୍ମଶାଳା ଉଦ୍‌ଯାପିତ

# ସେମିକଣ୍ଡକ୍ଟର ଶିକ୍ଷା ଓ ବୈଜ୍ଞାନିକ ଐତିହ୍ୟ ଉପରେ ଗୁରୁତ୍ୱ

ରାଉରକେଲା, ୫।୭(ସମିସ)

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପରିସରରେ ଚାଲିଥିବା 'ବିକଶିତ ଓଡ଼ିଶା ପାଇଁ ବୈଷୟିକ ଶିକ୍ଷାର ରୂପାନ୍ତରଣ: ଏନ୍‌ଇପି ୨୦୨୦ ଦୃଷ୍ଟିକୋଣ' ଶୀର୍ଷକ ଦୁଇ ଦିନିଆ ଜାତୀୟ କର୍ମଶାଳା ନେତାଜୀ ସୁଭାଷ ପ୍ରେକ୍ଷାଳୟରେ ଉଦ୍‌ଯାପିତ ହୋଇଯାଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ବୈଷୟିକ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ସମନ୍ୱୟ ଉପରେ ଆଲୋଚନା କରିବାକୁ ଓଡ଼ିଶାର ବିଭିନ୍ନ ଇଞ୍ଜିନିୟରିଂ ପ୍ରତିଷ୍ଠାନରୁ ୨୦୦ରୁ ଅଧିକ ଅଧ୍ୟକ୍ଷ ଏବଂ ବରିଷ୍ଠ ଅଧ୍ୟାପକ/ଅଧ୍ୟାପିକା ଏହି କର୍ମଶାଳାରେ ଏକତ୍ରିତ ହୋଇଥିଲେ।

କର୍ମଶାଳାର ଦ୍ୱିତୀୟ ଦିନରେ ପ୍ରତିଷ୍ଠିତ ଶିକ୍ଷାବିତ୍‌ମାନଙ୍କ ଦ୍ୱାରା ଆଧୁନିକ ବୈଷୟିକ ଶିକ୍ଷା ସହିତ ଭାରତୀୟ ଜ୍ଞାନ ପରମ୍ପରାର ସମନ୍ୱୟ ଉପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମାଲକର ସେମିକଣ୍ଡକ୍ଟର ଶିକ୍ଷା ବିଷୟରେ ଆଲୋକପାତ କରିଥିବା ବେଳେ ରାଜସ୍ଥାନ ବିକାନେର ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଖିଳ ରଞ୍ଜନ ଗର୍ଗ ଭାରତର ବୈଜ୍ଞାନିକ ଐତିହ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଗବେଷଣା-ଭିତ୍ତିକ ବୈଷୟିକ ଶିକ୍ଷା ଉପରେ ଜୋର ଦେଇଥିଲେ। ବୁର୍ଲା ଭିସୁଟ୍‌ର ପ୍ରଫେସର ସିଦ୍ଧାର୍ଥ ପଣ୍ଡା ବିଜ୍ଞାନ ଓ ଇଞ୍ଜିନିୟରିଂରେ ଭାରତୀୟ ଜ୍ଞାନ ପରମ୍ପରାର ସମନ୍ୱୟ ବିଷୟରେ ଆଲୋଚନା କରିଥିଲେ।




ଏନ୍‌ଆଇଟି ନାଗାଲାଣ୍ଡର ନିର୍ଦ୍ଦେଶକ ପ୍ରଫେସର ଏ. ଏଲୟାପେରୁମାଲ ସାମଗ୍ରିକ ସୁସ୍ଥତା ପାଇଁ ଯୋଗ, ଧ୍ୟାନ ଏବଂ ଆୟୁର୍ବେଦ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥିଲେ ଏବଂ କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ପାତ୍ର ସିଭିଲ୍ ଇଞ୍ଜିନିୟରିଂରେ ଭାରତୀୟ ଜ୍ଞାନ ପରମ୍ପରାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରିଥିଲେ।

ଉଦ୍‌ଯାପନୀ ଅଧିବେଶନ ବିପିୟୁଟିର କୁଳସଚିବ ନିଶି ପୁନମ ମିଞ୍ଜଙ୍କ ସ୍ୱାଗତ ଭାଷଣ ସହିତ ଆରମ୍ଭ ହୋଇଥିଲା। ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ଅଭିଭାଷଣରେ କହିଥିଲେ ଯେ, ଏହି କର୍ମଶାଳା ଭାରତର ଜ୍ଞାନ ପରମ୍ପରାକୁ ଆଧୁନିକ ବୈଷୟିକ ଶିକ୍ଷା ସହିତ ଯୋଡ଼ିବା ପାଇଁ ଏକ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିଛି। ଏଭଳି ପ୍ରୟାସ ଓଡ଼ିଶାର ସମସ୍ତ ବିପିୟୁଟି ଅନୁବନ୍ଧିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ପ୍ରକ୍ରିୟାରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

ରାଉରକେଲା ମ୍ୟୁନିସିପାଲ୍ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ମତବ୍ୟକ୍ତ କରିଥିଲେ ଯେ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରାର ସାର୍ଥକ ସମନ୍ୱୟ ଆଗାମୀ ପିଢ଼ି ମଧ୍ୟରେ ଉଭୟ ଶୈକ୍ଷିକ ଶ୍ରେଷ୍ଠତା ଏବଂ ସାଂସ୍କୃତିକ ଚେତନାକୁ ସୁଦୃଢ଼ କରିବ। ପାଠ୍ୟକ୍ରମ ବିକାଶ ନିର୍ଦ୍ଦେଶକ ପ୍ରଫେସର ସୁଜିତ କୁମାର ଖୁଣ୍ଟିଆ କର୍ମଶାଳାରୁ ଆସିଥିବା ପ୍ରମୁଖ ସୁପାରିସ ଗୁଡ଼ିକର ସଂକ୍ଷିପ୍ତ ସାରାଂଶ ଉପସ୍ଥାପନ କରିବା ସହ କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର ଜାତୀୟ କୋଷାଧ୍ୟକ୍ଷ ସୁରେଶ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମକୁ ସହଯୋଗୀ ପ୍ରଫେସର ଡ. ଦେବଶ୍ରୀତ ଦାସ ସଂଯୋଜନା କରିଥିଲେ।

# ନବନିର୍ମିତ କେସିଙ୍ଗା ରେଲଷ୍ଟେସନ ଛାତରୁ ଗଳୁଛି ପାଣି



**କେସିଙ୍ଗା, ୫।୭(ସମିସ):** କଳାହାଣ୍ଡି ଜିଲ୍ଲାର ପ୍ରମୁଖ ଓ ପୁରୁଣା ରେଲଷ୍ଟେସନ କେସିଙ୍ଗା। ଜିଲ୍ଲାର ପ୍ରାୟ ୭୫ ପ୍ରତିଶତ ଲୋକ ଭାରତର ଯେ କୌଣସି ରାଜ୍ୟକୁ ଯିବା ଆସିବା କରିବା ପାଇଁ କେସିଙ୍ଗା ଉପରେ ହିଁ ନିର୍ଭର କରିଥାନ୍ତି। ସେଥିପାଇଁ ରେଳ ଷ୍ଟେସନ ପ୍ରାୟ ସବୁ ସମୟରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ରେଳବିଭାଗ ପକ୍ଷରୁ ଅମୃତଭାରତ ରେଳ ଷ୍ଟେସନ ଯୋଜନାରେ ସାମିଲ କରି କୋଟି କୋଟି ଟଙ୍କା ବ୍ୟୟରେ ଷ୍ଟେସନର ନବକଳେବର ହୋଇଛି। କାମ ପ୍ରାୟ ୯୦ ପ୍ରତିଶତ କାମ ସରିଯାଇଥିବା ବେଳେ କିଛିଦିନ ପରେ ଉଦ୍‌ଘାଟନ ମଧ୍ୟ ହେବ। ହେଲେ ଶନିବାର ଲଗାଣ ବର୍ଷାଯୋଗୁଁ ନବ ନିର୍ମିତ ପ୍ଲାଟଫର୍ମ ଛାତରୁ ପାଣି ଗଳୁଛି। ଏବାବଦରେ କେସିଙ୍ଗାର ସଚେତନ ନାଗରିକ ତଥା କେସିଙ୍ଗା ଷ୍ଟେସନ ପରାମର୍ଶଦାତା କମିଟିର ସଭ୍ୟ ସୁରେଶ ରାଓ ଷ୍ଟେସନ ମ୍ୟାନେଜରଙ୍କୁ ଅଭିଯୋଗ କରି ରେଳମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଟୁଇଟ୍ ଯୋଗେ ଉକ୍ତ ବିଷୟ ଉପରେ ଜଣାଇଛନ୍ତି।

# ଘନ ଘନ ବିଦ୍ୟୁତ୍ କାଟ୍; ବଢୁଛି ଅସନ୍ତୋଷ


**ମ. ରାମପୁର, ୫।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଦେଇ ନର୍ଲା, ମ. ରାମପୁରକୁ ସଂଯୋଗ କରିଥିବା ୩୩ କେ.ଭି ବିଦ୍ୟୁତ ସରବରାହ ବର୍ଷ ତମାମ ବିଭ୍ରାଟ ଦେଖିବାକୁ ମିଳିଛି। କଣ୍ଡକ୍ଟର, ଇନ୍ସୁଲେଟର, ସିଟି, ପିଟି ପୋଲ ଇତ୍ୟାଦିକୁ ବଦଳାଇ ଅତି ନିମ୍ନମାନର ସାମଗ୍ରୀ ଲଗାଉଥିବାରୁ ବିଦ୍ୟୁତ ବିଭ୍ରାଟ ହଉଛି ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି। ଏହି ୩୩କେ. ଭି ଲାଇନ ପୂର୍ବରୁ କେବେ ଏତେ ବିଭ୍ରାଟ ଦେଖିବାକୁ ମିଳୁନଥିଲା। ଏହି ହାଇ ଟ୍ରାନ୍ସମିଶନ ୩୩କେ. ଭି ଲାଇନ ଉପରେ ନର୍ଲା ବ୍ଲକ, ମରାମପୁ ବ୍ଲକ, କରଲାମୁଣ୍ଡା ବ୍ଲକ ନିର୍ଭରଶୀଳ। ଏହି ଲାଇନ ପ୍ରତ୍ୟହ ୩ ରୁ ୪ ଥର ବିଭ୍ରାଟ ହେଉଛି। କିଛି ଅଧିକାରୀ ଭବାନୀପାଟଣା କାର୍ଯ୍ୟାଳୟରେ ବସି ହୁକୁମ ଚଳାଉଥିବାବେଳେ କେବେ ବି କ୍ଷେତ୍ର ପ୍ରଦର୍ଶନ କରନ୍ତି ନାହିଁ, କେବଳ କେତେ ଟଙ୍କା ସଂଗ୍ରହ ହେଲା ତା ଉପରେ ଚାପ ପକାନ୍ତି। ଏନେଇ ଆମେ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ କେସିଙ୍ଗାରୁ ନର୍ଲା ଭିତରେ ବାରମ୍ବାର ତାର ଛିଣ୍ଡୁ ଥିବାରୁ ବିଦ୍ୟୁତ ବିଭ୍ରାଟ ହଉଛି ବୋଲି କହିଥିଲେ।

# ଜୁନାଗଡ଼ ମାଛ ବଜାରରେ ଓଜନରେ ଠକେଇ ଅଭିଯୋଗ

**ଜୁନାଗଡ଼, ୫।୭(ସମିସ):** ଜୁନାଗଡ଼ ସହର ସମେତ ଆଖପାଖ ଅଞ୍ଚଳର ଗ୍ରାହକଙ୍କ ପ୍ରମୁଖ ଭରସା ସାଜିଥିବା ସ୍ଥାନୀୟ ଦୈନିକ ମାଛ ବଜାରରେ ଏବେ ଗ୍ରାହକମାନେ ବ୍ୟାପକ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି। ବଜାରରେ କିଛି ଅସାଧୁ ବ୍ୟବସାୟୀ ଓଜନ ମାପରେ କାରସାଦି କରି ଲୋକଙ୍କୁ ସର୍ବସମ୍ମୁଖରେ ଲୁଟୁଥିବା ବେଳେ ସମ୍ପୃକ୍ତ ବିଭାଗ ଏଥିପ୍ରତି ସମ୍ପୂର୍ଣ୍ଣ ଆଖି ବୁଜି ଦେଇଥିବା ଦେଖିବାକୁ ମିଳିଛି। ଜୁନାଗଡ଼ ଦୈନିକ ବଜାର ପରିସରରେ ଥିବା ଏହି ମାଛ ବଜାର ଉପରେ କେବଳ ସ୍ଥାନୀୟ ଜୁନାଗଡ଼ ପୌରାଞ୍ଚଳ ନୁହେଁ, ବରଂ ଆଖପାଖ ଗ୍ରାମାଞ୍ଚଳର ଶତାଧିକ ଲୋକ ନିର୍ଭର କରିଥାନ୍ତି। ପ୍ରତିଦିନ ସକାଳୁ ଏଠାରେ ମାଛ କିଣିବା ପାଇଁ ପ୍ରବଳ ଭିଡ଼ ଜମିଥାଏ। ତେବେ ଗତ କିଛି ଦିନ ହେବ ଏଠାରେ ମାଛ ଓଜନ କରିବା ସମୟରେ ସାଧାରଣ ନିକିତିରେ ବ୍ୟାପକ ଗଡ଼ବଡ଼ କରାଯାଉଥିବା ନେଇ ସାଧାରଣରେ ଗୁରୁତର ଅଭିଯୋଗ ପ୍ରକାଶ ପାଇଛି। ଓଜନ ଓ ମାପ ବିଭାଗର ଉଦାସୀନତା ସ୍ଥାନୀୟ ଗ୍ରାହକଙ୍କ କହିବା ଅନୁଯାୟୀ, ବଜାରରେ କିଣାଯାଉଥିବା ମାଛକୁ ବାହାରେ ଅନ୍ୟ ସ୍ଥାନରେ ଓଜନ କଲେ ୧୦୦ ରୁ ୩୦୦ ଗ୍ରାମ ପର୍ଯ୍ୟନ୍ତ କମ୍ ରହୁଛି। ଓଜନ ଓ ମାପ ବିଭାଗ ତଥା ସ୍ଥାନୀୟ ପ୍ରଶାସନ ଏହି ବଜାର ଉପରେ ତୁରନ୍ତ ଚଢ଼ଉ କରି ଦୋଷୀ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ଜୋର୍ ଧରିଛି।

# ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା : ଜଣେ ଗିରଫ

**ନୂଆପଡ଼ା/ସିନାପାଲି, ୫।୭ (ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା, ଜୀବନରୁ ମାରିଦେବାକୁ ଧମକ ଦେବା ଏବଂ ଲାଠିରେ ନିର୍ମମ ଭାବେ



ଆକ୍ରମଣ କରି ରକ୍ତାକ୍ତ କରିବା ଅଭିଯୋଗରେ ବୋଡ଼େନ ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଏନେଇ ପୁଲିସ ପକ୍ଷରୁ ଏକ ପ୍ରେସ ନୋଟ୍ ଜାରି କରି ସୂଚନା ଦିଆଯାଇଛି।
 ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବୋଡ଼େନ ଥାନା ଅଧୀନ ଲର୍କା ଗ୍ରାମର ଜଣେ ମହିଳା ଗତ ୧୪ତାରିଖ ସନ୍ଧ୍ୟା ପ୍ରାୟ ୫ ଟା ସମୟରେ ଘଟିଥିବା ଏହି ହିଂସାକାଣ୍ଡ ନେଇ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୂର୍ବ ଶତ୍ରୁତା ଯୋଗୁଁ ଅଭିଯୁକ୍ତ ଜଣକ ମହିଳାଙ୍କୁ ପ୍ରଥମେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଏହାପରେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ଏକ ଲାଠିରେ ଆକ୍ରମଣ କରିଥିଲା। ଆକ୍ରମଣ ଯୋଗୁଁ ମହିଳାଙ୍କ ଶରୀର ରେ ଗଭୀର କ୍ଷତ ସୃଷ୍ଟି ହେବା ସହ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣା ଘଟାଇବା ପରେ ଅଭିଯୁକ୍ତ ଜଣକ ସେଠାରୁ ଫେରାର ହୋଇଯାଇଥିଲା। ପୀଡ଼ିତାଙ୍କ ଅଭିଯୋଗ କୁ ଆଧାର କରି ବୋଡ଼େନ ଥାନାରେ ମାମଲା ରୁଜୁ ହୋଇଛି। ପୁଲିସ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

# ପ୍ରଶାସନ ଶୁଣିଲାନି; ଡ୍ରେନ୍ ସଫା କଲେ ଯୁବକ

**କର୍ଲାମୁଣ୍ଡା, ୫।୭ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଅଧୀନ ତେରେସିଂହା ଗ୍ରାମ ମୁଖ୍ୟ ରାସ୍ତାର ଗୋଟିଏ ପାର୍ଶ୍ୱ ଡ୍ରେନରୁ ଆଜି ସକାଳେ କିଛି ଯୁବକ ଅଳିଆ ସଫା କରିଥିବା ଦେଖିବାକୁ ମିଳିଛି। ଗ୍ରାମର ପୁରୁଣା ବ୍ୟାଙ୍କ ଛକ (ରଣାଷ୍ଟଳ) ଠାରୁ ବସ୍ତି ସ୍କୁଲ ପର୍ଯ୍ୟନ୍ତ ଲମ୍ବି ଯାଇଥିବା ଡ୍ରେନ ଅଳିଆ ଆବର୍ଜନାରେ ସମ୍ପୂର୍ଣ୍ଣ ପୋତି ହୋଇଯାଇଥିଲା। ଡ୍ରେନ ସଫେଇ କାର୍ଯ୍ୟପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ହେଁ ପଞ୍ଚାୟତ ପ୍ରଶାସନ ଜାଣିଶୁଣି ନ ଦେଖିଲା ପରି ନୀରବ ରହିଥିଲା। ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗୁଣସାଗର ପଧାନଙ୍କ ନେତୃତ୍ୱରେ ପ୍ରହଲ୍ଲାଦ ପଧାନ, ସମୀର ପଧାନ, ସତକୁମର ଭୋଇ, ହରିହର ନାଏକ, ତପିଭୋଇ, କୌଶିକ ପଧାନ, ବିଦୁରଭୋଇ, ତପବନ୍ତ ଗହିର ପ୍ରମୁଖ ସହଯୋଗ କରିଥିଲେ।

### ସ୍ୱତନ୍ତ୍ର ସଘନ ସଂଶୋଧନ

# ପ୍ରକାଶ ପାଇଲା ମତଦାତା ତାଲିକା; ବାଦ ପଡ଼ିଲେ ୭୪ ହଜାର ୫୪୬

**ଭବାନୀପାଟଣା, ୫।୭(ସମିସ)**

କଳାହାଣ୍ଡି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ - ୨୦୨୬ ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭା ଗୃହରେ ରବିବାର ଦିନ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀର ଖସଡ଼ା ମତଦାତା ତାଲିକା ପ୍ରକାଶ କରାଯାଇଛି। ଏସ୍ଆଇଆର ପରେ ଜିଲ୍ଲାର ସମୁଦାୟ ୫ଟି ତଥା ଜୁନାଗଡ଼, ଭବାନୀପାଟଣା, ଲାଞ୍ଜିଗଡ଼, ଧର୍ମଗଡ଼ ଓ ନାର୍ଲା ନିର୍ବାଚନ ମଣ୍ଡଳୀର ୭୪ ହଜାର ୫୪୬ ଜଣ ଭୋଟର ବାଦ ପଡ଼ିଛନ୍ତି। ଏଥିରେ ଜିଲ୍ଲାର ସବୁଠୁ ଅଧିକ ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ୧୭ହଜାର ୬୯୧ ଜଣ ଭୋଟର ବାଦ ପଡ଼ିଛନ୍ତି। ସେହିପରି ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ ସବୁଠୁ କମ ୧୧ ହଜାର ୨୫୮ ଭୋଟର ବାଦ ପଡ଼ିଛନ୍ତି। ପୂର୍ବରୁ ଜିଲାରେ ୧୨ ଲକ୍ଷ ୮ ହଜାର ୬୪୫ ଭୋଟର ରହିଥିବାବେଳେ ଏବେ ଏସଆଇଆର ପରେ ୧୧ଲକ୍ଷ ୩୪ ହଜାର ୯୯ ଜଣ ଭୋଟର ରହିଛନ୍ତି। ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୩୭ ହଜାର ୫୮୯ ଭୋଟର ରହିଥିବାବେଳେ ଏବେ ଏସଆଇଆର ପରେ ୨ଲକ୍ଷ ୨୦ ହଜାର ୧୧୩ ଭୋଟର ରହିଛନ୍ତି। ଜୁନାଗଡ଼ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୪୪ ହଜାର ୮୮୦ ଭୋଟର ରହିଥିବାବେଳେ ଏବେ ଏସଆଇଆର ପରେ ୨ଲକ୍ଷ ୩୩ ହଜାର ୬୨୨ ଭୋଟର ରହିଛନ୍ତି। ନର୍ଲା ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୩୩ ହଜାର ୫୮୭ ଭୋଟର ରହିଥିବାବେଳେ ଏବେ ଏସଆଇଆର ପରେ ୨ଲକ୍ଷ ୨୦ ହଜାର ୧୧୩ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୧୩ ହଜାର ୪୭୪ ଜଣ ଭୋଟର ବାଦ ପଡ଼ିଛନ୍ତି। ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୬୩ ହଜାର ୪୯ ଭୋଟର ରହିଥିବାବେଳେ ଏବେ ଏସ୍ଆଇଆର ପରେ ୨ଲକ୍ଷ ୪୭ ହଜାର ୪୬୭ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୧୫ ହଜାର ୫୮୨ ଜଣ ଭୋଟର ବାଦ ପଡ଼ିଛନ୍ତି। ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀରେ ପୂର୍ବରୁ ୨ଲକ୍ଷ ୨୯ ହଜାର ୫୪୦ ରହିଥିବାବେଳେ ଏବେ ଏସ୍ଆଇଆର୍ ପରେ ୨ଲକ୍ଷ ୧୨ ହଜାର ୯୯୯ ଭୋଟର ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ୧୬ ହଜାର ୫୪୧ ଜଣ ଭୋଟର ବାଦ ପଡ଼ିଛନ୍ତି। ଯେଉଁ ବ୍ୟକ୍ତି ନାମ କଟିଛି ସେମାନେ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ମଧ୍ୟରେ ଆପତ୍ତି ଅଭିଯୋଗ କରିପାରିବେ। ସେହିପରି ୨ ସେପ୍ଟେମ୍ବର ସୁଦ୍ଧା ଦାବି




ଓ ଆପତ୍ତିର ସମାଧାନ କରାଯାଇ ୭ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଜିଲ୍ଲାରେ ବର୍ତ୍ତମାନ ନୂଆ ୨୯୨ଟି ବୁଥ୍ ସୃଷ୍ଟି କରାଯାଇଛି। ଫଳରେ ମୋଟ୍ ବୁଥ୍ ସଂଖ୍ୟା ୧୪୧୩ରୁ ବୃଦ୍ଧି ପାଇ ଏବେ ୧୭୦୫କୁ ପହଞ୍ଚିଛି। ଯାହାକି ମତଦାତାଙ୍କ ପାଇଁ ଭୋଟଦାନ କେନ୍ଦ୍ରକୁ ଅଧିକ ସୁଗମ କରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଏସ୍ଆଇଆର-୨୦୨୬ ର ପ୍ରଥମ ପର୍ଯ୍ୟାୟରେ ସଫଳତାର ସହ ସମ୍ପନ୍ନ ହୋଇଥିବା ଏନ୍ୟୁମେରେସନ ଫର୍ମ, ମୁଦ୍ରଣ, ବଣ୍ଟନ, ଡିଜିଟାଇଜେସନ ଏବଂ ପୋଲିଂ ଷ୍ଟେସନର ଯୁକ୍ତିସଙ୍ଗତୀକରଣ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଭୋଟର ତାଲିକାରେ ତ୍ରୁଟି ସଂଶୋଧନ, ନୂତନ ଭୋଟରଙ୍କ ନାମ ସାମିଲ ଓ ଦାବି-ଆପତ୍ତି ଦାଖଲ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଡେପୁଟି କଲେକ୍ଟର (ନିର୍ବାଚନ) ଅବିନାଶ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଜଣେ ବି ଯୋଗ୍ୟ ମତଦାତା ବାଦ୍ ପଡ଼ିବେ ନାହିଁ ଏବଂ ଜଣେ ବି ଅଯୋଗ୍ୟ ବ୍ୟକ୍ତି ମତଦାତା ତାଲିକାରେ ଯେମିତି ସାମିଲ ହେବେ ନାହିଁ ସେଥିପ୍ରତି ତୀକ୍ଷଣ ସୃଷ୍ଟି ରଖାଯିବବୋଲି ଜିଲ୍ଲାପାଳ କହିଛନ୍ତି।

# ବର୍ଷା ପରେ ଆରମ୍ଭ ହେଲା ଚାଷ କାର୍ଯ୍ୟ

**କେସିଙ୍ଗା, ୫।୭ (ସମିସ):** କେସିଙ୍ଗା ଅଞ୍ଚଳରେ ତିନିଦିନ ଧରି ବର୍ଷା ଯୋଗୁଁ ଚାଷୀର ମୁଖରେ ଟିକେ ହସ ଦେଖାଯାଉଛି। ଜୁଲାଇ ୧ ତାରିଖରୁ ଆରମ୍ଭ ହୋଇଥିବା ଲଗାଣ ବର୍ଷା ରବିବାର ଦିନ ମଧ୍ୟ ଦିନଯାକ ଲାଗି ରହିଥିଲା। ଚଳିତ ବର୍ଷ କେସିଙ୍ଗା ବ୍ଲକରେ ପ୍ରାୟ ୧୦ ହଜାର ହେକ୍ଟର ଜମିରେ ଧାନଚାଷ ଓ ପ୍ରାୟ ୧୪ ହଜାର ହେକ୍ଟର ରେ କପା ଚାଷ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ବୋଲି କେସିଙ୍ଗା କୃଷି ବିଭାଗର ଅଧିକାରୀ ପ୍ରକାଶ କରିଛନ୍ତି। ବର୍ଷା ଆଗରୁ ପ୍ରାୟ ୧୫ ରୁ ୨୦ ପ୍ରତିଶତ ଚାଷ ସରିଥିବା ସରକାରୀ କାଗଜପତ୍ର କହୁଥିଲେ ମଧ୍ୟ ପ୍ରକୃତରେ ତାହା ୫ ରୁ ୧୦ ପ୍ରତିଶତ ବୋଲି ଜଣାପଡ଼ିଛି। ସେପଟେ କେସିଙ୍ଗା ପାଣିପାଗ ବିଭାଗର ରେକର୍ଡ ଅନୁଯାୟୀ ଜୁଲାଇ ୧ ତାରିଖରୁ ୫ ତାରିଖ ମଧ୍ୟରେ ଅଞ୍ଚଳରେ ୧୭୫.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି କେବଳ ୫ ତାରିଖ ଶନିବାର ଦିନ ୧୦୮.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ କେସିଙ୍ଗା ର ସାଇଡ ଏରିଆରୁ ସହରକୁ ସଂଯୋଗ କରୁଥିବା ଅନେକ ରାସ୍ତା ଖରାପ ହୋଇ ଯାଇଥିବା ବେଳେ କେସିଙ୍ଗା ରୁ ଟିଟଲାଗଡ଼ କୁ ଯାଉଥିବା ରାସ୍ତା କଥା ନ କହିଲେ ଭଲ। କିଛି ଦିନ ତଳେ କେସିଙ୍ଗା ସିଟିଜନ ଫୋରମ୍ ର ହସ୍ତକ୍ଷେପ ଓ ସହରର ବିଭିନ୍ନ ଗଣମାଧ୍ୟମରେ ଉକ୍ତ ରାସ୍ତା ବିଷୟରେ ଖବର ପ୍ରକାଶ ପରେ ବିଭାଗ ତରବରିଆ ଭାବରେ କେବଳ ଚିପ୍ସ ଗୁଣ୍ଡ ଓ କିଛି ଚିପ୍ସ ପକାଇ ଖାଲମାଳ ଗୁଡ଼ିକୁ ମରାମତି କରିଥିଲା, ହେଲେ ଶନିବାର ଦିନର ଗୋଟିଏ ଦିନର ବର୍ଷାରେ ତାହା ଧୋଇ ଯାଇଛି।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର; ବର୍ତ୍ତିଲେ ପରିବାର



**ରିଷିଡ଼ା, ୫।୭(ସମିସ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାରେ ୨ଦିନ ଧରି ହୋଇଥିବା ବର୍ଷାରେ ହରି ବାରିକଙ୍କ ମାଟିଘର ଭୁଶୁଡ଼ି ପଡ଼ିଛି। ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ବାରମ୍ବାର ଆବେଦନ କରି ସୁଦ୍ଧା ଘର ଖଣ୍ଡେ ପାଇପାରୁ ନାହାନ୍ତି। ଫଳରେ ଭଙ୍ଗା ଦଦରା ଝାଟିମାଟି କୁଡିଆରେ ଏମାନଙ୍କ ଜୀବନ ବିତୁଛି। ତାଙ୍କର ସମ୍ବଳ ଅଭାବରୁ ଭଙ୍ଗା ଘରକୁ ମଧ୍ୟ ମରାମତି କରିପାରୁନାହାନ୍ତି। ଦୀର୍ଘବର୍ଷ ହେବ ଏମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ବର୍ଷା ସହିତ ପ୍ରବଳ ଝଡ଼ ପବନ ଯୋଗୁଁ ଶନିବାର ଭୋର ସକାଳେ ଶୋଇଥିବା ବେଳେ ଗୋଟିଏ କାନ୍ଥ ଭୁଶୁଡ଼ିବା ସହ ଉପର ଟାଳଛପର ପଡ଼ିଯାଇଛି। ଯାହାଫଳରେ ଘରେ ଶୋଇଥିବା ଦୁଇ ସ୍ୱାମୀ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

# ବର୍ଷାରେ ବୁଡ଼ିଲା ବାଞ୍ଜିପଦର୍ ସ୍କୁଲ

**କର୍ଲାମୁଣ୍ଡା, ୫।୭(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସାପଲହରା ପଞ୍ଚାୟତ ବାଞ୍ଜିପଦର୍ ପ୍ରାଥମିକ ବିଦ୍ୟାଳୟରେ ଦୁଇଫୁଟ ବର୍ଷା ପାଣି ଜମି ରହିଥିବା ଦେଖିବାକୁ ମିଳିଛି। ଶୁକ୍ରବାର, ଶନିବାର ଓ ରବିବାର ତିନିଦିନ ଧରି ଲଗାଣ ବର୍ଷା ଯୋଗୁଁ ଗାଁ ପାଣି ବିଦ୍ୟାଳୟ ଭିତରକୁ ପଶି ଆସିଥିବା ଜଣାପଡ଼ିଛି। ପ୍ରତିବର୍ଷ ବର୍ଷା ସମୟରେ ଏହି ବିଦ୍ୟାଳୟ ଜଳ ଘେରରେ ରହୁଥିବାବେଳେ ସମାଧାନ ଦିଗରେ ଶିକ୍ଷା ବିଭାଗ କୌଣସି ପଦକ୍ଷେପ ନେଉ ନ ଅଭିଯୋଗ ହେଉଛି। ଏନେଇ ଦାୟିତ୍ୱରେ ଥିବା ରେଗଡ଼ା ସିଆରସିସି ପ୍ରଭାରଞ୍ଜନ ବନ୍‌ଛୋରଙ୍କୁ ପଚାରିବାରୁ ମୁଁ ଏହି ବିଦ୍ୟାଳୟ ସମସ୍ୟାକୁ ବ୍ଲକ ଶିକ୍ଷା ବିଭାଗକୁ ଜଣାଇଛି, ସମାଧାନ ପାଇଁ ଗାଁ ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସମାଧାନ ହୋଇ ପାରୁନାହିଁ ବୋଲି କହିଛନ୍ତି। ଏଣୁ ଏଦିଗରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଜରୁରୀ ହୋଇପଡ଼ିଛି। ସୂଚନାଯୋଗ୍ୟ, ଶୁକ୍ରବାର ଶନିବାର ରବିବାର ସୁଦ୍ଧା ୧୯୦ ମି. ବର୍ଷା ରେକର୍ଡ ହୋଇଛି।



### ବଜାରରେ ବିଭିନ୍ନ ପ୍ରକାରର ପଟାସ୍ ସାର୍

# ଅସଲି-ନକଲି ଦ୍ୱନ୍ଦ୍ୱରେ ଚାଷୀ

**କୋକସରା, ୫।୭(ସମିସ):** ମୌସୁମୀ ବର୍ଷାର ଆଗମନ ସହିତ କୋକସରା ବ୍ଲକର ଚାଷୀ ଅଣ୍ଟା ଭିଡ଼ିଛନ୍ତି। ବିଲରେ ହଳ କରିବା ସହ ଖରିଫ୍ ଚାଷ ପାଇଁ ପ୍ରାକ୍ ପ୍ରସ୍ତୁତି ଜୋରସୋରରେ ଆରମ୍ଭ ହୋଇଛି। ହେଲେ ଚାଷ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଅଞ୍ଚଳରେ ସାର ସମସ୍ୟାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ବିଶେଷକରି ବର୍ତ୍ତମାନ କୋକସରା ବଜାରରେ ବିଭିନ୍ନ ପ୍ରକାରର ପଟାସ୍ ସାର୍ ମିଳୁଥିବା ବେଳେ, ସେଥିମଧ୍ୟରୁ କେଉଁଟି ଅସଲି ଓ କେଉଁଟି ନକଲି ତାହାକୁ ନେଇ ଚାଷୀକୂଳ ଘୋର ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ସୂଚନା ଅନୁଯାୟୀ, ବଜାରରେ କିଛି ପ୍ରତିଷ୍ଠିତ କମ୍ପାନୀର ପଟାସ୍ ସାର୍ କିଣିବା ସମୟରେ ଚାଷୀଙ୍କ ଠାରୁ ଆଧାର କାର୍ଡ ମଗାଯାଉଛି ଏବଂ ପିଓଏସ୍ ମେସିନରେ ଫିଙ୍ଗରପ୍ରିଣ୍ଟ/ଏଣ୍ଟ୍ରି କରି ନିୟମିତ ଭାବେ ସାର୍ ବିକ୍ରି କରାଯାଉଛି। ମାତ୍ର ଅନ୍ୟପଟେ, ବଜାରକୁ ଆସିଥିବା ଏକ ନିର୍ଦ୍ଦିଷ୍ଟ କମ୍ପାନୀର 'ଅର୍ଗାନିକ୍ ପଟାସ୍' ସାର୍ ବିକ୍ରି ସମୟରେ କୌଣସି ଆଧାର କାର୍ଡ କିମ୍ବା ପିଓଏସ୍ ମେସିନ୍ ବ୍ୟବହାର କରାଯାଉ ନାହିଁ। ବିନା କୌଣସି ସରକାରୀ ଏଣ୍ଟ୍ରିରେ ସାର୍ ଦୋକାନୀମାନେ ଏହାକୁ ସିଧାସଳଖ ଚାଷୀଙ୍କୁ ବିକ୍ରି କରୁଛନ୍ତି, ଯାହା ଚାଷୀଙ୍କ ମନରେ ବଡ଼ ସନ୍ଦେହ ସୃଷ୍ଟି କରିଛି। ଅଭିଯୋଗ ହେଉଛି ଯେ, ଏହି ନିର୍ଦ୍ଦିଷ୍ଟ ଅର୍ଗାନିକ୍ ପଟାସ୍ ସାର୍ ର ପ୍ରକୃତ ମୂଲ୍ୟ ଠାରୁ ପ୍ରତିଷ୍ଠିତ କମ୍ପାନୀର ସାର ଭଳି ଚଢ଼ା ଦରରେ ଚାଷୀଙ୍କୁ ବିକ୍ରି କରାଯାଉଛି। ସାରର ସଠିକତାକୁ ନେଇ କୌଣସି ଗ୍ୟାରେଣ୍ଟି ନଥିବା ବେଳେ, ଅଧିକ ପଇସା ଦେଇ ଚାଷୀମାନେ ଠକାମିର ଶିକାର ହେଉଥିବା ଆଶଙ୍କା ପ୍ରକାଶ ପାଇଛି। ବଜାରରେ ବିକ୍ରି ହେଉଥିବା ଏହି ସନ୍ଦେହଜନକ ପଟାସ୍ ସାର୍ ର ପ୍ରକୃତ ସତ୍ୟାସତ୍ୟ ପରଖିବା ପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଏ ବିଷୟରେ କୋକସରା ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀଙ୍କୁ ପଚାରିବାରୁ ଅସଲି ନକଲି କହିହେବ ନାହିଁ, ଅନ୍ୟ ପଟାସ ସାର୍ ତୁଳନାରେ ତା'ର ଟିକେ କମ୍ ପରିମାଣ ରହୁଛି। ତେଣୁ କରି ସେହି ସାର୍ ର ମୂଳ ମଧ୍ୟ କମ୍ ରହିଛି, ଯଦି କୌଣସି ସାର୍ ଦୋକାନୀ ଚଢ଼ା ଦରରେ ବିକ୍ରୀ କରୁଛନ୍ତି ଦେବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ନୂଆପଡ଼ାରେ ବର୍ଷା; ବୁଡ଼ିଲା ବିଭିନ୍ନ ପଡ଼ା

**ନୂଆପଡ଼ା/ସିନାପାଲି, ୫।୭(ସମିସ):** ନୂଆପଡ଼ା ଜିଲ୍ଲାରେ ଚଳିତବର୍ଷର ପ୍ରଥମ ମୌସୁମି ବର୍ଷା ଲାଗି ରହିଛି। ଚାଷକାର୍ଯ୍ୟ ପାଇଁ ଚାଷୀ ମହଲରେ ତତ୍ପରତା ଦେଖା ଦେଇଥିବା ବେଳେ ଗରମରୁ ଆଶ୍ୱସ୍ତି ମିଳିଛି। ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣବର୍ଷା ଲାଗି ରହିଥିବା ବେଳେ ଚାଷ ଉପଯୋଗୀ ବର୍ଷା ଫଳରେ ଚାଷୀମହଲରେ ତତ୍ପରତା ଦେଖା ଦେଇଛି। ଚାଷକାର୍ଯ୍ୟ ଆରମ୍ଭ କରିବା ସହ ଧାନ ବୁଣା ସାଙ୍ଗକୁ ବିଲ ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି। ଅବ୍ୟବସ୍ଥା ଯୋଗୁଁ ଜିଲ୍ଲାର ଅନେକ ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଜମା ହୋଇରହିଛି। ନୂଆପଡ଼ା ସହରର ସାଲେଭଟା ରାସ୍ତା ଉପରେ ବର୍ଷା ପାଣି ଚାଲୁଥିବା ବେଳେ ଯାତାୟତ ବାଧାପ୍ରାପ୍ତ ହୋଇଛି। ସେହିପରି ଠାକୁର ନୂଆପଡ଼ା, ମନ୍ଦିର ପଡ଼ା, ତେଲିପଡ଼ାରେ ପାଣି ନିଷ୍କାସନ ହୋଇ ପାରୁନାହିଁ। କୋମନା ବିଦ୍ୟୁତ ବିଭାଗୀୟ କାର୍ଯ୍ୟାଳୟ ସାମ୍ନା ଜାତୀୟ ରାଜପଥ ୩୫୩ ଉପରେ ପାଣି ଚାଲୁଥିବାରୁ ଦୀର୍ଘ ଚାରିଘଣ୍ଟା କାଳ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଲଖନା ସ୍ଥିତ ରେଲୱେ ଅଣ୍ଡର ବ୍ରିଜରେ ତିନିଫୁଟର ପାଣି ଜମିଥିବାରୁ ଲୋକେ ଯିବା ଆସିବା କରି ପାରୁନାହାନ୍ତି। ସୁନାବେଡ଼ା ଅଭୟାରଣ୍ୟ ଭିତରେ ମଧ୍ୟ ଅନେକ ସ୍ଥାନରେ ପାଣି ଚାଲୁଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି। ସୁନାବେଡା ପଟୁ ଛତିଶଗଡ଼କୁ ଯାତାୟତ ସମ୍ପୂର୍ଣ ବନ୍ଦ ରହିଛି। ପ୍ରଥମ ବର୍ଷା ପାଣି ରାତିସାରା ନୂଆପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ହୋଇଥିବା ବେଳେ କିଭଳି ଧନ ଜୀବନ ହାନି ନହୁଏ ସେଥିପ୍ରତି ଧ୍ୟାନ ଦିଆ ଯିବା ସହ ବିଭାଗୀୟ ଅଧିକାରୀ ମାନଙ୍କୁ ଆଲର୍ଟ ରଖାଯାଇଛି ବୋଲି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି।

### ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧୀ ସ୍ୱଚ୍ଛତା ଅଭିଯାନ

# ୪ଟନ୍ ଶୁଖିଲା ବର୍ଜ୍ୟ ଅପସାରଣ; ୧୨୯ କେଜି ନିଷିଦ୍ଧ ପ୍ଲାଷ୍ଟିକ୍ ଜବତ

**ନୂଆପଡ଼ା/ସିନାପାଲି, ୫।୭(ସମିସ):** ଏକକ ବ୍ୟବହୃତ ପ୍ଲାଷ୍ଟିକମୁକ୍ତ ନୂଆପଡ଼ା ଅଭିଯାନ ଅଧୀନରେ ପ୍ରତି ଶନିବାର ପାଳିତ ହେଉଥିବା ଜିଲ୍ଲା ସ୍ୱଚ୍ଛତା ଦିବସ ଅବସରରେ ଆଜି ସମଗ୍ର ଜିଲ୍ଲାରେ ବ୍ୟାପକ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲାର ବିଭିନ୍ନ ଧାର୍ମିକ



ପୀଠ ଓ ସାର୍ବଜନୀନ ସ୍ଥାନରେ ୮ଟି ଜିଲ୍ଲାସ୍ତରୀୟ ସ୍ୱଚ୍ଛତା ଦଳ, ସମ୍ପୃକ୍ତ ବ୍ଲକ ପ୍ରଶାସନ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଟିମ୍‌ଙ୍କ ସହଯୋଗରେ ବ୍ୟାପକ ସଫେଇ ଅଭିଯାନ ଚଳାଇଥିଲେ। ଏହି ଅଭିଯାନରେ ପ୍ରାୟ ୪ ଟନ୍ ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ଶୁଖିଲା ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ଯଥାବିଧି ପରିଚାଳନା ପାଇଁ ପଠାଯାଇଛି। ସ୍ୱଚ୍ଛତା ଅଭିଯାନ ସହିତ ଏହି ଅବସରରେ ନିଷିଦ୍ଧ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବିରୋଧରେ କଡ଼ା ପ୍ରବର୍ତ୍ତନମୂଳକ ଯାଞ୍ଚ ମଧ୍ୟ କରାଯାଇଥିଲା। ଏଥିରେ ନୂଆପଡ଼ାର ସହରାଞ୍ଚଳରୁ ୨୪ କେଜି ଏବଂ ଗ୍ରାମାଞ୍ଚଳରୁ ୧୦୫ କେଜି, ମୋଟ ୧୨୯ କେଜି ନିଷିଦ୍ଧ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଜବତ କରାଯାଇଛି। ସେହିପରି ସହରାଞ୍ଚଳରେ ୭, ୭୦୦ ଟଙ୍କା ଓ ଗ୍ରାମାଞ୍ଚଳରେ ୪୧, ୨୦୦ ଟଙ୍କା, ମୋଟ ୪୮, ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ନିୟମ ଉଲ୍ଲଂଘନକାରୀମାନଙ୍କଠାରୁ ଭବିଷ୍ୟତରେ ନିଷିଦ୍ଧ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ଲିଖିତ ପ୍ରତିଶ୍ରୁତିପତ୍ର ମଧ୍ୟ ଗ୍ରହଣ କରାଯାଇଛି। ଏହି ଅଭିଯାନରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ମୁଖ୍ୟଉନ୍ନୟନ ଅଧିକାରୀ ଲମ୍ବୋଦର ଧରିଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଗ୍ରାମ୍ୟ ଜଳଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ପ୍ରହଲ୍ଲାଦ ସାହୁ, ସମବାୟ ଉପନିବନ୍ଧକ ଶିବପ୍ରସାଦ ସ୍ୱାଇଁ, ପୂର୍ତ୍ତ ଭାଗ ଅଧୀକ୍ଷଣ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଲା ଏବଂ ଆର୍.ଏମ୍.ସି. ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି ନିଜ ନିଜ ଜିଲ୍ଲାସ୍ତରୀୟ ଦଳର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ଜିଲ୍ଲାବାସୀଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ସମ୍ପୂର୍ଣ୍ଣ ଭାବେ ପରିହାର କରି କପଡ଼ା ଓ ଅନ୍ୟାନ୍ୟ ପରିବେଶବନ୍ଧବ ବିକଳ୍ପ ଆପଣାଇବାକୁ ଆହ୍ୱାନ ଜଣାଇଛନ୍ତି।

### ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ୍

# ୪ ଗିରଫ, ୭୮ ଗ୍ରାମ ସୁନା ଓ ୪.୪୨ ଲକ୍ଷ ଟଙ୍କା ଜବତ


**ଗୋଲାମୁଣ୍ଡା/ଧର୍ମଗଡ଼, ୫।୭(ସମିସ)**

କଳାହାଣ୍ଡି ପୁଲିସ ଧର୍ମଗଡ଼ ସବ୍‌ଡିଭିଜନ ଅଞ୍ଚଳରେ ଘଟିଥିବା ଏକାଧିକ ଚୋରି ଘଟଣାର ପର୍ଦ୍ଦାଫାସ କରି ଏକ ସକ୍ରିୟ ଚୋରି ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ସ୍ୱୀକାରୋକ୍ତି ଆଧାରରେ ପୁଲିସ ପ୍ରାୟ ୭୮ ଗ୍ରାମ ତରଳା ସୁନା, ୪ ଲକ୍ଷ ୪୨ ହଜାର ଟଙ୍କା ନଗଦ, ଗୋଟିଏ ଲୁହା ରଡ୍ ଓ ଲୁହା ହୁକ୍ ଜବତ କରିଛି। ଗୋଲାମୁଣ୍ଡା, କୋକସରା ଓ କେଗାଁ ଥାନା ଅଞ୍ଚଳରେ ଘଟିଥିବା ଏକାଧିକ ଚୋରି ଘଟଣାରେ ଏହି ଗ୍ୟାଙ୍ଗ ସମ୍ପୃକ୍ତ ଥିବା ପୁଲିସ କହିଛି। ତଦନ୍ତ ସମୟରେ ଅଭିଯୁକ୍ତମାନେ ସୁନା ଅଳଙ୍କାର, ନଗଦ ଟଙ୍କା ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି କରିଥିବା ସ୍ୱୀକାର କରିବା ସହ ଚୋରି ସୁନାକୁ ସ୍ଥାନୀୟ ରିସିଭରଙ୍କ ନିକଟରେ ବିକ୍ରି କରି ପରିଚୟ ଲୁଚାଇବା ପାଇଁ ତରଳାଇ ଦେଇଥିବା ମଧ୍ୟ ପ୍ରକାଶ କରିଛନ୍ତି। ଗୋଲାମୁଣ୍ଡା, କୋକସରା ଓ କେଗାଁ ଥାନାରେ ମାମଲା ସହ ସମ୍ପୃକ୍ତ ବୋଲି ପୁଲିସ ସୂଚନା ଦେଇଛି। ଗିରଫ



ଅଭିଯୁକ୍ତମାନେ ହେଲେ କେଦାରନାଥ ଦାସ (୪୬), ରାକେଶ ବାଗ (୨୪), ଦୁର୍ଯ୍ୟାଧନ ହରିଜନ (୫୨) ଏବଂ ରାମା ସଗରିଆ ଓରଫ ରାମ ହରିଜନ ଓରଫ ରାଜୁ। ଏହାସହ ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଲିମସେର ଗ୍ରାମର ଝସକେତନ ମେହେରଙ୍କୁ ଚୋରି ସାମଗ୍ରୀର ରିସିଭର ଭାବେ ଚିହ୍ନଟ କରାଯାଇଛି। ପୁଲିସ ମାମଲା ରୁଜୁ କରି ସେମାନଙ୍କୁ ଧର୍ମଗଡ଼ ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିବା କଳାହାଣ୍ଡି ପୁଲିସ ପକ୍ଷରୁ ସୂଚନା ମିଳିଛି।

# ସମ୍ପାଦକୀୟ



ଅହିଂସା ସାହସିକତାର ପ୍ରତୀକ
-ମହାତ୍ମା ଗାନ୍ଧୀ

ସକାଳ THE SAKALA

## ଆସ୍ଥା ତୁଟୁଛି

ଭାରତର ଅର୍ଥ ବ୍ୟବସ୍ଥା ଉପରୁ ଜନସାଧାରଣଙ୍କ ଆସ୍ଥା କ୍ରମଶଃ ତୁଟିବାରେ ଲାଗିଛି। ଏହାର ପ୍ରତିଫଳନ ବ୍ୟାଙ୍କ ଜମା-ଉଠାଣ କାରବାରରେ ଦେଖିବାକୁ ମିଳିଛି। ଗତ କିଛିମାସ ଧରି ଋଣ ବଢ଼ିଚାଲିଥିବା ବେଳେ ଜମା ହାର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି। ଜମା-ଋଣ ଅନୁପାତର ଏହି କ୍ରମବର୍ଦ୍ଧିଷ୍ଣୁ ହାର ବ୍ୟାଙ୍କିଙ୍ଗ କ୍ଷେତ୍ର ପାଇଁ ଯେତିକି ଅସ୍ୱସ୍ତିକର ହୋଇଛି, ଦେଶର ସାମଗ୍ରିକ ଅର୍ଥନୀତିରେ ଏହାର ପରୋକ୍ଷ ନକାରାତ୍ମକ ପ୍ରଭାବ ତା'ଠାରୁ ଅଧିକ ଆଶଙ୍କା ସୃଷ୍ଟି କରିଛି।

ବିଶେଷଜ୍ଞଙ୍କ ମତରେ ପରିବାର ଓ ନିବେଶକମାନେ ସଞ୍ଚୟ ଜମାରୁ ମୁହଁ ଫେରାଇ ମିଆଦୀ ଜମା, ମ୍ୟୁଚୁଆଲ୍ ଫଣ୍ଡ, ପ୍ରତିଭୂତି(ସେୟାର ମାର୍କେଟ)ରେ ନିବେଶ କରିବାକୁ ଅଧିକ ଉଚିତ ମଣୁଛନ୍ତି। କିନ୍ତୁ ଜମା-ଋଣ ତାରତମ୍ୟ ବୃଦ୍ଧି ପଛରେ ଥିବା କାରକଗୁଡ଼ିକ ମଧ୍ୟରୁ ମୁଖ୍ୟ ହୋଇଛି ଦରଦାମ ବୃଦ୍ଧି। ଏବେ ସାଧାରଣ ଜୀବନଚର୍ଯ୍ୟା ବା ଦୈନନ୍ଦିନ ଚଳଣି ଏତେ ମହଙ୍ଗା ହେବାରେ ଲାଗିଛି ଯେ ସଞ୍ଚୟ ପାଇଁ ଆଉ କିଛି ବଳୁନାହିଁ। ଅପରପକ୍ଷରେ ନିଯୁକ୍ତି କମୁଛି ଓ ଛଟେଇ ବଢ଼ୁଛି, ରୋଜଗାର ସଂକୁଚିତ ହେଉଛି। ତେଣୁ ଲୋକମାନେ ଆପତ୍‌କାଳୀନ ଖର୍ଚ୍ଚ ପାଇଁ ଯାହା କିଛି ଜମା ରଖିଥିଲେ ତାହା ଉଠାଇବାରେ ଲାଗିଛନ୍ତି। ଭାରତୀୟ ନିବେଶକମାନେ ବାହାର ଦେଶରେ ପୁଞ୍ଜି ନିବେଶ କରିବାକୁ ଉଚିତ ମଣୁଥିବା ବେଳେ ବିଦେଶୀ ନିବେଶ ଆୟ ସ୍ରୋତ ସଂକୁଚିତ ହେବାରେ ଲାଗିଛି। ଭାରତର ଆର୍ଥିକ ସ୍ଥିତି ଏଥିରୁ ଅନୁମେୟ।

ଖାଉଟି ବଜାର ଦିନକୁ ଦିନ ମହଙ୍ଗା ହେବାରେ ଲାଗିଛି। ସୁନାରେ ନିମ୍ନ-ମଧ୍ୟବିତ୍ତ ଆଉ ହାତ ମାରିପାରୁନି। ସ୍ୱାସ୍ଥ୍ୟ ବା ଚିକିତ୍ସା ଖର୍ଚ୍ଚ ଯେଉଁ ହାରରେ ବଢ଼ୁଛି ସେଥିରେ ଗରିବ ଦୂରେ ଥାଉ ନିମ୍ନମଧ୍ୟବିତ୍ତ ପାଇଁ ମଧ୍ୟ ଅପହଞ୍ଚ ହୋଇଚାଲିଛି। ଗୋଟିଏ ପଟେ ସରକାରୀ ଶିକ୍ଷା ଏତେ ଅବ୍ୟବସ୍ଥିତ ଓ ବିଶୃଙ୍ଖଳିତ ଯେ ଅଭିଭାବକମାନେ ବାଧ୍ୟ ହୋଇ ସେମାନଙ୍କ ପିଲାଙ୍କ ଭବିଷ୍ୟତକୁ ଚାହିଁ ଘରୋଇ ସ୍କୁଲ୍‌ରେ ନାମ ଲେଖାଇବାକୁ ଉଚିତ ମଣୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ବିଦ୍ୟାଳୟମାନେ ମନ ଇଚ୍ଛା ଫି' ବଢ଼ାଇ ଚାଲିଛନ୍ତି। ଏବେ ଦେଶର ଅର୍ଥନୀତି ଜନସଂଖ୍ୟାର ମାତ୍ର ୫% ମୁଷ୍ଟିମେୟ ହାତରେ ଠୁଳ ହୋଇଛି ଏବଂ ଅବଶିଷ୍ଟ ୯୫% ଲୋକଙ୍କର ଜୀବନ ସଂଘର୍ଷ ବଢ଼ିଚାଲିଛି। ଏଭଳି ପରିସ୍ଥିତିରେ ରୋଜଗାରରୁ ସଞ୍ଚୟ ବଳିବ କେମିତି?

ଭାରତୀୟ ରିଜର୍ଭ ବ୍ୟାଙ୍କର ତଥ୍ୟାନୁଯାୟୀ ୨୦୨୫ ଡିସେମ୍ବର ମାସରେ ଜମା-ଋଣ ଅନୁପାତ ୧.୮ ଥିବା ବେଳେ ମାତ୍ର ଛଅମାସ ଭିତରେ ୫.୪କୁ ବୃଦ୍ଧି ପାଇଛି। ସେହିପରି ଗତ ୧୨ ମାସ ଭିତରେ ବ୍ୟାଙ୍କରୁ ଲୋକମାନେ ନେଉଥିବା ଋଣ ହାର ୭୫% ରୁ ୮୨%କୁ ବୃଦ୍ଧି ପାଇଛି। ସାଧାରଣତଃ ସଞ୍ଚୟ ଜମାରେ ସୁଧ ହାର ହାରାହାରି ୩-୪% ରହୁଥିବା ବେଳେ ମିଆଦୀ ଜମାରେ ୭-୮% ସୁଧ ମିଳୁଛି। ଏହା ଜମାକାରୀଙ୍କ ପାଇଁ ଲାଭଦାୟକ ହୋଇଥିଲେ ହେଁ ବ୍ୟାଙ୍କମାନଙ୍କ ପାଇଁ ମହଙ୍ଗା ହେଉଛି। ଋଣ ବାବଦ ସୁଧ ଆୟରୁ ଜମା ବବଦ ସୁଧ ଦେୟକୁ ବାଦ୍ ଦେଲେ ଯେଉଁ ଉଦ୍‌ବୃତ୍ତ ରହେ ତାହା ବ୍ୟାଙ୍କର ବ୍ୟବସାୟିକ ଲାଭ ବା ଆୟର ସିଂହଭାଗ ଭାବରେ ପରିଗଣିତ ହୁଏ। ଏଥିରୁ ପରିଚାଳନା ଓ ପ୍ରଶାସନିକ ଖର୍ଚ୍ଚ ଭରଣା ହୁଏ। ଏବେ ମିଆଦୀ ଜମା ସୁଧ ବାବଦ ଦେୟ ବଢ଼ୁଥିବାରୁ ବ୍ୟାଙ୍କର ଆୟ ମଧ୍ୟ ସଂକୁଚିତ ହୋଇଛି। ଗତ ୧୧ ମାସ ଭିତରେ ଋଣ ହାରରେ ଯେଉଁ ବୃଦ୍ଧି ଘଟିଛି ସେଥିରେ ମଧ୍ୟ ଉପରୋକ୍ତ ୫% ପ୍ରତିପତ୍ତି ଓ ପ୍ରଭାବଶାଳୀ ଗୋଷ୍ଠୀଙ୍କ ସିଂହଭାଗ ରହିଛି। ସେମାନଙ୍କଠାରୁ ଋଣ କିସ୍ତି ଆଦାୟ କାଠିକର ପାଠ। ତେଣୁ ବ୍ୟାଙ୍କମାନଙ୍କର ଏନ୍‌ପିଏ(ଅନାଦାୟ ସମ୍ପଦା) ମଧ୍ୟ ବଢ଼ିଚାଲି ବାଲାନ୍ସ ସିଟ୍‌କୁ ପ୍ରଭାବିତ କରୁଛି। ସେହିପରି ସରକାରୀ ପୁଞ୍ଜିନିବେଶର ମୁଖ୍ୟ ସ୍ରୋତ ହେଉଛି ବ୍ୟାଙ୍କ ଓ ବିଭିନ୍ନ ସଞ୍ଚୟ ଜମା। ସୁଲଭ ବା ୩-୪% ସୁଧରେ ମିଳୁଥିବାରୁ ଏହି ପୁଞ୍ଜି ଉପରେ ସରକାର ଅଧିକ ନିର୍ଭରଶୀଳ। ସଞ୍ଚୟ ଜମା ହାର ହ୍ରାସ ପାଉଥିବାରୁ ସରକାରଙ୍କୁ ବାଧ୍ୟ ହୋଇ ଖୋଲା ବଜାରରୁ ଅଧିକ ସୁଧରେ ଋଣ କରିବାକୁ ପଡ଼ିବ। ଏହା ବିତ୍ତୀୟ ନିଅଣ୍ଟକୁ ଆହୁରି ବୃଦ୍ଧି କରିବ।

ଗତ ୧୧ ମାସ ଭିତରେ ଭାରତୀୟ ନିବେଶକମାନେ ବିଦେଶରେ ୨୨୦ କୋଟି ଡଲାର ନିବେଶ କରିଛନ୍ତି। ଗତବର୍ଷ ତୁଳନାରେ ଏହି ହାରରେ ୬୦% ବୃଦ୍ଧି ଘଟିଛି। ଭାରତରୁ ପୁଞ୍ଜିପତି, ବ୍ୟବସାୟୀ ଓ ନିବେଶକମାନେ ବିଦେଶକୁ ପଳାୟନ କରିବା ଭାରତୀୟ ଅର୍ଥନୀତି ପ୍ରତି ଶୁଭସଙ୍କେତ ନୁହେଁ। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହୋଇଚାଲିଛି। ଏଣୁ ସେମାନେ ନିବେଶର ଉଚିତ ମୂଲ୍ୟ ପାଉ ନାହାନ୍ତି। ଏହାଛଡ଼ା ଆମ ଅର୍ଥନୀତିର ସିଂହଭାଗ କେବଳ ଦୁଇ/ତିନିଟି ବୃହତ୍ ଘରୋଇ ଶିଳ୍ପସଂସ୍ଥା ନିୟନ୍ତ୍ରଣରେ ରହିଛି। ଯେଉଁକେତେକ ବ୍ୟବସାୟ ବା ସଂସ୍ଥା ଆଖିଦୃଶିଆ ଉନ୍ନତି ବା ଲାଭ କରୁଛନ୍ତି ସେମାନଙ୍କୁ ଉକ୍ତ ବଡ଼ ସଂସ୍ଥା ଅଧିଗ୍ରହଣ କରିନେଉଛନ୍ତି କିମ୍ବା ସରକାରୀ ପ୍ରଭାବରେ ଚାପଗ୍ରସ୍ତ କରି ରଖୁଛନ୍ତି। ତେଣୁ ଭାରତରେ କୌଣସି ଘରୋଇ କିମ୍ବା ବିଦେଶୀ ସଂସ୍ଥା ବ୍ୟବସାୟ କରିବାକୁ ଅମଙ୍ଗ ହେଉଛନ୍ତି। ଏହାର ପ୍ରଭାବ ମଧ୍ୟ ଭାରତୀୟ ଜମା କ୍ଷେତ୍ରରେ ପ୍ରତିଫଳିତ ହୋଇଛି।

ଆମ ଦେଶର ଆଉ ଏକ ବିଡ଼ମ୍ବନା ହେଲା ଯେଉଁ ଆଳରେ ଦରଦାମ ବଢ଼େ ପରିସ୍ଥିତିରେ ଉନ୍ନତି ଘଟିଲେ ମଧ୍ୟ ସେଥିରେ ସୁଧାର ଆସେ ନାହିଁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଆଳରେ ଇନ୍ଧନ ମୂଲ୍ୟ ବଢ଼ିଥିଲା। ଏବେ ଆନ୍ତର୍ଜାତିକ ବଜାରରେ ଇନ୍ଧନ ମୂଲ୍ୟ ହ୍ରାସ ପାଇଥିଲେ ମଧ୍ୟ ଭାରତୀୟ ଖାଉଟି ସେହି ଅଧିକ ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଜିଏସ୍‌ଟିର ଗୋଟିଏ ସ୍ଲାବ୍‌ରେ ହ୍ରାସ ଘଟିଥିବା ବେଳେ ଆନୁଷଙ୍ଗିକ ଅନ୍ୟ ସ୍ଲାବ୍‌ରେ ବଢ଼ିଛି। ଅର୍ଥାତ୍ ଦରଦାମ ବୃଦ୍ଧିରୁ ଲୋକଙ୍କୁ ନିସ୍ତାର ନାହିଁ। ଏଭଳି ପରିସ୍ଥିତିରେ ଦେଶର ଅର୍ଥବ୍ୟବସ୍ଥା ଉପରୁ ଆସ୍ଥା ତୁଟିବା ଏବଂ ଜମା ହାର କମିବା ସ୍ୱାଭାବିକ। ●

# ଭାଷା, ଅଭାଷା ଓ ଓଡ଼ିଆ ଅସ୍ମିତା

**ପ୍ରକାଶ ଚନ୍ଦ୍ର ମିଶ୍ର**

ଭାଷା କେବଳ ଭାବ ବିନିମୟର ମାଧ୍ୟମ ନୁହେଁ; ଗୋଟିଏ ଜାତିର ପରିଚୟ, ଇତିହାସ, ସଂସ୍କୃତି, ପରମ୍ପରା, ଚିନ୍ତାଧାରା ଓ ସାମୂହିକ ସ୍ମୃତିର ବାହକ ଏବଂ ସଭ୍ୟତାର ଆଧାର। ଯେଉଁ ଜାତି ନିଜ ଭାଷାକୁ ଭଲପାଏ, ସେ ଜାତି ନିଜ ସଂସ୍କୃତିକୁ ବଞ୍ଚାଇ ରଖିପାରେ। ଯେଉଁ ଜାତି ନିଜ ମାତୃଭାଷାକୁ ଅବହେଳା କରେ, ସେ ଧୀରେ ଧୀରେ ନିଜର ଅସ୍ମିତାକୁ ହରାଇବାକୁ ଲାଗେ। ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ସମୃଦ୍ଧ ଭାଷା। ଭାରତର ୧୨୧ଟି ପ୍ରମୁଖ ଭାଷା ମଧ୍ୟରୁ ମାତ୍ର ୨୨ଟି ଭାଷା ସମ୍ବିଧାନର ସ୍ୱୀକୃତି ପାଇଛି ଏବଂ ଓଡ଼ିଆ ସେଥିରେ ଗୋଟିଏ। ନିଜସ୍ୱ ଲିପି, ହଜାର ବର୍ଷର ଐତିହ୍ୟ, ସମୃଦ୍ଧ ସାହିତ୍ୟ ଓ ସାଂସ୍କୃତିକ ପରମ୍ପରା ଓଡ଼ିଆ ଭାଷାକୁ ଅନ୍ୟ ଭାଷାଠାରୁ ସ୍ୱତନ୍ତ୍ର ପରିଚୟ ଦେଇଛି। କିନ୍ତୁ ଏତେ ସମୃଦ୍ଧ ଐତିହ୍ୟର ଉତ୍ତରାଧିକାରୀ ହୋଇ ମଧ୍ୟ ଆଜି ଆମେ କେଉଁଠି ଛିଡ଼ା ହୋଇଛୁ? ପ୍ରଶ୍ନଟି ଅସ୍ୱସ୍ତିକର ହୋଇଥିଲେ ମଧ୍ୟ ଏହାର ଉତ୍ତର ଖୋଜିବା ଆବଶ୍ୟକ।

ପୃଥିବୀର ଅନେକ ଦେଶର ଲୋକ ବିଦେଶରେ ରହିଲେ ମଧ୍ୟ ନିଜ ଭାଷାରେ କଥା କହିବାକୁ ଗର୍ବ ବୋଲି ମନେ କରନ୍ତି। ଦୁଃଖର ବିଷୟ, ଆଜି ଅନେକ ଶିକ୍ଷିତ ଓଡ଼ିଆ, ବିଶେଷକରି ଓଡ଼ିଶା ବାହାରେ ବସବାସ କରୁଥିବା ଓଡ଼ିଆମାନେ, ସାର୍ବଜନୀନ ସ୍ଥାନରେ ଓଡ଼ିଆରେ କଥା କହିବାକୁ ସଙ୍କୋଚବୋଧ କରନ୍ତି। ଅନେକଙ୍କ ପାଇଁ ଇଂରାଜୀ କିମ୍ବା ହିନ୍ଦୀରେ କଥା କହିବା ସାମାଜିକ ମର୍ଯ୍ୟାଦାର ପ୍ରତୀକ, ଓଡ଼ିଆରେ କଥା କହିବା ଯେପରି ପଛୁଆପଣର ଚିହ୍ନ। ଏହି ମାନସିକତା କେବଳ ଭାଷା ପ୍ରତି ନୁହେଁ, ନିଜ ମୂଳ ପରିଚୟ ପ୍ରତି ମଧ୍ୟ ଏକପ୍ରକାର ଅବହେଳା। ଏହି ମାନସିକତାର ପ୍ରଭାବ ଆମ ସାହିତ୍ୟ ଓ ସଂସ୍କୃତି ଉପରେ ପଡ଼ୁଛି। ପୂର୍ବରୁ ଘରେ ଘରେ ଖବରକାଗଜ ଓ ସାହିତ୍ୟ ପତ୍ରିକା ଆସୁଥିଲା; ନୂଆ ପୁସ୍ତକ ପ୍ରକାଶ ପାଇଲେ ପାଠକମାନେ ଅପେକ୍ଷା କରୁଥିଲେ। ଆଜି ସେହି ସଂସ୍କୃତି କ୍ରମେ କ୍ଷୀଣ ହେଉଛି। ଅନେକ ଯୁବପିଢ଼ି ଓଡ଼ିଆରେ ଗୋଟିଏ ସମ୍ପୂର୍ଣ୍ଣ ପୁସ୍ତକ ପଢ଼ିବାକୁ ମଧ୍ୟ ଆଗ୍ରହ ଦେଖାଉନାହାନ୍ତି। ସାହିତ୍ୟ ପ୍ରତି ଆଗ୍ରହ କମିଲେ ତାହାର ପ୍ରଭାବ ଅନ୍ୟ କ୍ଷେତ୍ରରେ ମଧ୍ୟ ପଡ଼େ। ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ଦୀର୍ଘ ଦିନ ଧରି ସଂଘର୍ଷ କରୁଛି। ଏହାର ପଛରେ ଅର୍ଥନୈତିକ କାରଣ ଥିଲେ ମଧ୍ୟ ନିଜ ଭାଷା ପ୍ରତି କମୁଥିବା ଆଗ୍ରହ ଆଉ ଏକ ପ୍ରମୁଖ କାରଣ। ଯେତେବେଳେ ଆମେ ନିଜ ଭାଷାର ସାହିତ୍ୟ ପଢ଼ିବା ବନ୍ଦ କରିଦେଉ, ନିଜ ଭାଷାର ସିନେମା ଦେଖିବାକୁ ଅନାଗ୍ରହ ପ୍ରକାଶ କରୁ, ସେତେବେଳେ ସେହି ଭାଷାର ସୃଜନଶୀଳ ଜଗତ ମଧ୍ୟ ଦୁର୍ବଳ ହୋଇପଡ଼େ। ଭାଷା କେବଳ ବଞ୍ଚି ରହିଲେ ହେବ ନାହିଁ; ତାହାକୁ ବ୍ୟବହାର କରିବାକୁ ପଡ଼ିବ, ପଢ଼ିବାକୁ ପଡ଼ିବ, ଲେଖିବାକୁ ପଡ଼ିବ, ଗବେଷଣା କରିବାକୁ ପଡ଼ିବ ଏବଂ ନୂଆ ପିଢ଼ି ମଧ୍ୟରେ ଗର୍ବର ସହିତ ପହଞ୍ଚାଇବାକୁ ପଡ଼ିବ। ନଚେତ୍ ଭାଷା ସମ୍ବିଧାନର ପୃଷ୍ଠାରେ ରହିଯିବ, କିନ୍ତୁ ଲୋକଙ୍କ ହୃଦୟରୁ ଧୀରେ ଧୀରେ ଲୋପ ପାଇବ।

ଗତ କିଛିବର୍ଷ ମଧ୍ୟରେ ଓଡ଼ିଶାରେ ସହରଠାରୁ ଗାଁ ପର୍ଯ୍ୟନ୍ତ ପ୍ରାୟ ସବୁଠି ନୂଆ ନୂଆ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗଢ଼ିଉଠୁଛି। ଆକର୍ଷଣୀୟ ନାମ, ଚକଚକିଆ ବିଜ୍ଞାପନ, ସୁନ୍ଦର ୟୁନିଫର୍ମ ଓ ଆଧୁନିକ ଭବନ ଦେଖି ଅଭିଭାବକମାନେ ବିଶ୍ୱାସ କରୁଛନ୍ତି ଯେ ଇଂରାଜୀ ମାଧ୍ୟମରେ ପଢ଼ିଲେ ସେମାନଙ୍କ ପିଲା ନିଶ୍ଚିତ ଭାବରେ ସ୍ମାର୍ଟ ହେବ, ଭବିଷ୍ୟତରେ ଭଲ ଚାକିରି ପାଇବ ଏବଂ ଜୀବନରେ ସଫଳ ହେବ। ଇଂରାଜୀ ଶିଖିବା ନିଶ୍ଚିତ ଭାବରେ ସମୟର ଆବଶ୍ୟକତା। ବିଶ୍ୱ ସହିତ ତାଳ ମିଳାଇବା ପାଇଁ ଇଂରାଜୀର ଜ୍ଞାନ ଜରୁରୀ। କିନ୍ତୁ ଇଂରାଜୀ ଶିଖିବା ଓ ଇଂରାଜୀ ମାଧ୍ୟମରେ ପଢ଼ିବା ଏହି ଦୁଇଟି ଏକ କଥା ନୁହେଁ। ଏହି ଦୁଇଟିକୁ ସମାର୍ଥକ ଭାବିବା ହିଁ ଆମର ସବୁଠାରୁ ବଡ଼ ଭୁଲ। ବାସ୍ତବତା ହେଉଛି, ଓଡ଼ିଶାର ଅଧିକାଂଶ କଥିତ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରକୃତ ଇଂରାଜୀ ମାଧ୍ୟମରେ ପାଠପଢ଼ା ହୁଏ ନାହିଁ। ଶ୍ରେଣୀଗୃହରେ ଅନେକ ସମୟରେ ପାଠ ପଢ଼ାଯାଏ ଓଡ଼ିଆ ଓ ଇଂରାଜୀ ମିଶ୍ରିତ ଭାଷାରେ, କିମ୍ବା କଥିତ 'ହିଙ୍ଗ୍ଲିଶ'ରେ। ଏହାକୁ ବ୍ୟଙ୍ଗ କରି ଅନେକେ 'ଅଙ୍ଗ୍ଲିଶ' ମଧ୍ୟ କହନ୍ତି। ଫଳରେ ଛାତ୍ରଛାତ୍ରୀମାନେ ନା ଶୁଦ୍ଧ ଇଂରାଜୀ ଶିଖୁଛନ୍ତି, ନା ନିଜ ମାତୃଭାଷାରେ ଦୃଢ଼ ଦଖଲ ସୃଷ୍ଟି କରିପାରୁଛନ୍ତି।

ଇଂରାଜୀ ମାଧ୍ୟମରେ ପାଠଦାନ କରିବା ପାଇଁ କେବଳ ଇଂରାଜୀ କହିପାରିଲେ ହେବ ନାହିଁ; ବିଷୟବସ୍ତୁକୁ ଇଂରାଜୀରେ ସହଜ ଭାବେ ବୁଝାଇବାର କୌଶଳ ଓ ଯଥୋଚିତ ପ୍ରଶିକ୍ଷଣ ମଧ୍ୟ ଆବଶ୍ୟକ। ଦୁର୍ଭାଗ୍ୟର ବିଷୟ, ଅନେକ ବିଦ୍ୟାଳୟରେ ଏହି ଦକ୍ଷତାସମ୍ପନ୍ନ ଶିକ୍ଷକଙ୍କ ଘୋର ଅଭାବ ରହିଛି। ଅନେକ ବିଦ୍ୟାଳୟରେ ଖେଳ ପଡ଼ିଆ, ଖେଳ ଶିକ୍ଷକ, ପାଠାଗାର, ପରୀକ୍ଷାଗାର ଆଦି ମୌଳିକ ଭିତ୍ତିଭୂମି ନାହିଁ। ଶିକ୍ଷା କେବଳ ପୁସ୍ତକ ଓ ପରୀକ୍ଷାରେ ସୀମିତ ହୋଇଯାଉଛି। ସାର୍ବଜନୀନ ବିକାଶ ପାଇଁ ଯେଉଁ ପରିବେଶ ଦରକାର, ତାହା ଅନେକ ସ୍ଥାନରେ ଦୃଷ୍ଟିଗୋଚର ହେଉନାହିଁ। ନିଶ୍ଚୟ ଓଡ଼ିଶାରେ କେତେକ ପୁରାତନ ଓ ସୁପ୍ରତିଷ୍ଠିତ ବିଦ୍ୟାଳୟ ରହିଛି, ଯେଉଁଠାରେ ଉଚ୍ଚମାନର ଶିକ୍ଷା ଦିଆଯାଉଛି। କିନ୍ତୁ ସେହି କିଛି ବିଦ୍ୟାଳୟକୁ ଆଧାର କରି ସମଗ୍ର ବ୍ୟବସ୍ଥାକୁ ବିଚାର କରିହେବ ନାହିଁ।

ଅଭିଭାବକମାନଙ୍କ ମନରେ ଆଉ ଏକ ଭୁଲ ଧାରଣା ଗଢ଼ିଉଠିଛି 'ଯେତେ ଅଧିକ ଫି, ସେତେ ଭଲ ଶିକ୍ଷା।' ପ୍ରକୃତରେ ଶିକ୍ଷାର ଗୁଣବତ୍ତା କେବେ ମଧ୍ୟ କେବଳ ଅର୍ଥ ଉପରେ ନିର୍ଭର କରେ ନାହିଁ। ଭଲ ଶିକ୍ଷା ନିର୍ଭର କରେ ଭଲ ଶିକ୍ଷକ, ସୁସ୍ଥ ଶିକ୍ଷା ପରିବେଶ, ମୂଲ୍ୟବୋଧ, ଶୃଙ୍ଖଳା ଓ ଛାତ୍ରର ଚିନ୍ତନଶକ୍ତିର ବିକାଶ ଉପରେ। ଏହାଠାରୁ ମଧ୍ୟ ବଡ଼ ଚିନ୍ତାର ବିଷୟ ହେଉଛି, ଶୁଦ୍ଧ ଇଂରାଜୀରେ କଥା କହିବା, ଲେଖିବା କିମ୍ବା ଚିନ୍ତା କରିବାର ଦକ୍ଷତା ଗଢ଼ିଉଠିବା ପରିବର୍ତ୍ତେ ଅନେକ ପିଲା ଇଂରାଜୀର କେତେକ ଅଶ୍ଳୀଳ ଶବ୍ଦ ଓ ଗାଳିକୁ ଦୈନନ୍ଦିନ କଥାବାର୍ତ୍ତାର ଅଂଶ କରିଦେଉଛନ୍ତି। ଘରେ, ବାହାରେ, ବନ୍ଧୁମାନଙ୍କ ମଧ୍ୟରେ ଏପରି ଶବ୍ଦ ବ୍ୟବହାର କରିବାକୁ ସେମାନେ ଆଧୁନିକତା ଓ ସ୍ମାର୍ଟନେସର ପ୍ରତୀକ ବୋଲି ଭାବୁଛନ୍ତି। ଏହାର ପରିଣାମ ଆହୁରି ଗମ୍ଭୀର। ଆହୁରି ମଧ୍ୟ ଯେଉଁ ପିଲାମାନେ ଦୁର୍ବଳ ଭିତ୍ତିଭୂମି ଓ ଅପ୍ରଶିକ୍ଷିତ ଶିକ୍ଷକ ଥିବା ବିଦ୍ୟାଳୟରେ ପଢ଼ୁଛନ୍ତି, ସେମାନେ ଓଡ଼ିଆ ଏକ ବିଷୟ ଭାବେ ପଢ଼ୁଥିଲେ ମଧ୍ୟ ଅନେକଙ୍କ ପାଇଁ ଶୁଦ୍ଧ ଓଡ଼ିଆ ପଢ଼ିବା କିମ୍ବା ଲେଖିବା କଷ୍ଟକର ହୋଇପଡ଼ୁଛି। ଏହି ପ୍ରବୃତ୍ତି କେବଳ ଶିକ୍ଷାର ସମସ୍ୟା ନୁହେଁ; ଏହା ଆମର ଭାଷାଗତ ଓ ସାଂସ୍କୃତିକ ଭବିଷ୍ୟତ ସହ ଜଡ଼ିତ ଏକ ଗଭୀର ପ୍ରଶ୍ନ।

ଭାଷା କେବଳ ଶବ୍ଦର ସମଷ୍ଟି ନୁହେଁ; ଏହା ମଣିଷର ଚରିତ୍ର ଓ ସଂସ୍କାରର ଦର୍ପଣ। ଆମର କଥାବାର୍ତ୍ତାରେ ଯେଉଁ ଶବ୍ଦର ବ୍ୟବହାର ହୁଏ, ତାହା ଆମର ଶିକ୍ଷା, ରୁଚି ଓ ମୂଲ୍ୟବୋଧର ପରିଚୟ ଦିଏ। ତେଣୁ ଅଭାଷାକୁ ସ୍ୱାଭାବିକ ବୋଲି ଗ୍ରହଣ କରିବା ନୁହେଁ, ବରଂ ତାହାକୁ ସାମାଜିକ ଭାବରେ ନିରୁତ୍ସାହିତ କରିବା ଆବଶ୍ୟକ। ଆଜି ଆମକୁ ନିଜକୁ କିଛି କଠିନ ପ୍ରଶ୍ନ ପଚାରିବାକୁ ପଡ଼ିବ। ଆମେ ସତରେ ଆମ ପିଲାମାନଙ୍କୁ ଭାଷା ଶିଖାଉଛୁ, ନା କେବଳ ଭାଷାର ନାମରେ ଏକ ମୋହ ବିକ୍ରି କରୁଛୁ? ଆମେ ସେମାନଙ୍କୁ ପୁସ୍ତକ ସହ ଯୋଡ଼ୁଛୁ, ନା କେବଳ ପରୀକ୍ଷା ଓ ନମ୍ବରରେ ସୀମିତ କରିଦେଉଛୁ? ଆମେ ସେମାନଙ୍କୁ ନିଜ ମାତୃଭାଷାକୁ ଭଲ ପାଇବା ଶିଖାଉଛୁ, ନା ତା'କୁ ହୀନ ବୋଲି ଭାବିବାକୁ ବାଧ୍ୟ କରୁଛୁ? ଇଂରାଜୀ ଶିଖନ୍ତୁ, ହିନ୍ଦୀ ଶିଖନ୍ତୁ, ଦରକାର ପଡ଼ିଲେ ଆହୁରି ଅନେକ ଭାଷା ଶିଖନ୍ତୁ। ଯେତେ ଅଧିକ ଭାଷା ଜାଣିବେ, ସେତେ ଅଧିକ ଜ୍ଞାନର ଦ୍ୱାର ଖୋଲିବ। କିନ୍ତୁ ସେଥିପାଇଁ ନିଜ ମାତୃଭାଷାକୁ ଭୁଲିଯିବା, ତାହାକୁ ହୀନ ମନେ କରିବା କିମ୍ବା ତାହାର ବ୍ୟବହାରକୁ ଲଜ୍ଜାର ବିଷୟ ବୋଲି ଭାବିବା କେବେ ମଧ୍ୟ ଉଚିତ ନୁହେଁ। ବହୁଭାଷୀ ହେବା ଏକ ଶକ୍ତି, କିନ୍ତୁ ମାତୃଭାଷାବିମୁଖ ହେବା ଏକ ଦୁର୍ବଳତା।

ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନରେ ସୀମିତ ରହିଲେ ଚାଲିବ ନାହିଁ। ଘରେ ଓଡ଼ିଆ କହିବାକୁ ପଡ଼ିବ, ପିଲାମାନଙ୍କୁ ଓଡ଼ିଆ ପୁସ୍ତକ ପଢ଼ିବାକୁ ଉତ୍ସାହିତ କରିବାକୁ ପଡ଼ିବ, ଓଡ଼ିଆ ସିନେମା, ନାଟକ ଓ ସାହିତ୍ୟକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ। ବିଦ୍ୟାଳୟରେ ଭଲ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା କରିବାକୁ ପଡ଼ିବ। ସରକାର, ଶିକ୍ଷକ, ଅଭିଭାବକ, ସାହିତ୍ୟିକ, ଗଣମାଧ୍ୟମ ଓ ସମାଜ ସମସ୍ତଙ୍କର ସମାନ ଦାୟିତ୍ୱ ରହିଛି। ମନେ ରଖିବା ଦରକାର, ଭାଷାର ମୃତ୍ୟୁ ହଠାତ୍ ହୁଏ ନାହିଁ। ପ୍ରଥମେ ଲୋକମାନଙ୍କ ମନରୁ ଗର୍ବ ହଜିଯାଏ, ତା'ପରେ ବ୍ୟବହାର କମିଯାଏ, ତା'ପରେ ସାହିତ୍ୟ ଦୁର୍ବଳ ହୁଏ, ଆଉ ଶେଷରେ ଭାଷା କେବଳ ଇତିହାସର ପୃଷ୍ଠାରେ ରହିଯାଏ। ଓଡ଼ିଆ ଭାଷା ଆମର ଗର୍ବ, ଆମର ପରିଚୟ ଓ ଆମର ଉତ୍ତରାଧିକାର। ତାହାକୁ ବଞ୍ଚାଇ ରଖିବା କେବଳ ସରକାରର କାମ ନୁହେଁ; ପ୍ରତ୍ୟେକ ଓଡ଼ିଆର ନୈତିକ ଦାୟିତ୍ୱ। ଆମେ ଯଦି ନିଜ ଭାଷାକୁ ସମ୍ମାନ ଦେବା, ତେବେ ଭାଷା ଆମକୁ ପରିଚୟ ଦେବ। ଆଉ ଯଦି ଆମେ ତାହାକୁ ଅବହେଳା କରିବା, ଇତିହାସ ମଧ୍ୟ ଆମକୁ କ୍ଷମା କରିବ ନାହିଁ। ●

ଦାଣ୍ଡମୁକୁନ୍ଦପୁର, ମୋ: ୮୦୭୪୮ ୯୩୭୭୮

# ଉପାଧିର ହାଟ: ସମ୍ମାନର ଦୋକାନ, ବିବେକର ନିଲାମ

**ଶଙ୍ଖସିନ୍ଧୁ ପୁରୋହିତ**




ଏକଦା ଉପାଧି ଥିଲା ସମାଜର କୃତଜ୍ଞତାର ସ୍ୱାକ୍ଷର। ପୁରସ୍କାର ଥିଲା ଜୀବନର ଦୀର୍ଘ ସାଧନାର ନିରବ ସ୍ୱୀକୃତି। ସେତେବେଳେ ଲୋକେ ସମ୍ମାନ ପାଇବାକୁ ଦୌଡ଼ୁ ନ ଥିଲେ; ସମ୍ମାନ ନିଜେ ଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରରେ ପହଞ୍ଚୁଥିଲା। ଆଜି ଦୃଶ୍ୟଟି ଓଲଟିଯାଇଛି। ଉପାଧି ଦ୍ୱାର ଖୋଲି ବସିଛି, ଆଉ ଖରିଦଦାର ହାତରେ ଟଙ୍କା ଧରି ଧାଡ଼ିରେ ଠିଆ ହୋଇଛନ୍ତି।

ଆଜିକାଲି ସମ୍ମାନର ମଧ୍ୟ ବଜାର ଦର ଅଛି। 'ଅନ୍ତର୍ଜାତୀୟ ଗୌରବ', 'ଜାତୀୟ ରତ୍ନ', 'ବିଶ୍ୱ ପ୍ରତିଭା', 'ଗ୍ଲୋବାଲ ଆଇକନ', 'ଏକ୍ସିଲେନ୍ସ ଆୱାର୍ଡ', 'ଡକ୍ଟରେଟ୍ (ସମ୍ମାନସୂଚକ)' ଏମିତି ଶବ୍ଦଗୁଡ଼ିକ ଏବେ ସଫଳତାର ନୁହେଁ, ବିଜ୍ଞାପନର ଅଭିଧାନରେ ଅଧିକ ଦେଖାଯାଉଛି। ସାମାଜିକ ଗଣମାଧ୍ୟମ ଖୋଲିଲେ ଲାଗେ, ଦେଶରେ କାମ କରୁଥିବା ଲୋକ କମ୍, ପୁରସ୍କାର ପାଉଥିବା ଲୋକ ବେଶି। ରମ୍ୟ କଥା ହେଉଛି, ଏବେ ପୁରସ୍କାର ପାଇଁ ପରିଶ୍ରମଠାରୁ ପଞ୍ଜୀକରଣ ଶୁଳ୍କ ଅଧିକ ଜରୁରୀ। ଆୟୋଜକ କହନ୍ତି, 'ଆପଣ ମନୋନୀତ ହୋଇଛନ୍ତି।' ପ୍ରାର୍ଥୀ ଭାବବିହ୍ୱଳ। ପରେ ଏକ ଛୋଟ ଅନୁରୋଧ- 'କେବଳ ପାଞ୍ଚ ହଜାର ଟଙ୍କା ରେଜିଷ୍ଟ୍ରେସନ ଫି, ତିନି ହଜାର ଟଙ୍କା ସ୍ମାରକ ପୁସ୍ତକ, ଦୁଇ ହଜାର ଟଙ୍କା ମଞ୍ଚ ବ୍ୟବସ୍ଥା।' ସମ୍ମାନର ଓଜନ ଯେତେ ବଢ଼େ, ରସିଦର ଲମ୍ବ ମଧ୍ୟ ସେତେ ବଢ଼େ। ଏହି ବ୍ୟବସାୟର ଅର୍ଥନୀତି ବି ବଡ଼ ଚମତ୍କାର। ଯେଉଁ ସଂସ୍ଥାର କାର୍ଯ୍ୟାଳୟର ଠିକଣା ନାହିଁ, ସେମାନଙ୍କ ପାଖରେ 'ବିଶ୍ୱସ୍ତରୀୟ' ପୁରସ୍କାର ଅଛି। ଯେଉଁ ଆୟୋଜନରେ ଦର୍ଶକଠାରୁ ପୁରସ୍କୃତ ବ୍ୟକ୍ତି ଅଧିକ, ସେହି ଅନୁଷ୍ଠାନକୁ କୁହାଯାଉଛି 'ଇତିହାସ ସୃଷ୍ଟି'। ଫଟୋ ଉଠିବା ପରେ ସମ୍ମାନ ସରିଯାଏ; ଫେସବୁକ୍ ପୋଷ୍ଟ ଆରମ୍ଭ ହୋଇଯାଏ।

ଏକଦା ଲୋକେ ନାମ ପଛରେ 'ଏମ୍.ଏ.', 'ପିଏଚ୍.ଡି.' ଲେଖିବା ପୂର୍ବରୁ ବର୍ଷ ବର୍ଷ ଗବେଷଣା କରୁଥିଲେ। ଏବେ କେତେକ ସ୍ଥାନରେ ଟଙ୍କା ଦେଲେ 'ଡକ୍ଟର' ଉପାଧି ମିଳିଯାଉଛି। ଗବେଷଣା ପ୍ରବନ୍ଧ ନୁହେଁ, ବ୍ୟାଙ୍କ ଟ୍ରାଞ୍ଜାକ୍ସନ ହିଁ ଯୋଗ୍ୟତାର ପ୍ରମାଣ ହୋଇଯାଉଛି। ଜ୍ଞାନର ମୂଲ୍ୟ କମିଲେ, ଉପାଧିର ମୂଲ୍ୟ ବଢ଼ିବା ସ୍ୱାଭାବିକ।

ସାମାଜିକ ମନୋବିଜ୍ଞାନ କୁହେ ମଣିଷ ସ୍ୱୀକୃତି ଚାହେଁ। ସେହି ଆକାଂକ୍ଷା ସ୍ୱାଭାବିକ। କିନ୍ତୁ ଯେତେବେଳେ ସ୍ୱୀକୃତିର ଭୋକକୁ ବଜାର ଚିହ୍ନିଯାଏ, ସେତେବେଳେ ସମ୍ମାନ ମଧ୍ୟ ପଣ୍ୟ ହୋଇଯାଏ। ସମ୍ମାନ ବିକ୍ରି କରୁଥିବା ସଂସ୍ଥା ଜାଣେ ମଣିଷର ଅହଂକାର ହିଁ ସବୁଠାରୁ ଲାଭଜନକ ବ୍ୟବସାୟ।

ସମାଜବିଜ୍ଞାନୀମାନେ କହନ୍ତି, ଯେତେବେଳେ ପ୍ରତୀକର ମୂଲ୍ୟ ପରିଶ୍ରମର ମୂଲ୍ୟକୁ ଅତିକ୍ରମ କରେ, ସେତେବେଳେ ସମାଜରେ 'ପ୍ରତୀକାତ୍ମକ ଦୁର୍ନୀତି' ଆରମ୍ଭ ହୁଏ। ଆଜି ସେହି ଅବସ୍ଥା। ଲୋକେ କାମ କମ୍, ସାର୍ଟିଫିକେଟ୍ ଅଧିକ ସଂଗ୍ରହ କରୁଛନ୍ତି। ଜୀବନବୃତ୍ତାନ୍ତରେ ସମ୍ମାନର ସଂଖ୍ୟା ବଢ଼ୁଛି, କିନ୍ତୁ ସମାଜ ପାଇଁ ଅବଦାନର ପୃଷ୍ଠା ଖାଲି ରହୁଛି। ଏହାର ସବୁଠାରୁ ବଡ଼ କ୍ଷତି ହେଉଛି ପ୍ରକୃତ ପ୍ରତିଭାର ଅବମୂଲ୍ୟାୟନ। ଜଣେ ନିଷ୍ଠାବାନ ଶିକ୍ଷକ, ଜଣେ ସଚ୍ଚୋଟ ଚାଷୀ, ଜଣେ ନିରବ ବୈଜ୍ଞାନିକ କିମ୍ବା ଜଣେ ନିବେଦିତ ସମାଜସେବୀ ବର୍ଷ ବର୍ଷ ଧରି କାମ କରୁଥା'ନ୍ତି; କିନ୍ତୁ ସେମାନଙ୍କ ପାଖରେ ଫଟୋସୁଟ୍ ନାହିଁ, ପ୍ରଚାର ନାହିଁ। ଅନ୍ୟପଟେ ଜଣେ ବ୍ୟକ୍ତି ଦୁଇ ଦିନରେ ତିନୋଟି 'ଅନ୍ତର୍ଜାତୀୟ' ସମ୍ମାନ ନେଇ ସମାଜ ଆଗରେ 'ବିଶିଷ୍ଟ ବ୍ୟକ୍ତିତ୍ୱ' ହୋଇଯାଆନ୍ତି। ଏହା କେବଳ ଠକେଇ ନୁହେଁ; ସାମାଜିକ ବିଶ୍ୱାସର କ୍ଷୟ। ଯେତେବେଳେ ନକଲି ସମ୍ମାନ ଅସଲ ସମ୍ମାନର ସ୍ଥାନ ନେଉଛି, ସେତେବେଳେ ଯୁବପିଢ଼ି ଭୁଲ ସନ୍ଦେଶ ପାଉଛି - 'ସାଧନା କରନ୍ତୁ ନାହିଁ, ସାର୍ଟିଫିକେଟ୍ କିଣନ୍ତୁ।'

ଅବଶ୍ୟ ସବୁ ସମ୍ମାନକୁ ସନ୍ଦେହଚକ୍ଷୁରେ ଦେଖିବା ଠିକ୍ ନୁହେଁ। ଅନେକ ସଂସ୍ଥା ଅତ୍ୟନ୍ତ ସ୍ୱଚ୍ଛ, ନିରପେକ୍ଷ ଓ କଠୋର ଚୟନ ପ୍ରକ୍ରିୟା ମାଧ୍ୟମରେ ପୁରସ୍କାର ପ୍ରଦାନ କରନ୍ତି। ସେହି ସମ୍ମାନଗୁଡ଼ିକ ସମାଜର ପ୍ରେରଣା। ସମସ୍ୟା ସେଠାରେ, ଯେଉଁଠାରେ ସମ୍ମାନ ମେଧାର ସ୍ୱୀକୃତି ନୁହେଁ, ବରଂ ବ୍ୟବସାୟର ପଣ୍ୟ ହୋଇଯାଏ। ଶେଷରେ ଗୋଟିଏ ପ୍ରଶ୍ନ ରହିଯାଏ - ଯଦି ଉପାଧି କିଣିହେବ, ତେବେ ମର୍ଯ୍ୟାଦା କେଉଁଠି ମିଳିବ? ଯଦି ପୁରସ୍କାର ବିକ୍ରି ହେବ, ତେବେ ପ୍ରେରଣା କିଏ ଦେବ? ସମ୍ମାନର ପ୍ରକୃତ ଠିକଣା କୌଣସି ମଞ୍ଚ ନୁହେଁ, କୌଣସି ଫଳକ ନୁହେଁ, କୌଣସି ସୁନାର ପଦକ ନୁହେଁ। ତାହାର ଠିକଣା ହେଉଛି ଲୋକଙ୍କ ହୃଦୟ। ଟଙ୍କାରେ ଉପାଧି କିଣିହେବ, କିନ୍ତୁ ଇତିହାସରେ ସ୍ଥାନ କେବେ ନୁହେଁ। ଆଉ ଯେଉଁ ସମ୍ମାନର ମୂଲ୍ୟ ରସିଦରେ ଲେଖାଯାଏ, ସେହି ସମ୍ମାନର ମୂଲ୍ୟ ଇତିହାସରେ ଶୂନ୍ୟ ହୋଇଯାଏ। ●

କୋଟସମଲାଏ(ସୁବର୍ଣ୍ଣପୁର), ମୋ: ୭୯୭୮୨୩୮୬୦୬

# ମହାକାନ୍ତାରରେ ମହାସାମନ୍ତ: ଶ୍ରୀଜଗନ୍ନାଥଙ୍କ ଗୋପନ ଲୀଳା

**ଚନ୍ଦନ ସୁବୁଦ୍ଧି**

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



(ପୂର୍ବପ୍ରକାଶିତ ଉତ୍ତାରୁ...)

**ନରସିଂହ ଦେବ:** ନରସିଂହ ଦେବଙ୍କ ଚତୁର୍ଥ ଅଙ୍କରେ (୧୬୨୨)ଅହମ୍ମଦ ବେଗ ବାଣପୁର ଆକ୍ରମଣ କଲା। ସମୟ ଅଭାବରୁ ବିଗ୍ରହମାନଙ୍କୁ ସ୍ଥାନାନ୍ତର କରି ନ ହେବାରୁ ଦଇତାମାନେ ବ୍ରହ୍ମଙ୍କୁ କାଢ଼ି ଏକ ବସ୍ତ୍ରରେ ଗୁଡ଼େଇ ଗଡ଼ମାଣତ୍ରୀ ନଅରରେ ଲୁଚେଇ ରଖିଲେ। ପରେ ମୋଗଲ ଗୋଳ କମିବାରୁ ଅଦିନରେ ନବକଳେବର କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନୀଳାଦ୍ରି ବିଜେ କରାଯାଇଥିଲା।

**ଦିବ୍ୟସିଂହ ଦେବ:** ଦିବ୍ୟସିଂହ ଦେବଙ୍କ ସପ୍ତମ ଅଙ୍କରେ ଔରଙ୍ଗଜେବର ଦୁଇ ସୁବେଦାର ଏକରମ ଖାଁ ଓ ଅବଦୁଲ ଖାଁ ମୋଗଲ ସେନା ଧରି ଶ୍ରୀକ୍ଷେତ୍ର ଆକ୍ରମଣ କରିଥିଲା। ବାରମ୍ବାର ଆକ୍ରମଣ ଦ୍ୱାରା ପାଇକମାନଙ୍କ ମନୋବଳ ଭାଙ୍ଗି ଯାଇଥିଲା ଏବଂ ରାଜ୍ୟର ଆର୍ଥିକ ଦୁର୍ବଳତା ବଢ଼ିବାରେ ଲାଗିଲା। ତେଣୁ ଗଜପତି ଦିବ୍ୟସିଂହ ଦେବ ପ୍ରତିରୋଧ କରି ନ ଥିଲେ। କିନ୍ତୁ ଆକ୍ରମଣ ପୂର୍ବରୁ କିଛି ସେବକମାନଙ୍କ ଦ୍ୱାରା ବଡ଼ଠାକୁର, ଦେବୀ ସୁଭଦ୍ରା ଏବଂ ଦକ୍ଷିଣୀଘର ଠାକୁରଙ୍କୁ କୋକଲଗଡ଼କୁ ପଠାଇଦେଇଥିଲେ। ମହାପ୍ରଭୁ ଜଗନ୍ନାଥଙ୍କୁ ବିମଳାଙ୍କ ପଛ ପାଖେ ଲୁଚାଇ ରଖିଥିଲେ। ଔରଙ୍ଗଜେବ ସହ ଚୁକ୍ତି ଅନୁସାରେ ଦିଅଁମାନଙ୍କୁ ତାଙ୍କୁ ସମର୍ପି ଦେବାକୁ ଦିବ୍ୟସିଂହ ଦେବ ରାଜି ହୋଇଯାଇଥିଲେ। କିନ୍ତୁ ପ୍ରକୃତରେ ଠାକୁରମାନଙ୍କୁ କୋକଲଗଡ଼ ପଠାଇ କାଠର ପ୍ରତିମା ଯେଉଁଥିରେ ହୀରା ଆଖି ଲାଗିଥିଲା, ତାକୁ ସିଂହାସନରେ ରଖିଥିଲେ। ଏକରମ ଖାଁ ସିଂହାସନ ଉପରକୁ ଉଠି ଉକ୍ତ ପ୍ରତିମାମାନଙ୍କୁ ବାନ୍ଧି ଔରଙ୍ଗଜେବ୍‌କୁ ଉପହାର ଦେଇଥିଲା(ଖୁରୁଧାଇତିହାସ: ଶ୍ରୀ କେଦାରନାଥ ମହାପାତ୍ର) । ଏହାପରେ ଗୋପନରେ ମହାପ୍ରଭୁଙ୍କୁ ମଧ୍ୟ କୋକଲଗଡ଼କୁ ପଠାଯାଇଥିଲା। ସେଠାରେ କିଛିମାସ ରହି ଠାକୁରମାନେ ଚନ୍ଦନ ଯାତ୍ରା ସେହିଠାରେ ବଢ଼ାଇଥିଲେ। କୋକଲଗଡ଼ରେ ଶ୍ରୀଜୀଉମାନଙ୍କୁ ସୁରକ୍ଷିତ ନ ମଣିବାରୁ ସାନ ବିଷ୍ଣୁ ପରିଛା ମହାପ୍ରଭୁମାନଙ୍କୁ ବାଣପୁରର ବଙ୍କାଡ଼କୁ ସ୍ଥାନାନ୍ତର କରିଥିଲେ। ନୀଳାଦ୍ରୀଶଙ୍କୁ ସାହାରା ଦେଇଥିବାରୁ ଏହି ସ୍ଥାନର ନାଁ ନୀଳାଦ୍ରିପ୍ରସାଦ ହୋଇଛି। ଦିବ୍ୟସିଂହ ଦେବଙ୍କ ଚତୁର୍ଦ୍ଦଶ ଅଙ୍କରେ ଠାକୁରମାନେ ପୁଣି ଥରେ ରତ୍ନସିଂହାସନକୁ ଫେରିଥିଲେ। ସାତ ବର୍ଷ ପରେ ମହାପ୍ରଭୁ ନୀଳାଦ୍ରି ବିଜେ କଲେ।

**ରାମଚନ୍ଦ୍ର ଦେବ:** ଗୋପୀନାଥ ଦେବଙ୍କ ପରେ ତାଙ୍କ ସାନ ଭାଇ କେଶବ ରାୟ ରାଜା ହେଲେ, ଯିଏ ପରବର୍ତ୍ତୀ ସମୟରେ ଗଜପତି ରାମଚନ୍ଦ୍ର ଦେବଙ୍କ ନାମରେ ପରିଚିତ ହେଲେ। ରାମଚନ୍ଦ୍ର ଦେବଙ୍କ ଅଷ୍ଟମ ଅଙ୍କରେ ମହମ୍ମଦ ତକି ଖାଁ ଖୋର୍ଦ୍ଧା ଆକ୍ରମଣ କଲା। ରାମଚନ୍ଦ୍ର ଦେବଙ୍କ କୂଟନୀତି ଓ ରଣନୀତି ଫଳରେ ସେ ଶ୍ରୀଜୀଉମାନଙ୍କ କିଛି କ୍ଷତି ନକରି ଫେରିଗଲା। ଗୃହ ଯୁଦ୍ଧ ଆଉ ପୁନଃ ଆକ୍ରମଣର ସୂଚନା ପାଇ ରାମଚନ୍ଦ୍ର ଦେବ ମହାପ୍ରଭୁଙ୍କୁ ସୁରକ୍ଷିତ ରଖିବା ପାଇଁ ବାଣପୁର ନଈ ନିକଟ ହରିଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଲୁଚେଇ ରଖିଲେ। ପୁନଶ୍ଚ ରାମଚନ୍ଦ୍ର ଦେବଙ୍କ ଦଶମ ଅଙ୍କରେ ତକି ଖାଁ ବୋଲଗଡ଼ ପର୍ଯ୍ୟନ୍ତ ଆକ୍ରମଣ କଲା। ନଈକୁ ସୁରକ୍ଷିତ ନମଣି ରାମଚନ୍ଦ୍ର ଦେବ ଶ୍ରୀଜୀଉମାନଙ୍କୁ ଚଉଦୋଳରେ ଖଲିକୋଟ ସୀମାନ୍ତ ଟିକିରିକୁ ନେଇଯାଇଥିଲେ।

ଓଡ଼ିଶାର ସ୍ୱାଧୀନତା ପାଇଁ ଗଜପତିମାନେ ଯେମିତି ଯାଯାବରତ୍ୱ ସ୍ୱୀକାର କରିଥିଲେ ତତସମ ଓଡ଼ିଶାର ଏକଛାତ୍ରବାଦୀ ସମ୍ରାଟ ଜଗନ୍ନାଥ ମଧ୍ୟ ଯାଯାବରତ୍ୱକୁ ସ୍ୱୀକାର କରିଥିଲେ। ଜଗନ୍ନାଥ ଏ ଓଡ଼ିଆ ଜାତିର ଅମ୍ଳାନ ଜ୍ୟୋତି। ଆଉ ସେଇ ଜ୍ୟୋତିକୁ ନିଷ୍ପ୍ରଭ କରିବା ପାଇଁ କାଳେ କାଳେ ଯେପରି ଶ୍ରୀକ୍ଷେତ୍ର ଉପରେ ଯୋଜନାବଦ୍ଧ ଆକ୍ରମଣ କରାଯାଇଛି, ଜଗନ୍ନାଥ ସେହିପରି କାଳେ କାଳେ ନୀଳଶୈଳର କୋଟି ଐଶ୍ୱର୍ଯ୍ୟକୁ ତୁଚ୍ଛ କରିଦେଇ ଅପରାଜେୟ ଓଡ଼ିଆର ଅଭିମାନ ରକ୍ଷା ପାଇଁ ବହୁ ଦୁର୍ଗମ ଗିରିକାନ୍ତରେ ଆତ୍ମରକ୍ଷା କରିଛନ୍ତି। କିନ୍ତୁ କେବେ ବି ସେ ଅମ୍ଳାନ ଜ୍ୟୋତି ମଳିନ ପଡ଼ି ନାହିଁ।(ସମାପ୍ତ) ●

ଭୁବନେଶ୍ୱର, ମୋ: ୯୮୫୩୪୫୪୯୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଆମେରିକାରେ ଅଚ୍ୟୁତ ସାମନ୍ତ ସମ୍ମାନିତ



ଭୁବନେଶ୍ୱର,୫।୭(ସମିସ):ଆମେରିକାନ ଆସୋସିଏସନ୍ ଅଫ୍ ଫିଜିସିଆନ୍ ଅଫ୍ ଇଣ୍ଡିଆନ୍ ଅରିଜିନ୍ (ଆପି) ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ 'ଆପି ଆୱାର୍ଡ ଫର ଟ୍ରାନ୍ସଫରମେସନାଲ୍ ସୋସିଆଲ୍ ୱାର୍କ ଆଣ୍ଡ ଇଣ୍ଡୋ-ୟୁଏସ୍ ପାର୍ଟନରସିପ୍' ସମ୍ମାନ ପ୍ରଦାନ କରାଯାଇଛି। ଫ୍ଲୋରିଡାର ଟାମ୍ପାରେ ଜୁଲାଇ ୨ରୁ ୫ ତାରିଖ ୪ଦିନ ବ୍ୟାପୀ ଅନୁଷ୍ଠିତ ଆପିର ବାର୍ଷିକ ସମ୍ମିଳନୀ ଆପିକନ୍ ୨୦୨୬ ତଥା ଆପିର ୪୪ତମ କଂଗ୍ରେସ୍ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅସାଧାରଣ ଓ କ୍ରାନ୍ତିକାରୀ ସମାଜସେବା, ଦୂରଦୃଷ୍ଟିସଂପନ୍ନ ମାନବବାଦୀ ପ୍ରୟାସ ଏବଂ 'ଗ୍ଲୋବାଲ୍ ହେଲ୍ଥ ସମିଟ୍ ୨୦୨୬' ସମୟରେ ଆପିକୁ ସମର୍ଥନ, ବ୍ୟକ୍ତିଗତ ଭାବେ ଭାରତ-ଆମେରିକା ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ସମାଜ ପ୍ରତି ଅଚ୍ୟୁତ ସାମନ୍ତଙ୍କ ସମର୍ପିତ ଜୀବନ, ସାମାଜିକ କାର୍ଯ୍ୟ ଓ ଅନ୍ୟାନ୍ୟ ପ୍ରୟାସ ପାଇଁ ସଂଘ ପକ୍ଷରୁ ପ୍ରଶଂସା କରାଯାଇଛି। ଆପି ସଭାପତି ଡ. ଅମିତ ଚକ୍ରବର୍ତ୍ତୀ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଆପି ହେଉଛି ୧ଲକ୍ଷ ୨୦ ହଜାର ପ୍ରବାସୀ ଭାରତୀୟ ଡାକ୍ତରଙ୍କୁ ନେଇ ଗଠିତ ଆମେରିକାର ବହୁ ପୁରାତନ ସଂଘ। ଏହି ଅବସରରେ ଶ୍ରୀ ସାମନ୍ତଙ୍କ ଅନୁରୋଧକୁ ସମର୍ଥନ ଜଣାଇ ପ୍ରତିମାସ ୭ରୁ ୧୫ ଦିନ ପର୍ଯ୍ୟନ୍ତ ଭାରତରେ ସ୍ୱାସ୍ଥ୍ୟସେବା ପରାମର୍ଶ ଦେବାକୁ ଆପିର ସଦସ୍ୟମାନେ ସ୍ୱୀକୃତି ଦେଇଛନ୍ତି ।

# ପାଲବଣି ଦୁର୍ଘଟଣା ଘଟଣା

# ଦୁଇ ଗାଡ଼ିର ପଞ୍ଜୀକରଣ ରଦ୍ଦ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

## ମୃତକ ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ ନେଇ ବିଜେଡିର ଦାବି

ବାରିପଦା, ୫।୭(ସମିସ): ଶୁକ୍ରବାର ସନ୍ଧ୍ୟାରେ ବାରିପଦାର ପାଲବଣିଠାରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଉଭୟ ଡମ୍ଫର ଓ ଟାଟା ଏସି ଭ୍ୟାନର ବୈଧ ଫିଟନେସ୍ ପ୍ରମାଣପତ୍ର ନ ଥିବା ଜଣାପଡ଼ିଛି। ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରି ଉକ୍ତ



ଗାଡ଼ିଗୁଡ଼ିକର ପଞ୍ଜୀକରଣ ରଦ୍ଦ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା। ବିନା ଫିଟନେସ୍, ବୀମା ଓ ପରମିଟ୍‌ରେ ଗାଡ଼ି ଚଳାଚଳ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟର ସମସ୍ତ ଆରଟିଓ ଓ ଏଆରଟିଓଙ୍କୁ ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି କରିବାକୁ ସେ ଆଦେଶ ଦେଇଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିସହ ମୃତକଙ୍କ ପରିବାର ଓ ଆହତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ସୂଚନା ମୁତାମକ, ପାଲବଣି ଓଭରବ୍ରିଜ ପରେ ୧୮ନଂ ଜାତୀୟ ରାଜପଥରେ ଏକ କାଠ ବୋଝେଇ ଟାଟା ଏସି ଭ୍ୟାନ ଓଲଟି ପଡ଼ିଥିବାବେଳେ ଉଦ୍ଧାର କାର୍ଯ୍ୟ ଚାଲିଥିଲା। ତିନି ପ୍ରମୁଖ ବୈଦ୍ୟୁତିକ ଗଣମାଧ୍ୟମର ଭିଡିଓ ଜର୍ଣ୍ଣାଲିଷ୍ଟ ଖବର ସଂଗ୍ରହ କରୁଥିବା ସମୟରେ ଓଭରବ୍ରିଜ ଉପରପଟୁ ଏକ ଡଷ୍ଟ ବୋଝେଇ ଡମ୍ଫର ଆସି ଭ୍ୟାନକୁ ଧକ୍କା ଦେଇ ଓଲଟି ପଡିବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହିତ ୩ ଭିଡିଓ ଜର୍ଣ୍ଣାଲିଷ୍ଟଙ୍କ ସହିତ ୭ ଜଣ ଗୁରୁତର ଆହତ ହୋଇ ଭିନ୍ନ ଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ ମୃତ ଦୁଇ ଯୁବକ ମିହିର ମାଇତି ଓ ସେକ ଜଲାଲଉଦ୍ଦିନଙ୍କ ପରିବାରକୁ କ୍ଷତିପୂରଣ ଓ ସରକାରୀ ସହାୟତା ରାଶି ପ୍ରଦାନ ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଯୁବନେତା ଦେବାଶିଷ ମହାନ୍ତି ଓ ଜିତେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶବ ବ୍ୟବଚ୍ଛେଦ ଗୃହକୁ ଯାଇ ମୃତକଙ୍କ ପରିବାରବର୍ଗ ଓ ସ୍ଥାନୀୟ ବାସିନ୍ଦାଙ୍କ ସହ ସାକ୍ଷାତ କରିବା ସହ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସହିତ ଉପଯୁକ୍ତ କ୍ଷତିପୂରଣ ଓ ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ। ଆଲୋଚନା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍ ପାଣ୍ଠିରୁ ପ୍ରତ୍ୟେକ ପରିବାରକୁ ତୁରନ୍ତ ୨୫,୦୦୦ ସହାୟତା ପ୍ରଦାନ କରାଯିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧,୦୦,୦୦୦ ଆର୍ଥିକ ସହାୟତା ପାଇଁ ସୁପାରିଶ କରାଯିବ ବୋଲି ଜଣାଇଛନ୍ତି। ଏଥିସହ ପ୍ରତ୍ୟେକ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ଆଗାମୀ ୧୦ ଦିନ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଚାକିରି ପ୍ରଦାନ କରିବାକୁ ମଧ୍ୟ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଡାକ୍ତରଖାନାରେ ଚିକିତ୍ସାଧୀନ ଆହତମାନଙ୍କୁ ଭେଟି ଉନ୍ନତ ଚିକିତ୍ସା ଓ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି କରି ସମସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଫୁଲୁଛି ବୈତରଣୀ

ବାରିକପୁର, ୫।୭ (ସମିସ): ଲଘୁଚାପ ବର୍ଷା ଯୋଗୁଁ ବୈତରଣୀ ନଦୀ ଫୁଲି ଉଠିଛି। ଯଦିଓ ଆଗାମୀ ୨୪ ଘଣ୍ଟା ମଧ୍ୟରେ ବନ୍ୟା ଆଶଙ୍କା ନାହିଁ; ତଥାପି ଲଗାଣ ବର୍ଷା କାରଣରୁ ନଦୀ ଗର୍ଭ ଜଳପୂର୍ଣ୍ଣ ହୋଇଛି। ଆଖୁଆପଦା ଆନିକଟଠାରେ ରବିବାର ଅପରାହ୍ଣ ୩ଟା ସୁଦ୍ଧା ୧୬.୭୬ ମିଟରରେ ଜଳ ପ୍ରବାହିତ ହେଉଛି। ଏଠାରେ ସତର୍କ ସଂକେତ ୧୭.୮୩ ମିଟର ଥିବାବେଳେ ବିପଦ ସଂକେତ ରହିଛି ୧୮.୩୩ ମିଟର। ମିଳିଥିବା ସୂଚନା ମୁତାବକ, ରବିବାର ସକାଳ ୮ଟା ୩୦ ସୁଦ୍ଧା ନଦୀର ଉପର ମୁଣ୍ଡ ସ୍ୱାମପାଟଣାଠାରେ ସର୍ବାଧିକ ୬୨.୮ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଆନନ୍ଦପୁରଠାରେ ୨୦.୪, ଚମ୍ପୁଆଠାରେ ୬୨.୮, ଭଦ୍ରକଠାରେ ୪୫.୮ ମିମି ବର୍ଷା ରେକର୍ଡ ହୋଇଛି। ନଦୀ ନିକଟସ୍ଥ ଭଣ୍ଡାରିପୋଖରୀଠାରେ ସର୍ବାଧିକ ୧୧୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ଧାମନଗରଠାରେ ୪୬, ତିହିଡ଼ିଠାରେ ୪୫, ବାସୁଦେବପୁରଠାରେ ୨୪, ଚାନ୍ଦବାଲିଠାରେ ୭୬ ଓ ବନ୍ତଠାରେ ସର୍ବନିମ୍ନ ୧୩ ମିମି ବର୍ଷା ହୋଇଛି। ବୈତରଣୀ ଉପର ମୁଣ୍ଡ ଓ ତତ୍‌ସଂଲଗ୍ନ ସ୍ଥାନରେ ବର୍ଷା ଜାରି ରହିଥିବା କାରଣରୁ ସାମାନ୍ୟ ଜଳସ୍ତର ବୃଦ୍ଧି ପାଇବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।

# ଗୋ-ମାଫିଆଙ୍କୁ ସୂଚନା ଦେଉଥିଲେ ପୁଲିସ



## ଏଏସ୍‌ଆଇ ଓ କନଷ୍ଟେବଲ ନିଲମ୍ବିତ

## ହୋମ୍‌ଗାର୍ଡଙ୍କୁ କାରଣ ଦର୍ଶାଅ ନୋଟିସ



ବାରିପଦା, ୫।୭ (ସମିସ): ପୂର୍ବାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁନ୍ ୧୩ ତାରିଖରେ ଏକସଙ୍ଗେ ୩ଟି ଜିଲ୍ଲାର ଗୋ-ମାଫିଆଙ୍କ ବିରୋଧରେ ସ୍ୱତନ୍ତ୍ର ଚଢ଼ଉ କରାଯାଇଥିଲା। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଥାନା ଅନ୍ତର୍ଗତ ଦୁଇଟି ସ୍ଥାନରେ ଚଢ଼ଉ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ସେହି ଜୁନ ୧୩ ତାରିଖ ଭୋରରେ ଝାରପୋଖରିଆ ଅଞ୍ଚଳର ଗୋ-ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଘରେ ପୁଲିସ ଚଢ଼ଉ କରି ଖାଲି ହାତରେ ଫେରିଥିଲା। ଚଢ଼ଉ ପୂର୍ବରୁ ଖବର ପାଇ ଜରୁରୀ କାଗଜପତ୍ର ନେଇ ନିଜ ଏସୟୁଭି କାର୍‌ରେ ଚମ୍ପଟ ମାରିଥିଲେ ଉତ୍ତମ ଦଣ୍ଡପାଟ। ଘରୁ ଫେରାର ହେବା ସମୟର ସମସ୍ତ ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା। ଯେଉଁଥିରେ ଚଢ଼ଉର ୧୫ ମିନିଟ ପୂର୍ବରୁ ସେ ତରବରିଆ ଭାବେ ଗାଡ଼ିରେ ଦସ୍ତାବିଜ୍ ଲୋଡ୍ କରି ପଳାଉଥିବା ସ୍ପଷ୍ଟ ଦେଖାଯାଇଥିଲା। ଏ ନେଇ ଝାରପୋଖରିଆ ଥାନାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପାଖାପାଖି ଏକ ମାସ ସମୟ ଭିତରେ ପ୍ରାଥମିକ ତଦନ୍ତ ଓ ପ୍ରମାଣ ସଂଗ୍ରହ ପରେ ଜଣାପଡ଼ିଥିଲା ଯେ, ନିଜ ବିଭାଗର କିଛି କର୍ମଚାରୀ ଗୋ-ମାଫିଆଙ୍କୁ ଚଢ଼ଉ ସମ୍ପର୍କିତ ଗୁପ୍ତ ସୂଚନା ଲିକ୍ କରିଥିଲେ। ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଏହି ମାମଲାରେ ସମ୍ପୃକ୍ତ ଥିବା ଝାରପୋଖରିଆ ଥାନାର ଏଏସଆଇ ରଞ୍ଜିତ ନାୟକ ଓ କନଷ୍ଟେବଲ ଆଶିଷ ନାୟକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏଥିସହିତ ଥାନାର କାର୍ଯ୍ୟକଳାପ ବାବଦରେ ଅବଗତ ଥିବା ହୋମଗାର୍ଡ ସୁବ୍ରତ ପାଢ଼ୀଙ୍କୁ ୩୦ ଦିନ ମଧ୍ୟରେ ପକ୍ଷ ରଖିବା ପାଇଁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ଏହି ସୂଚନା ପ୍ରଦାନ କରି ଆଡିସନାଲ ଏସ୍‌ପି ଦୀପକ କୁମାର ଗୋଚ୍ଛାୟତ୍ କହିଛନ୍ତି, ଝାରପୋଖରିଆ ଆଇଆଇସି ଶ୍ରୀ ଆଚାର୍ଯ୍ୟ ଓ ବାରିପଦା ଏସଡିପିଓ ପ୍ରଭାତ ମଲ୍ଲିକଙ୍କ ରିପୋର୍ଟ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଗକୁ ବିଭାଗୀୟ ତଦନ୍ତ ପ୍ରକ୍ରିୟା ଜାରି ରହିବ। ଅପରପକ୍ଷରେ ଫେରାର ଥିବା ଗୋ-ମାଫିଆଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ପ୍ରକାଶ ଥାଉକି, ମାଫିଆ ଉତ୍ତମ ଦଣ୍ଡପାଟଙ୍କ ଶାସକ ବିଜେପି ଦଳର ନେତା ଓ ମନ୍ତ୍ରୀଙ୍କ ସହିତ ଉତ୍ତମ ସମ୍ପର୍କ ଥିବାରୁ ପୁଲିସ ଜାଣିଶୁଣି ତାଙ୍କୁ ଫେରାର ପାଇଁ ସୁଯୋଗ ଦେବା ଓ ଗିରଫ ନ କରିବା ନେଇ ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ଡା ଦେବାଶିଷ ମାରାଣ୍ଡି ଝାରପୋଖରିଆରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ବର୍ଷିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଭିଡିଓ; ଯୁବକ ଗିରଫ

ଭୁବନେଶ୍ୱର, ୫।୭ (ସମିସ): ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଅପପ୍ରଚାର ଅଭିଯୋଗରେ ସାଇବର ଥାନା ପୁଲିସ କଟକରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଯୁବକଙ୍କ ନାମ ବିଶ୍ୱଜିତ୍ ସାହୁ ଓ ତାଙ୍କ ଘର କଟକ ଜିଲ୍ଲା ଜଗତପୁର ଥାନା ଅଞ୍ଚଳରେ। ପୁଲିସ ତାଙ୍କ ଠାରୁ ଗୋଟିଏ ଆଇଫୋନ ଜବତ କରିଛି।

ପୁଲିସ ସୂଚନା ମୁତାବକ ଗତ ୪ତାରିଖରେ ନିୟମିତ ସୋସିଆଲ ମିଡିଆ ପେଟ୍ରୋଲିଂ ସମୟରେ ଏକ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଆପତ୍ତିଜନକ ବିଷୟବସ୍ତୁ ପୋଷ୍ଟ ହୋଇଥିବା ଠାବ କରିଥିଲା। ଏହି ଆକାଉଣ୍ଟରେ ଏଆଇ-ଦ୍ୱାରା ଫଟୋକୁ ମର୍ଫ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପ୍ରସାର କରାଯାଇଥିଲା। ସୋସିଆଲ ମିଡିଆ ପେଟ୍ରୋଲିଂ ରିପୋର୍ଟର ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଡିଜିଟାଲ ଉପାୟରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋକୁ ଆପତ୍ତିଜନକ ଭାବରେ ପ୍ରଦର୍ଶନ କରିଥିଲେ। ପୁନଶ୍ଚ ସେ ଏଥିରେ ଅଶ୍ଳୀଳ ଅଙ୍ଗଭଙ୍ଗୀ ଓମାନହାନିକର ଉକ୍ତି ମଧ୍ୟ ବ୍ୟବହାର କରିଥିଲେ। ଏହା ଡିଜିଟାଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବା ଏବଂ ଯୁବପିଢ଼ିଙ୍କୁ ଭ୍ରମିତ କରିବା ଉଦ୍ଦେଶ୍ୟରେ ଇଚ୍ଛାକୃତ ଭାବେ କରାଯାଇଥିଲା ବୋଲି ପୁଲିସ ସୂଚନା ଦେଇଛି ।

**AFFIDAVIT**

By Virtue of an affidavit sworn before Executive Magistrate, Balasore, dtd-30/06/2026 by Affidavit Sl No: - 4903. I, Azharuddin Shaikh,Age 42yrs, S/o- Nasiruddin Shaikh, of Resident At-Pijuruddin lane, Po-Sunhat,Phandi Chhak,Goni Pada,Balubazar, P.S.- Town, Dist-Balasore , Odisha - 756002. Declared that. I have changed my name from Azharuddin Nasiruddin Shaikh to Azharuddin Shaikh. Henceforth, I shall be known as **Azharuddin Shaikh** for all future purposes.
**Azharuddin Shaikh**

**AFFIDAVIT**

By virtue of Affidavit No. 93, Dt.25.05.2026 sworn before the Executive Magistrate, Angul, I, Ipsita Agarwal, D/o- Pradeep Agarwal and Sanju Agarwal, Resident of At- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL", "AGARWALLA" in certain previous documents, including my earlier Passport. The surnames "AGRAWAL" , "AGARWALLA" and "AGARWAL" refer to one and the same person, namely myself. Henceforth, I shall be known as IPSITA AGARWAL for all purposes.

**AFFIDAVIT**

By virtue of an affidavit before the Executive Magistrate, Dhamnagar, I, Sri Dillip Kumar Malik, 41 years, S/o-Kanhu Malik, Vill/PO- Kothar, P.S.- Dhusuri, Dist- Bhadrak, Odisha, on behalf of my minor daughter Sibani Malik. In birth certificate, wrongly it has been mentioned as Shivan Malik in Aadhaar Card bearing No. 7217 4462 7832. Sibani Malik and Shivan Malik is one and same. This affidavit is for Aadhaar correction.

**AFFIDAVIT**

By virtue of Affidavit No. 95, Dt.27.05.2026 sworn before the Executive Magistrate, Angul, I, PRADEEP AGARWAL, S/o- Srinibas Agarwal, R/o- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "PRADEEP AGARWAL" for all purposes.

**AFFIDAVIT**

By virtue of Affidavit No. 94, Dt. 27.05.2026 sworn before the Executive Magistrate, Angul, I, SANJU AGARWAL, W/o- PRADEEP AGARWAL, R/o- Union Bank Pakha, P.O./P.S./Dist.- Angul, Odisha-759122, do hereby declare that my surname has been recorded as "AGRAWAL" and "AGARWALLA" in certain previous documents. The surnames "AGRAWAL", "AGARWAL" and "AGARWALLA" refer to one and same person, namely myself. Henceforth, I shall be known as "SANJU AGARWAL" for all purposes.

**AFFIDAVIT**

By Virtue of an affidavit sworn before in the Court of Executive Magistrate and Tahasildar, Basta,Balasore, dtd-03/07/2026, by Affidavit Sl No: - 2994. I, Paresh Mukhi C/o- Gopal Mukhi of permanent Resident Vill - Kamardiha, Po-Khunta, Ps-Rasgobindpur, Dist-Mayurbhanj , Odisha - 757016. Declared that. I have changed the name of my Minor Son from KATIA MUKHI to PAPU MUKHI. Henceforth, He shall be known as **PAPU MUKHI** for all future purposes.
**Paresh Mukhi**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟରେ ବାଦ୍...

ଥିବା ସମସ୍ତଙ୍କୁ ପରିଗଣନା ଫର୍ମ ପ୍ରଦାନ କରାଯାଇଥିବା କହୁଥିବାବେଳେ ୮ ଲକ୍ଷରୁ ଉର୍ଦ୍ଧ୍ୱ କଥିତ ମୃତକ ଓ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଅନୁପସ୍ଥିତ ବା ସ୍ଥାନାନ୍ତରିତଙ୍କୁ ପରିଗଣନା ଫର୍ମ କିପରି ବଣ୍ଟନ ହେଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି। ପୁନଶ୍ଚ କେବଳ କେନ୍ଦ୍ରାପଡ଼ା ଜିଲ୍ଲାରୁ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ଚିଠା ତାଲିକାରୁ ବାଦ ପଡ଼ିଥିବା କୁହାଯାଉଥିବାବେଳେ ୭୫ରୁ ଉର୍ଦ୍ଧ୍ୱ ବିଧାନସଭା କ୍ଷେତ୍ରରେ ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ କଟିବାକୁ ନେଇ ବିରୋଧୀ ସନ୍ଦେହ ପ୍ରକଟ କରିଛନ୍ତି।

ଅନ୍ୟପକ୍ଷରେ ଏହି ଚିଠା ତାଲିକା ଚୂଡ଼ାନ୍ତ ନୁହେଁ; ଯଦି କେହି ଯୋଗ୍ୟ ଭୋଟର ବାଦ ପଡ଼ିଥିବେ ସେମାନେ ଆପତ୍ତି କରି ନିଜ ନାମ ଚୂଡ଼ାନ୍ତ ତାଲିକାରେ ସ୍ଥାନିତ କରିପାରିବେ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ବାସସ୍ଥାନ ପରିବର୍ତ୍ତନ, ପ୍ରଚଳିତ ଭୋଟର ତାଲିକାରେ ଥିବା ବିବରଣୀର ସଂଶୋଧନ, ଦୁଇଟି ଇପିଆଇସି ନମ୍ବର କିମ୍ବା ଦିବ୍ୟାଙ୍ଗ ଚିହ୍ନିତକରଣ ପାଇଁ ଭୋଟର ଫର୍ମ-୮ ରେ ଆବେଦନ କରିପାରିବେ। ସେହିପରି ନୂତନ ଭୋଟରଙ୍କ ପାଇଁ ଫର୍ମ-୬ରେ ଆବେଦନ କରାଯିବାର ବ୍ୟବସ୍ଥା ରହିଥିବା ବେଳେ ଫର୍ମ-୭ରେ ପ୍ରଚଳିତ ଭୋଟର ତାଲିକାରେ ନାମ ଯୋଗ କିମ୍ବା ନାମ ବାଦ୍ କରାଯାଇ ପାରିବ। ତେବେ ଚିଠା ଭୋଟର ତାଲିକାରେ ଗୋଟିଏ ଘର ନମ୍ବରରେ ଏକାଧିକ ଭୋଟରଙ୍କ ନାମ, ଭୋଟରଙ୍କ ନାମରେ ତ୍ରୁଟି ତଥା ଅନ୍ୟ ବିବରଣୀ ତ୍ରୁଟିକୁ ନେଇ ସାଧାରଣରେ ଆରମ୍ଭରୁ ଅସନ୍ତୋଷ ଦେଖାଦେଇଛି। ଭୋଟର ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ଭୋଟରମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗଣନାକାରୀଙ୍କ ତ୍ରୁଟି ପାଇଁ ସାଧାରଣ ଲୋକମାନେ କାହିଁକି ସମସ୍ୟାରେ ପଡ଼ିବେ ବୋଲି ପ୍ରଶ୍ନ କରିବା ସହ ପ୍ରତ୍ୟେକ ତ୍ରୁଟି ନିଜଆଡୁ ନିର୍ବାଚନ ଅଧିକାରୀ ସଂଶୋଧନ କରିବା ଆବଶ୍ୟକ ବୋଲି ଲୋକମାନେ କହିଛନ୍ତି।

### ରାମ ମନ୍ଦିରରୁ ଲୁଟିନେଲେ...

କରିଥିଲେ। ପରବର୍ତ୍ତୀ ସମୟରେ ଗ୍ରନ୍ଥଟି ମନ୍ଦିରର ମୁଖ୍ୟ ପରିସରରେ ଦେଖିବାକୁ ନ ମିଳିବାରୁ ସେ ପ୍ରଶ୍ନ ଉଠାଇଛନ୍ତି। ଏସଂପର୍କରେ ସେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କୁ ଜଣାଇଥିଲେ। କିନ୍ତୁ ଚମ୍ପତଙ୍କ ଉତ୍ତର ତାଙ୍କୁ ବିସ୍ମିତ କରିଛି। ଚମ୍ପତ ତାଙ୍କୁ କହିଥିଲେ ଯେ ମନ୍ଦିରକୁ ଆସୁଥିବା ସବୁ ଦାନ ସାମଗ୍ରୀକୁ ପ୍ରଦର୍ଶିତ କରାଯାଇପାରିବ ନାହିଁ। ତେବେ କେବଳ ସୁନା ଛାଉଣି ଗ୍ରନ୍ଥ ନୁହେଁ, ବରଂ ମନ୍ଦିରକୁ ମିଳିଥିବା ବହୁ ପରିମାଣର ରୁପା ଇଟା ଏବଂ ଅଳଙ୍କାର ନିଖୋଜ ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ବିରୋଧୀ ଦଳ ଏବଂ ଇଣ୍ଡିଆ ବୁଲିଅନ ଆଣ୍ଡ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ମଧ୍ୟ ମନ୍ଦିରରୁ ରୁପା ହେରଫେର ହୋଇଥିବା ପ୍ରସଙ୍ଗ ଉଠାଇଛି। ଏଥିମଧ୍ୟରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ଦ୍ୱାରା ପ୍ରଦତ୍ତ ୪ କିଲୋଗ୍ରାମର ରୁପା ଇଟା ମଧ୍ୟ ସାମିଲ ରହିଛି। ଏସଂପର୍କରେ ଟ୍ରଷ୍ଟର କୌଣସି କର୍ମକର୍ତ୍ତା ମୁହଁ ଖୋଲୁ ନାହାନ୍ତି। ସେମାନଙ୍କର ରହସ୍ୟମୟ ନିରବତା କୋଟି କୋଟି ଭକ୍ତଙ୍କୁ ମର୍ମାହତ କରିଛି। ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ଦଳ ବର୍ତ୍ତମାନ ଏହି ଦାନ ହେରଫେର ମାମଲାର ଯାଞ୍ଚ କରୁଛି। ଧରାପଡ଼ିଯିବା ଭୟରେ ଚୋରି ସୁନା ଓ ରୁପା ଅଳଙ୍କାରଗୁଡ଼ିକୁ ତରଳାଇ ସୁନା ବିସ୍କୁଟରେ ପରିଣତ କରାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ସନ୍ଦେହ କରିଛନ୍ତି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ଦାନ ଗଣତି ପ୍ରକ୍ରିୟା ସହ ଜଡିତ ୮ ଜଣଙ୍କୁ ଗିରଫ କରାଯାଇ ସାରିଛି। ଇତିମଧ୍ୟରେ ରାମ ମନ୍ଦିର ଟ୍ରଷ୍ଟର ଆନ୍ତାକାଳି ବୈଠକ ବସିବ। ଏଥିରେ ଟ୍ରଷ୍ଟ ସଂପାଦକ ଚମ୍ପତ ରାୟ, ଅନିଲ ମିଶ୍ର ଓ ଗୋପାଳ ରାଓଙ୍କ ଇସ୍ତଫା ଉପରେ ନିଷ୍ପତ୍ତି ନିଆଯିବ।

### ଦିନକୁ ଚୋରି ହେଉଥଲା...

ମହାକୁମ୍ଭ ସମୟରୁ ଦିନକୁ ୬ରୁ ୮ ଲକ୍ଷ ଟଙ୍କା ଚୋରି ହେଉଥିଲା। ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଅଭିନାଶ ଶୁକ୍ଲାଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ମୋଜା ଓ ପକେଟରେ ଟଙ୍କା ଲୁଚାଇବା ସହ ସିସିଟିଭିକୁ ମଧ୍ୟ ଏଡ଼ାଉଥିବା ପ୍ରମାଣ ମିଳିଛି। ଅଭିନାଶ ଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କା ଏବଂ ୧୨୦୦ ଡଲାର ଜବତ କରାଯାଇଛି। ଦାନ ଟଙ୍କା ଚୋରି ସଂପର୍କରେ ଟ୍ରଷ୍ଟ କର୍ମକର୍ତ୍ତା ଜାଣିଥିଲେ ମଧ୍ୟ ଚୁପ ରହିଥିଲେ। ସମାଜବାଦୀ ପାର୍ଟି ନେତା ଏବଂ କେତେକ ବ୍ୟାଙ୍କ କର୍ମଚାରୀ ଅଭିଯୋଗ କରିବା ପରେ ଏହି ମାମଲା ସାମନାକୁ ଆସିଥିଲା। ଅଭିଯୁକ୍ତମାନେ ଦାନ ଟଙ୍କା ଚୋରି କରୁଥିବାର ଦୃଶ୍ୟ ମଧ୍ୟ ସିସିଟିଭିରେ କଏଦ ଅଛି।

### ଅବପାତ ଝାଡ଼ଖଣ୍ଡମୁହାଁ..

ସ୍ଥାନରେ ଭାରି ବର୍ଷା (୭ ରୁ ୧୧ ସେମି) ରେକର୍ଡ ହୋଇଛି। କନ୍ଧମାଳ ଖଜୁରୀପଦାରେ ସର୍ବାଧିକ ୨୭୬ମିମି, ବଲାଙ୍ଗିର ତୁରେଇକେଲା ଠାରେ ୨୬୪ମିମି ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରେ ୧୧୯ ଓ କଟକରେ ୧୨୪ ମିମି ବର୍ଷା ରେକର୍ଡ ହୋଇଛି।

ମୌସୁମୀ ଅତ୍ୟଧିକ ସକ୍ରିୟ ହେତୁ ଗତ ୨୪ଘଣ୍ଟାର ୬୨.୮ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ୮.୪ମିମି ତୁଳନାରେ ୬୪୯ ପ୍ରତିଶତ ଅଧିକ ରହିଛି। ଜୁଲାଇ ମାସର ସ୍ୱାଭାବିକ ବର୍ଷା ୩୪୧.୪ ମିମି ହୋଇଥିବା ବେଳେ ରାଜ୍ୟରେ ପ୍ରଥମ ୫ ଦିନରେ ୧୫୫.୨ ମିମି ବର୍ଷା ରେକର୍ଡ ହୋଇସାରିଛି, ଯାହାକି ପୁରା ମାସର ସ୍ୱାଭାବିକ ବର୍ଷାର ୪୫ ପ୍ରତିଶତ ଭରଣା ହୋଇଛି। ଏପର୍ଯ୍ୟନ୍ତ ଜୁଲାଇରେ ପ୍ରଥମ ୫ ଦିନରେ ରାଜ୍ୟରେ ସ୍ୱାଭାବିକ ତୁଳନାରେ ୨୩୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ରବିବାର ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷାର ପ୍ରଭାବ କମିଲେ ମଧ୍ୟ ବରଗଡ଼, ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗିର ଜିଲ୍ଲାରେ ଭଲ ବର୍ଷା ହେବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର କହିଛି, ଜୁନ ୧ ରୁ ଏଯାବତ ୨୬୫.୫ ମିମି ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୨୫୫.୮ ତୁଳନାରେ ଏବେ ୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ ହୋଇଛି। ୧୧ ଜିଲ୍ଲାରେ ସ୍ୱାଭାବିକ ତୁଳନାରେ ଅଧିକ ବର୍ଷା ସହ ୧୧ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଏବେ ବି ୬ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଛି। ୨ଟି ଜିଲ୍ଲା ବୌଦ୍ଧ ଓ କନ୍ଧମାଳରେ ସ୍ୱାଭାବିକ ଠାରୁ ଯଥେଷ୍ଟ ଅଧିକା ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ଅବପାତ ସ୍ଥଳଭାଗ ଅତିକ୍ରମ କରିବା ପରେ ଜୁଲାଇ ୫ ରୁ ୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଓଡ଼ିଶାର ସମସ୍ତ ବନ୍ଦରରେ ୩ ନମ୍ବର ସ୍ଥାନୀୟ ସତର୍କତା ସଙ୍କେତ ଜାରି କରାଯାଇଛି।

### ଜାତୀୟ ରାଜପଥରେ...

ପ୍ରଖରସ୍ରୋତରେ ଏକ ପରିବାର ପାଣିରେ ଭାସିଯାଉଥିବା ବେଳେ ସ୍ଥାନୀୟ ଯୁବକ ତଥା ଯାତ୍ରୀମାନେ ନିଜ ଜୀବନକୁ ବାଜି ଲଗାଇ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ ତତ୍ପରତା ଓ ସାହସିକତା ଯୋଗୁଁ ଭାସିଯାଉଥିବା ପରିବାରର ସମସ୍ତ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଅପରପକ୍ଷରେ, ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ଡ୍ରେନେଜ ଗୁଡ଼ିକର ସଠିକ୍ ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ସାମାନ୍ୟ ବର୍ଷା ହେଲେ ରାସ୍ତା ବୁଡ଼ିଯାଉଥିବାରୁ ଏହାର ଏକ ସ୍ଥାୟୀ ପ୍ରତିକାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୋମନା ବ୍ଲକର କେତେକ ତଳିଆ ଅଞ୍ଚଳରେ ପାଣି ପଶି ରହିଥିବା ବେଳେ ପ୍ରଶାସନ ତରଫରୁ ସ୍ଥିତି ଅନୁଧ୍ୟାନ କରାଯାଉଥିବା ସୂଚନା ମିଳିଛି। ଏହାସହ ସିଙ୍ଗାରି ଡ୍ୟାମ ମଧ୍ୟ ପ୍ରବଳ ପାଣି ପ୍ରଭାବରେ ଭାଙ୍ଗି ଯାଇଥିବା ସୂଚନା ମିଳିଛି।

25001/650/2627 E-Mail: eerw_gm1@yahoo.co.in

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, GANJAM, BERHAMPUR**
Government of Odisha e-Procurement Notice
Bid Identification No. Online Tender // 11 // SERWDG-I // 2026-27
Letter No.: 4099 /RWDG-I/BAM/ Date: 18.06.2026

| | | |
|---|---|---|
| 1 | Name of the Work | Road Works |
| 2 | Estimated Cost | Rs. 6.72 Lakhs to Rs. 8.40 Lakhs |
| 3 | Period of Completion | As per Annexure Column No. 06 |
| 4 | Date & Time of Availability of Bid Documents in the Portal | From 09.07.2026 at 11.00 AM to 22.07.2026 up to 6.00 PM |
| 5 | Last Date & Time for Receipt of Bids in the Portal | 22.07.2026 up to 6.00 PM |
| 6 | Name and Address of the Officer Inviting Bid | Executive Engineer, Rural Works Division-I, Ganjam, Berhampur |

Further details can be seen from the e-procurement portal website: https://www.tendersodisha.gov.in
Executive Engineer
OIPR-25001/25085/1/26-27/0017 R.W. Division-I, Ganjam, Berhampur

**OFFICE OF THE MUNICIPALITY : POLASARA**
At/Po/Ps: Polasara, Dist.-Ganjam, Odisha
E-mail: nacpolasara72@gmail.com, Phone No.: (06810) 291235
Letter No.: 2097, Date: 03.07.2026
13001/1075/2627

**QUOTATION CALL NOTICE**

Sealed quotation in prescribe form are invited from the intending reputed registered Company/Firm suppliers/Contractor having a adequate experience with valid GST Registration Certificate, PAN Card for "Supplying, fitting and installation of different odia and English letter box with logo, swacha sarvekhana logo, back drop items for Polasara Municipality, for the year 2026-27." as per the specification which will be received through Tender Box/Speed Post/Courier Post to the Executive Officer Municipality Polasara on or before 14.07.2026 up to 5.00 P.M and the same will be opened on 15.07.2026 at 11.30 AM in the presence of the quotationers or their authorized agents present on their behalf. The authority will not be held responsible for the postal delay, if any, in the delivery of the documents or non-receipt of the same. The document schedule will be available in the Office of the Polasara Municipality during working hour from 06.07.2026 to 14.07.2026 up to 5.00 P.M on payment of non refundable cash of Rs. 4000.00. The intending bidder are to submit copies of valid Registration certificate from competent authorities of the State Govt./Central Govt./PSU organization and PAN Card along with Experience Certificate in similar nature of works and EMD of Rs 10000.00 (In shape of Bank Draft/BG/TDR /KVP/ NSC) in favour of Executive Officer Polasara Municipality with their bid, failing which their bid shall not be taken in to consideration. The authority reserves the right to reject any or all the tenders without assigning any reason thereof.

Executive Officer
Municipality Polasara
OIPR-13001/13214/1/26-27/0003

25001/646/2627 E.Mail: rw_rourkela@yahoo.co.in

GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
**TENDER CALL NOTICE**
BID IDENTIFICATION NO. ONLINE-EERKL-17 of 2026-27

1. Name of the Work :- Road Works
2. Total No. of Works :- 02 (Two) Nos.
3. Estimated Cost :- Rs. 62.37 to 77.12 Lakhs
4. Class of Contractor :- "B" Class
5. Period of Completion :- 04 (Four) Months
6. Type of Tender :- Double Cover
7. Other details

| Procurement Officer | Bid Identification No. | Availability of Tender Online for bidding | | Last Date & Time of Seeking Tender Clarification | Date & Time of Opening of Tender | Financial Bid |
|---|---|---|---|---|---|---|
| | | From | To | | | |
| Superintending Engineer, Rural Works Division-II, Sundargarh | Online-EERKL-17 of 2026-27 | 07.07.2026 from 11.00 AM | 14.07.2026 upto 05.00 PM | 13.07.2026 upto 5.00 PM | 15.07.2026 at 11.00 AM | Will be intimated separately |

Further details can be seen from the website www.tendersorissa.gov.in and for more information please visit the office.
Executive Engineer
OIPR-25001/25193/1/26-27/0032 RW Division-II, Sundargarh

# ମାସେ ନ ପୂରୁଣୁ ରାସ୍ତା ଫାଳ ଫାଳ



**ଶଗଡ଼ା, ୫।୭(ସମିସ):** ବୌଦ୍ଧ ଜିଲ୍ଲା ୪୨ ନମ୍ବର ରାଜ୍ୟ ରାଜପଥର କଣ୍ଟାମାଳ ବ୍ଲକ ଆମ୍ବଗାଁ ନିକଟ ସମଲେଶ୍ୱରୀ ନାଳ ବ୍ରିଜ ରାସ୍ତା ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଛି। ତେବେ ନିର୍ମାଣର ମାସେ ନ ପୂରୁଣୁ ବିଭିନ୍ନ ସ୍ଥାନରେ ଭାଙ୍ଗି ଏକାଧିକ ସ୍ଥାନରେ ଫାଟ ହୋଇଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ସହ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାର ଅବସ୍ଥା ଏଭଳି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। କଣ୍ଟାମାଳଠାରୁ ଖୁଣ୍ଟିଗୋରା ୪୨ ନମ୍ବର ରାଜ୍ୟ ରାଜପଥର ନିର୍ମାଣ ଓ ମରାମତି ପାଇଁ ପ୍ରତିବର୍ଷ ଅନୁଦାନ ବର୍ଷା ହେଉଛି। ଏହି ପାଣ୍ଠିରୁ ରାସ୍ତା ନିର୍ମାଣ ସହ ବିଭିନ୍ନ ସ୍ଥାନରେ ଛୋଟବଡ ବ୍ରିଜ କାର୍ଯ୍ୟ କରାଯାଉଛି; ହେଲେ ଅତି ନିମ୍ନମାନର କାର୍ଯ୍ୟ କରାଯାଇ ମିଳିମିଶି ସରକାରୀ ଅର୍ଥ ଚଳୁ କରାଯାଉଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏହି ରାସ୍ତାର ସମଲେଶ୍ୱରୀ ନାଳ ଉପରେ ନିର୍ମାଣ ହୋଇଥିବା ବ୍ରିଜକୁ ସଂଯୋଗ ରାସ୍ତାରେ ଆବଶ୍ୟକ ମୁତାବକ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇନାହିଁ। ଏହା ଫଳରେ ରାସ୍ତା ପାର୍ଶ୍ୱ ଦବି ଯାଇଥିବା ସହ ଅନେକ ସ୍ଥାନରେ ଫାଟି ଆଁ କରିଛି। ଏହାସହ ଏକାଧିକ ସ୍ଥାନରେ ରାସ୍ତା ଧସିଛି। ଫାଟି ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏହି ରାସ୍ତାରେ ବ୍ୟାପକ ପିସି କାରବାର ଓ ଠିକାଦାର-ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଏହାର ପ୍ରମୁଖ କାରଣ ବୋଲି ଅଭିଯୋଗ ହେଉଛି। ବୌଦ୍ଧ ଜିଲ୍ଲାର ବିକାଶର ଅସଲ ଚିତ୍ର ଏବେ ଏହି ରାସ୍ତା କାର୍ଯ୍ୟରୁ ସ୍ପଷ୍ଟ ଜଣାପଡୁଛି ବୋଲି ଆଲୋଚନା ହେଉଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ ଦାବି କରୁଛନ୍ତି। ରାସ୍ତା ଓ କୋଠାବାଡି ନିର୍ମାଣ ତଥା ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପଗୁଡିକର ମାନ ଯାଞ୍ଚ ପାଇଁ ସରକାର ମୋବାଇଲ ଲାବୋରୋଟୋରୀ ଇନ୍ସପେକ୍ସନ ୟୁନିଟ(ଏମଏଲ୍ଆଇୟୁ)ର ବ୍ୟବସ୍ଥା କରିଛନ୍ତି। ସୁରକ୍ଷିତ ଗମନାଗମନ ବ୍ୟବସ୍ଥା ପାଇଁ ସୁଦୃଢ ରାସ୍ତା ନିର୍ମାଣ ଏହାର ମୂଳ ଉଦ୍ଦେଶ୍ୟ ରହିଛି; ହେଲେ ଏହି ବ୍ୟବସ୍ଥା ବୌଦ୍ଧ ଜିଲା ପୂର୍ତ୍ତ ବିଭାଗରେ କାର୍ଯ୍ୟକାରୀ ହେଉ ନାହିଁ। ଏହା ଫଳରେ ସମ୍ପୃକ୍ତ ଠିକାଦାର ଓ ଯନ୍ତ୍ରୀ ମିଳିମିଶି ଅତି ନିମ୍ନମାନର ରାସ୍ତା ନିର୍ମାଣ କରି ସରକାରୀ ଅର୍ଥକୁ ଲୁଟ୍ କରିବାରେ ସଫଳ ହେଉଛନ୍ତି। ଏହି ରାସ୍ତା ଉପରେ ବୌଦ୍ଧ ଜିଲା ସମେତ କନ୍ଧମାଳ, କଳାହାଣ୍ଡି, ସୋନପୁର, ବଲାଙ୍ଗୀର ଜିଲାକୁ ଯାତାୟାତ ପାଇଁ ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ପର୍ଯ୍ୟଟନସ୍ଥଳ ଦାରିଙ୍ଗିବାଡିକୁ ମଧ୍ୟ ପର୍ଯ୍ୟଟକ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ଏକ ସୁଦୃଢ ରାସ୍ତା ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦେଇଥିଲେ; ହେଲେ ପୂର୍ତ୍ତ ବିଭାଗୀୟ କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ରାଜ୍ୟ ସରକାରଙ୍କ ଏହି ମହତ ଲକ୍ଷ୍ୟକୁ ବାଟବଣା କରିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ କଣ୍ଟାମାଳ ପୂର୍ତ୍ତ ବିଭାଗ ଏସ୍ଡିଓ ଗୋବିନ୍ଦ ଚନ୍ଦ୍ର ନାଏକଙ୍କୁ ପଚାରିବାରୁ ବର୍ଷା ଯୋଗୁଁ ମାଟି ଦବି ଯାଇ ଏଭଳି ହୋଇଛି। ବର୍ଷା ଛାଡିଲା ପରେ ଏହାକୁ ମରାମତି କରାଯିବ ବୋଲି କହିଛନ୍ତି।

## ଜାଲରେ ପଡ଼ିଲା ୪୦ କେଜିର ମାଛ

**କଣ୍ଟାମାଳ, ୫।୭(ସମିସ):** ବୌଦ୍ଧ ଜିଲ୍ଲାରେ ବର୍ଷା ଯୋଗୁଁ ମାଛଧରା ଜମିଛି। କଣ୍ଟାମାଳ ବ୍ଲକ ମନୁମୁଣ୍ଡା ତେଲନଦୀରୁ ୪୦ କେଜିର ଏକ ବିରାଟ ବୁଦା ମାଛ ମିଳିଛି। ଜଣେ ଧୀବରଙ୍କ ଜାଲରେ ଏହି ବିରାଟକାୟ ବୁଦା ମାଛଟି ପଡ଼ିବା ପରେ ଦେଖିବାକୁ ଗହଳି ହୋଇଥିଲା।



## ସପ୍ତାହେ ହେଲା ବିଦ୍ୟୁତ୍ ସମସ୍ୟା ଭୋଗୁଛନ୍ତି ୫ଖଣ୍ଡ ଗ୍ରାମବାସୀ

**ଶଗଡ଼ା, ୫।୭(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ସେକ୍ସନ ଦପଲା ଫିଡ଼ର ଅଧୀନ ୫ଖଣ୍ଡ ଗ୍ରାମରେ ଗତ ଏକ ସପ୍ତାହରୁ ଅଧିକ ସମୟ ହେଲା ବିଦ୍ୟୁତ୍ ସମସ୍ୟା ଦେଖା ଦେଇଛି। ଏହା ଫଳରେ ଲୋକେ ବର୍ଷା ସହ ବିଦ୍ୟୁତ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ ସପ୍ତାହରୁ ଅଧିକ ହେବ ଧଉରାକୁଦ, ଟୁନିମୁଣ୍ଡା ପାଇକବାହାଲ, ପ୍ରଧାନପାଲି, ବଉଳସିଙ୍ଗାର ଝରିଆପଡ଼ା ଗ୍ରାମରେ ଲୋ ଭୋଲ୍ଟେଜ ଦେଖା ଦେବା ସହ ବିଦ୍ୟୁତ୍ ଲୁଚକାଳି ଖେଳୁ ଥିବା ଅଭିଯୋଗ ହୋଇଛି। ବାରମ୍ବାର ବିଦ୍ୟୁତ ବିଭ୍ରାଟ ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ନେଇ ଅଞ୍ଚଳବାସୀ ବିଭାଗର ଟୋଲ ଫ୍ରି ନମ୍ବର ସହ ବିଭାଗୀୟ ଯନ୍ତ୍ରୀ ଓ ଏସ୍ଡିଓଙ୍କୁ ଫୋନ କରିଥିଲେ ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରୁ ନାହାନ୍ତି। ପ୍ରତ୍ୟେକ ଗ୍ରାମକୁ ୨୪ ଘଣ୍ଟିଆ ବିଦ୍ୟୁତ ସେବା ଯୋଗାଇବା ପାଇଁ ସରକାରୀ ନିର୍ଦ୍ଦେଶ ରହି ଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଲୋକେ ବିଦ୍ୟୁତ୍ ଭଳି ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। ଖୁବ୍ଶୀଘ୍ର ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବିନା ସୂଚନାରେ ପୋଖରୀ କାମ



**କଣ୍ଟାମାଳ, ୫।୭(ସମିସ):** ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶ୍ରମିକଙ୍କ ରୋଜଗାର ଯୋଗାଇ ଦେବାକୁ ଯୋଜନା ରହିଛି। କଣ୍ଟାମାଳ ଅଞ୍ଚଳର ଶ୍ରମିକମାନେ କିନ୍ତୁ କାମ ପାଉ ନାହାନ୍ତି। ଏଣୁ ବାଧ୍ୟ ହୋଇ ସେମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଠାରେ କିନ୍ତୁ ପ୍ରଶାସନ ଓ ଠିକାଦାର ମିଶି ଯୋଜନା ବାଟବଣା କରୁଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରେଙ୍ଗାଲି ପଞ୍ଚାୟତରେ ହୋଇଥିବା ପୋଖରୀ କାର୍ଯ୍ୟରେ ସୂଚନା ଫଳକ ଲାଗିନି। ଜେସିବି ଓ ଟ୍ରାକ୍ଟର ଦ୍ୱାରା କାମ କରାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।

## ନିର୍ମାଣର କିଛି ଦିନରେ ଉପୁଡ଼ିଲା ପିଚୁ

**ସଇଁତଲା, ୫।୭(ସମିସ):** ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ସମ୍ପ୍ରତି ନିର୍ମାଣ ହୋଇଥିବା ସଇଁତଲା-ସିଲେଟପଡ଼ା ସଂଯୋଗକାରୀ ରାସ୍ତାର ମାନକୁ ନେଇ ପ୍ରଶ୍ନ ଉଠିଛି। ନିର୍ମାଣର ମାତ୍ର କିଛି ଦିନ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠି ଯାଇ ଖାଲ ସୃଷ୍ଟି ହୋଇଛି। ସେଥିରେ ବର୍ଷା ପାଣି ଜମି ରହୁଛି। ଏହାଫଳରେ ଯାତାୟାତ ବ୍ୟାହତ ହେବା ସହ ଦୁର୍ଘଟଣାର ଆଶଙ୍କା ବଢ଼ିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ସରକାରୀ ଅର୍ଥ ବ୍ୟୟ କରି ନିର୍ମିତ ଏହି ରାସ୍ତାର ସ୍ଥାୟିତ୍ୱ ନେଇ ଆରମ୍ଭରୁ ପ୍ରଶ୍ନ ଉଠିଛି। ଏତେ କମ୍ ସମୟ ମଧ୍ୟରେ ରାସ୍ତା ନଷ୍ଟ ହୋଇଯିବା ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଉପରେ ସନ୍ଦେହ ସୃଷ୍ଟି କରିଛି। ଏହା ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କାର ଜନଧନ ଅପଚୟ ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି। କେତେକ ସ୍ଥାନୀୟ ବାସିନ୍ଦା ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଅନିୟମିତତା ଥିବା ଅଭିଯୋଗ ଆଣି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଛନ୍ତି, ରାସ୍ତାର କ୍ଷତିଗ୍ରସ୍ତ ସ୍ଥାନଗୁଡ଼ିକର ଯାଞ୍ଚ କରାଯିବ ଏବଂ ଆବଶ୍ୟକ ହେଲେ ପୁନଃ ନିର୍ମାଣ କରାଯିବ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢୁଥିବା ବେଳେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ଉଚ୍ଚମାନର ରାସ୍ତା ନିର୍ମାଣ ସୁନିଶ୍ଚିତ କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି।



## ହତ୍ୟା ଉଦ୍ୟମ ମାମଲାର ଅଭିଯୁକ୍ତକୁ ୭ ବର୍ଷ ଜେଲ୍

**ବୌଦ୍ଧ, ୫।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବଡ ଛପାପାଲି ଗ୍ରାମର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରାଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଅଖିଳ କୁମାର ପଶ୍ଚିମ୍ କବାଟ ଶନିବାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଦୈତାରୀକୁ ୭ ବର୍ଷ କାରାଦଣ୍ଡ ଆଦେଶ ଦେବା ସହ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥ ଆଦାୟ ନ ହେଲେ ଅତିରିକ୍ତ ଦୁଇ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୧୧।୮।୨୦୨୧ ରାତି ୧୧ଟାରେ ବଡ ଛପାପାଲି ଗ୍ରାମର ଦୈତାରୀ ସାହୁ ନିଜ ଝିଅକୁ ବଡ ପାଟିରେ ଗାଳି କରୁଥିଲା। ପଡୋଶୀ ଦଶ ମଲ୍ଲିକ ଶୁଣିପାରି ଦୈତାରୀ ଘର ସାମନାକୁ ଯାଇ ଝିଅକୁ ଗାଳିନ କରିବାକୁ କହିଥିଲେ। ଏ କଥାରେ ହଠାତ୍ ଉତକ୍ଷିପ୍ତ ହୋଇ ଦୈତାରୀ ହାତରେ ଧରିଥିବା ଟାଙ୍ଗିଆରେ ଦଶ ମଲ୍ଲିକଙ୍କ କାନ ମୁଣ୍ଡା ଓ ଗାଲରେ ୩/୪ ଚୋଟ ମାରିଥିଲା। ଦଶଙ୍କୁ ଉଦ୍ଧାର କରି ପ୍ରଥମେ କଣ୍ଟାମାଳ ଓ ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଦଶ ମଲ୍ଲିକଙ୍କ ଝିଅ ଚନ୍ଦ୍ରିକାଙ୍କ ଅଭିଯୋଗ ଆଧାରରେ କଣ୍ଟାମାଳ ଥାନାରେ ମାମଲା ରୁଜୁ ହୋଇଥିଲା। ଶନିବାର ୧୪ ଜଣ ସାକ୍ଷୀ ଓ ପୁଲିସର ଦସ୍ତାବିଜକୁ ବିଚାରକୁ ନେଇ ବୌଦ୍ଧ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ମାମଲାର ବିଚାର କରି ଦଣ୍ଡାଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଧବଳେଶ୍ୱର ମନହୀରା ମାମଲା ପରିଚାଳନା କରୁଥିଲେ।

## ବୌଦ୍ଧ ପୁଲିସର ଅପରେସନ୍ 'ଦହନ'

**ବୌଦ୍ଧ, ୫।୭(ସମିସ):** ଅବୈଧ ମାଦକ କାରବାର ବିରୋଧରେ ବୌଦ୍ଧ ଜିଲ୍ଲା ପୁଲିସ ଅଭିଯାନ ଚଳାଇଛି। ଜୁନ୍ ମାସରେ 'ଅପରେସନ୍ ଦହନ' ଅଧୀନ ଜିଲ୍ଲା ପୁଲିସ ୯୭ଟି ଏନ୍ଡିପିଏସ୍ ମାମଲାରେ ଜବତ ହୋଇଥିବା ୩୭, ୪୮୪ କେଜି ୮୮୫ ଗ୍ରାମ ଗଞ୍ଜେଇକୁ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରି ନଷ୍ଟ କରିଛି। ଏନ୍ଡିପିଏସ୍ ଆଇନର ଧାରା ୫୨ଏ ଅନୁଯାୟୀ ଆବଶ୍ୟକ ପ୍ରମାଣପତ୍ର ସଂଗ୍ରହ କରାଯିବା ପରେ ସ୍ୱଚ୍ଛ ଓ ଆଇନସମ୍ମତ ପଦ୍ଧତିରେ ଏହି ଦହନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।



## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ରିଆମାଳ, ୫।୭(ସମିସ):** ରିଆମାଳ ବ୍ଲକ ମଲେହିପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀରାବାଇ ପ୍ରଧାନ ଅବସର ଗ୍ରହଣ କରିଛନ୍ତି। ସ୍କୁଲ ପକ୍ଷରୁ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଏବିଇଓ ମହେଶ୍ୱର ବେହେରା, ସରପଞ୍ଚ ରୁନୁ ବେହେରା, ଆଡସ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବପ୍ରସାଦ ସାହୁ, ସ୍ତବୀର ଦେହୁରୀ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରେମାନନ୍ଦ ସ୍ୱାଇଁ ପରିଚାଳନା କରିଥିବା ବେଳେ କ୍ଷମାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ



**ମନମୁଣ୍ଡା, ୫।୭(ସମିସ):** ଖଟଖଟିଆ କ୍ଲଷ୍ଟର ଗୋପାମାଳ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଚାରପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣଚନ୍ଦ୍ର ନାଏକଙ୍କ ଅବସର ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଣ୍ଟାମଳ ବିଇଓ ଅଶୋଭ ରଞ୍ଜନ ମାଳି, ଅନିତା ମେହେରେ, ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶତପଥୀ, ଦେବପ୍ରସାଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଥିଲେ। ଶିକ୍ଷକ ସମୀର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ସୁଶୀଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ଏମସିଏମ ବୈଠକରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶିକ୍ଷକ ସୁରେନ୍ଦ୍ର କମ୍ପ ଧନ୍ୟବାଦ ଅର୍ପଣ କରିଥିଲେ।

## ଲରିଆପାଲିରେ ମହିଳାଙ୍କୁ ଭେଟିଲେ ଜିଲ୍ଲାପାଳ

**ଝାରସୁଗୁଡ଼ା, ୫।୭(ସମିସ):** ଝାରସୁଗୁଡ଼ା ଜିଲ୍ଲାର କୋଲାବିରା ବ୍ଲକ ଲରିଆପାଲିରେ ଆଜି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପହଞ୍ଚି ଗାଁର ମହିଳାମାନଙ୍କ ସହ ଆଲୋଚନା କରିଛନ୍ତି। ଜଳ, ପରିମଳ ଓ ପରିଚ୍ଛନ୍ନତା କାର୍ଯ୍ୟକ୍ରମ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଘରେ ନିର୍ମିତ ଶୌଚାଳୟ ପରିଦର୍ଶନ କରିଥିଲେ। ଜଳ, ପରିମଳ ଓ ପରିଚ୍ଛନ୍ନତା କ୍ଷେତ୍ରରେ ନିଜ ଅନୁଭୂତି ଓ ସଫଳତାର କାହାଣୀକୁ ମହିଳାମାନେ ଜିଲ୍ଲାପାଳଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଜଳ, ପରିମଳ ଓ ସ୍ୱଚ୍ଛତା ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବ୍ୟାଙ୍କ ଏବଂ ମହାସଂଘରୁ ଋଣ ଗ୍ରହଣ କରି ନିଜ ଘରର ଶୌଚାଳୟ ନିର୍ମାଣ, ମରାମତି ଓ ଉନ୍ନତୀକରଣ ସହିତ ନିୟମିତ ଭାବେ ଶୌଚାଳୟ ବ୍ୟବହାର କରୁଛନ୍ତି। ନିୟମିତ ବ୍ୟାଙ୍କ ଋଣ ମଧ୍ୟ ସୁଝୁଛନ୍ତି। ଏଥିସହିତ ବର୍ଜ୍ୟବସ୍ତୁ ପୃଥକୀକରଣ କାର୍ଯ୍ୟରେ ସକ୍ରିୟ ଭାବେ କାମ କରିବାକୁ ଇଚ୍ଛା ପ୍ରକାଶ କରିଥିବା ବିଷୟରେ ମଧ୍ୟ ସେମାନେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହାପରେ ଜିଲ୍ଲାପାଳ ଲରିଆପାଲି ଗ୍ରାମର 'ଲକ୍ଷପତି ଦିଦି' ଭାବେ ସଫଳତାର ସହ କୃଷି କାର୍ଯ୍ୟ କରୁଥିବା ମହିଳା ଚାଷୀଙ୍କ କୃଷି ଫାର୍ମ ପରିଦର୍ଶନ କରିଥିଲେ। ସେଠାରେ ଉନ୍ନତ ଚାଷ ପ୍ରଣାଳୀ, ବିଭିନ୍ନ ଫସଲର ଉତ୍ପାଦନ, ଆୟବୃଦ୍ଧିର ଉପାୟ ଏବଂ ସରକାରୀ ଯୋଜନାର ସୁଫଳ ସମ୍ପର୍କରେ ମହିଳା ଚାଷୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲାପାଳ ମହିଳା ଚାଷୀଙ୍କ ଉଦ୍ୟମ, ପରିଶ୍ରମ ଓ ସଫଳତାର ଉଚ୍ଚ ପ୍ରଶଂସା କରିବା ସହ ସେମାନେ ଜିଲ୍ଲାର ଅନ୍ୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ ପ୍ରେରଣା ଓ ଆଦର୍ଶ ବୋଲି କହିଥିଲେ। ଅନ୍ୟ ମହିଳାମାନେ ମଧ୍ୟ ସେମାନଙ୍କଠାରୁ ପ୍ରେରଣା ନେଇ ଆୟ ବୃଦ୍ଧିମୂଳକ କୃଷି ଏବଂ ସମନ୍ୱିତ ଚାଷ ପ୍ରଣାଳୀ ଆପଣାଇ 'ଲକ୍ଷପତି ଦିଦି' ହେବାକୁ ଆଗେଇ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏହି ପରିଦର୍ଶନରେ ଜିଲ୍ଲା ପ୍ରକଳ୍ପ ପରିଚାଳକ (ଓଏଲଏମ୍) ଡ. ପୁଷ୍ପଶ୍ରୀ ନାୟକ, କୋଲାବିରା ବ୍ଲକର ଅଧିକାରୀ ଓ କର୍ମଚାରୀଙ୍କ ସହ ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ସଂଖ୍ୟକ ସଦସ୍ୟା ଉପସ୍ଥିତ ଥିଲେ।



## କେଲଡାମାଲ ଗ୍ରାମରେ ଜିଲ୍ଲାପାଳ



**ଝାରସୁଗୁଡ଼ା, ୫।୭(ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କୋଲାବିରା ବ୍ଲକର କେଲଡାମାଲ ଗ୍ରାମ ପରିଦର୍ଶନ କରିଛନ୍ତି। ସେଠାରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଝୋଟରେ ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ବୁଲି ଦେଖିଥିଲେ। ଉତ୍ପାଦର ଗୁଣବତ୍ତା, ଡିଜାଇନ୍, ପ୍ୟାକେଜିଂ ଏବଂ ବଜାର ସଂଯୋଗକୁ ଆହୁରି ସୁଦୃଢ଼ କରିବା ଉପରେ ପରାମର୍ଶ ଦେଇଥିଲେ। ସ୍ଥାନୀୟ କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଆଲୋଚନା କରି ସେମାନଙ୍କ ଉତ୍ପାଦକୁ ବୃହତ୍ ବଜାରରେ ପହଞ୍ଚାଇବା ପାଇଁ ବିଭିନ୍ନ ସୁଯୋଗର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ।

## ନୀଳାଚଳ ଭୋଇ ବୌଦ୍ଧ ଏୟୁପିଟିଏଫ୍ ସଭାପତି, ଦିଲ୍ଲୀପ ସାହୁ ସମ୍ପାଦକ

**ମନମୁଣ୍ଡା, ୫।୭(ସମିସ):** ବୌଦ୍ଧ ଜିଲ୍ଲା ଏୟୁପିଟିଏଫ ଶାଖାର ସଭାପତି ଭାବେ କଣ୍ଟାମାଳ ବ୍ଲକର ନୀଳାଚଳ ଭୋଇ ମନୋନୀତ ହୋଇଥିବା ବେଳେ ହରଭଙ୍ଗା ବ୍ଲକ ଦିଲ୍ଲୀପ ସାହୁ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଜିଲ୍ଲା ସ୍ତରୀୟ ଗଠିତ ପୂର୍ଣ୍ଣାଙ୍ଗ କମିଟି ରାଜ୍ୟ ସଭାନେତ୍ରୀ ଅନିତା ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ତୋନୋଟି ବ୍ଲକ କର୍ମକର୍ତ୍ତା ଯୋଗ ଦେଇଥିଲେ। ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ ପାଇଁ ସଂଘ ସବୁବେଳେ ଛିଡା ହେବ ବୋଲି କାର୍ଯ୍ୟକର୍ତ୍ତା କହିଛନ୍ତି।





## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ବୌଦ୍ଧ, ୫।୭(ସମିସ):** ବୌଦ୍ଧ ଜିଲ୍ଲା ରକ୍ତଭଣ୍ଡାରରେ ଆଜି ଉପ ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରଣାଳୟର ପଞ୍ଚମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ସମବାୟ ସମିତି ସମୂହଙ୍କ ଉପ ନିବନ୍ଧକ ଫକୀରମୋହନ ବାଘ, ଉପ ସହକାରୀ ନିବନ୍ଧକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସଞ୍ଜୀବ ପଣ୍ଡା ପ୍ରମୁଖ ରକ୍ତଦାନ କରିଥିଲେ। ୧୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବୌଦ୍ଧ ରକ୍ତ ଭଣ୍ଡାର ଡାକ୍ତର ଶୈଳବାଳା ସାହୁ, ଲାବୋରେଟୋରୀ ଟେକ୍ନିସିଆନ୍ ଦିଲ୍ଲୀପ ଭୋଇ, ଦେବଦତ୍ତ କିଶାନ, ପ୍ଲାବିନୀ ଗରଡିଆ, ଡିଏମଏ ରତ୍ନମ୍ବରା ସାହୁ, ଆଟେଣ୍ଡାଣ୍ଟ ସୁରଜ ଶେଖର ଭୋକ୍ତା, ମହେନ୍ଦ୍ର କଲତା ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।



# ପ୍ରକାଶ ପାଇଲା ଚିଠା ଭୋଟର ତାଲିକା

**ବୌଦ୍ଧ, ୫।୭(ସମିସ)**






ଭାରତ ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ସଘନ ପୁନରୀକ୍ଷଣ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ଅନୁସାରେ ଆଜି ବୌଦ୍ଧ ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ – ୮୫-କଣ୍ଟାମାଳ ଓ ୮୬-ବୌଦ୍ଧ ପାଇଁ ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ତାଲିକା ସମସ୍ତ ଭୋଟ ଗ୍ରହଣ କେନ୍ଦ୍ର, ସମ୍ପୃକ୍ତ ବିଏଲଓ, ଇଆରଓ, ଏଇଆରଓଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ନିର୍ବାଚନ ୱେବସାଇଟ୍‌ରେ ସର୍ବସାଧାରଣଙ୍କ ଅବଗତି ପାଇଁ ଉପଲବ୍ଧ କରାଯାଇଛି। ଚିଠା ଭୋଟର ତାଲିକା ଅନୁଯାୟୀ ବୌଦ୍ଧ ଜିଲ୍ଲାରେ ମୋଟ ୩, ୨୩, ୩୯୪ ଜଣ ଭୋଟର ଅନ୍ତର୍ଭୁକ୍ତ ଅଛନ୍ତି। ସେଥିରୁ ୧, ୬୬, ୧୩୫ ଜଣ ପୁରୁଷ, ୧, ୫୭, ୨୪୮ ଜଣ ମହିଳା ଓ ୧୧ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଜିଲ୍ଲାରେ ମୋଟ ୪୬୬ଟି ଭୋଟ ଗ୍ରହଣ କେନ୍ଦ୍ର ରହିଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୁତି ଭୂଷଣ ନାୟକଙ୍କ ଦ୍ୱାରା ଆଜି ଜିଲ୍ଲାପାଳଙ୍କ ସଦ୍ଭାବନା ସଭାଗୃହରେ ଇଆର୍‌ଓ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏବଂ ଉପ ଜିଲ୍ଲାପାଳ ବିନୟ ଭୋଇ, ବିଜେଡି ଦଳ ତରଫରୁ ପୂର୍ବତନ ବିଧାୟକ ପ୍ରଦୀପ ଅମାତ, ବିଜେପି ପକ୍ଷରୁ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର ଓ କଂଗ୍ରେସ ପକ୍ଷରୁ ସୋମରେଶ ମିଶ୍ର ଉପସ୍ଥିତ ଥିଲେ। ଏହାପରେ ସମସ୍ତଙ୍କ ସମ୍ମୁଖରେ ଚିଠା ଭୋଟର ତାଲିକା ପ୍ରକାଶିତ ହୋଇଥିଲା। ଏହି ଚିଠା ଭୋଟର ତାଲିକା ଉପରେ ଆଜିଠୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ ହୋଇନାହିଁ କିମ୍ବା କୌଣସି ତ୍ରୁଟି ରହିଛି ସେମାନେ ନିର୍ଦ୍ଧାରିତ ଫର୍ମରେ ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍‌ଓ), ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) କିମ୍ବା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଇଆରଓ)ଙ୍କ ନିକଟରେ ଆବେଦନ କରିପାରିବେ। ଭୋଟର ତାଲିକାକୁ ତ୍ରୁଟିମୁକ୍ତ କରିବା ଲକ୍ଷ୍ୟରେ ସମସ୍ତ କାର୍ଯ୍ୟ ଯଥା ସମୟରେ ସମ୍ପନ୍ନ କରାଯାଉଛି ବୋଲି ଏହି ଉପଲକ୍ଷେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଏ ନେଇ ବିଶେଷ ସୂଚନା ଦେଇଥିଲେ।

**ବଲାଙ୍ଗିର:** ବଲାଙ୍ଗିର ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ଏହି ଉପଲକ୍ଷେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧକ୍ଷତାରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଇସଲଓ୍ୱାର ଚିଠା ଭୋଟର ତାଲିକାର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଚିଠା ଭୋଟର ତାଲିକା ସମ୍ପର୍କରେ ଦାବି ଓ ଆପତ୍ତି ଆବେଦନ ଅଗଷ୍ଟ ୪ ପର୍ଯ୍ୟନ୍ତ ଗ୍ରହଣ କରାଯିବ। ଆବେଦନଗୁଡ଼ିକ ଉପରେ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ନୋଟିସ୍ ଜାରି ଓ ଶୁଣାଣି ପ୍ରକ୍ରିୟା ଚାଲିବ। ଏହି କାର୍ଯ୍ୟ ପାଇଁ ଜିଲ୍ଲାର ୫ ଜଣ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ୩୪ ଜଣ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଭୋଟରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ମତଦାନ କେନ୍ଦ୍ରଗୁଡ଼ିକର ସଂଗତିକରଣ କରାଯାଇଛି। ଏହାଫଳରେ ମତଦାନ କେନ୍ଦ୍ର ସଂଖ୍ୟା ୧୫୬୧ରୁ ବୃଦ୍ଧି ପାଇ ୧୭୬୦ରେ ପହଞ୍ଚିଛି। ଜିଲ୍ଲାର ପ୍ରାକ୍-ଚିଠା ଭୋଟର ସଂଖ୍ୟା ୧୩, ୪୩, ୮୧୬ ଥିବାବେଳେ ସଂଶୋଧିତ ଚିଠା ତାଲିକାରେ ବିଭିନ୍ନ କାରଣରୁ ଏହା ୧୨, ୪୪, ୫୫୮କୁ ହ୍ରାସ ପାଇଛି। ଏହି କାରଣଗୁଡ଼ିକ ମଧ୍ୟରେ ମୃତ୍ୟୁ, ସ୍ଥାୟୀ ଭାବେ ସ୍ଥାନାନ୍ତର, ପୂର୍ବରୁ ନାମ ପଞ୍ଜୀକୃତ ହୋଇସାରିବା ଓ ଅନ୍ୟାନ୍ୟ କାରଣ ରହିଛି। ତେବେ ନିର୍ବାଚନମଣ୍ଡଳୀ ଅନୁସାରେ ଲୋଇସିଂହାରେ ୨, ୨୩, ୪୪୧, ପାଟଣାଗଡ଼ରେ ୨, ୮୮, ୬୬୫, ବଲାଙ୍ଗିରରେ ୨, ୩୦, ୨୮୩, ଟିଟିଲାଗଡ଼ରେ ୨, ୪୧, ୭୧୮ ଏବଂ କଣ୍ଟାବାଞ୍ଜିରେ ୨, ୬୦, ୪୫୧ ଜଣ ଭୋଟର ଚିଠା ତାଲିକାରେ ସ୍ଥାନ ପାଇଛନ୍ତି। ସମସ୍ତ ଯୋଗ୍ୟ ଭୋଟର, ବିଶେଷକରି ନୂତନ ଯୁବ ଭୋଟରଙ୍କୁ ନିଜ ନାମ ଓ ବିବରଣୀ ଯାଞ୍ଚ କରିବା ସହ କୌଣସି ତ୍ରୁଟି ଥିଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂଶୋଧନ ପାଇଁ ଆବେଦନ କରିବାକୁ ଜିଲ୍ଲା ପ୍ରସାଶନ ପକ୍ଷରୁ ନିବେଦନ କରାଯାଇଛି। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏଥିରେ ଉପସ୍ଥିତ ରହି ନିଜ ମତାମତ ରଖିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ, ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, ନିର୍ବାଚନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

# ଅସମ୍ଭାଳ କଲା ଲଗାଣ ବର୍ଷା

## ଫେରିଗଲା ଆମ୍ବୁଲାନ୍ସ

**ଶଗଡ଼ା/ମନମୁଣ୍ଡା/କଣ୍ଟାମାଳ, ୫।୭(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକରେ ବିକାଶର ବିକଳ ଚିତ୍ର ଦେଖିବାକୁ ମିଳିଛି। ପାଣି ଯୋଗୁଁ ରାସ୍ତାରୁ ଫେରି ଯାଇଛି ଆମ୍ବୁଲାନ୍ସ। ରାସ୍ତା ଉପରେ ୪ଫୁଟରେ ବନ୍ୟା ପାଣି ଯୋଗୁଁ ଆମ୍ବୁଲାନ୍ସ ଅଟକି ରହିଥିଲା। ଶେଷରେ ଗାଡିଟି ଫେରି ଯାଇଥିଲା।



ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ମନ୍ଦପାଲି ପଞ୍ଚାୟତ ଜମଗାଁଜୀ-ଡିଗୀ ମୁହାଣ ନିକଟ ଓ ଜମଗାଁଜୀ-ଡିଗୀ ମୁହାଣ ରାସ୍ତା ଉପରେ ବର୍ଷା ଯୋଗୁଁ ୪ଫୁଟ୍ର ପାଣି ପ୍ରବାହିତ ହେଉଛି। ଏହାଫଳରେ ଉଭୟ ପାର୍ଶ୍ୱରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଗତ ୩ଦିନ ଧରି ଲଗାତାର ବର୍ଷା ହେବା ଫଳରେ ନଦୀନାଳ ଗୁଡିକରେ ବନ୍ୟା ଜଳ ପ୍ରବାହିତ ହେଉଛି। ମୁହାଣ ରାସ୍ତା ଉପରେ ୪ଫୁଟର ବନ୍ୟା ପାଣି ପ୍ରବାହିତ ହେଉଛି। ବନ୍ୟା ପାଣି ଯୋଗୁଁ ଜମଗାଁଜୀରୁ ଡିଗୀକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ପ୍ରବଳ ବର୍ଷା ଜାରି ଥିବା ବେଳେ ସେହି ଅଞ୍ଚଳର ଜଣେ ଗର୍ଭବତୀ ମହିଳାଙ୍କୁ ଜନ୍ମଯନ୍ତ୍ରଣା ହେବା ଫଳରେ ପରିବାର ଲୋକେ ୧୦୨ ଆମ୍ବୁଲାନ୍ସ ଗାଡିକୁ ଫୋନ୍ କରିଥିଲେ। ରାସ୍ତା ଉପରେ ପାଣି ଯୋଗୁଁ ଆମ୍ବୁଲାନ୍ସ ଆଗକୁ ଯାଇ ନ ପାରି ଫେରି ଯାଇଥିଲା। ଏଣୁ ପରିବାର ଲୋକେ ଏକ ଗାଡି ଭଡା କରି ୩୦ କିଲୋମିଟର ବୁଲି ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସୂଚନାଯୋଗ୍ୟ, ଗତ ବର୍ଷ ୯ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ କରାଯାଇଥିଲା; ହେଲେ ଏହି ରାସ୍ତାରେ ଥିବା ଏକ ନାଳ ଉପରେ ଉଚ୍ଚ ପୋଲ ନିର୍ମାଣ କରିବାକୁ ଠିକାଦାର କି ପ୍ରଶାସନ କେହି ବି ଗୁରୁତ୍ୱ ଦେଲେ ନାହିଁ। ଏକ ଉଚ୍ଚ ପୋଲ ନିର୍ମାଣ ନେଇ ଅଞ୍ଚଳବାସୀ ଅନେକ ଥର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏହା ଫଳରେ ଆଜି ଏଭଳି ଅବସ୍ଥା ହୋଇ ଥିବା କହିଛନ୍ତି। ସରକାର ରାସ୍ତା ସହ ପୋଲ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଜିଲ୍ଲାର ଉପାନ୍ତ ଅଞ୍ଚଳ ହୋଇଥିବା ଉକ୍ତ ରାସ୍ତାରେ ଏକ ପୋଲ ନିର୍ମାଣ ନ ହେବା ସରକାରଙ୍କ ବିକାଶର ବାସ୍ତବତାକୁ ଉପହାସ ସଦୃଶ ମନେ ହୁଏ।

## ବଲାଙ୍ଗିର ସହରରେ ଜଳବନ୍ଦୀ ସ୍ଥିତି

**ବଲାଙ୍ଗିର, ୫।୭(ସମିସ):** ବଲାଙ୍ଗିର ଜିଲ୍ଲାରେ ଗତ ୨୪ ଘଣ୍ଟା ଧରି ହୋଇଥିବା ଲଗାଣ ବର୍ଷା ଯୋଗୁଁ ସାଧାରଣ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଛି। ତୁରେକେଲାରେ ସର୍ବାଧିକ ୨୬୪ ମି.ମି. ବର୍ଷା ହୋଇଛି। ଏହା ପରେ ମୁରିବାହାଲରେ ୨୪୯ ମି.ମି. ଏବଂ ଟିଟିଲାଗଡ଼ରେ ୨୦୫.୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ପୁଇଁତଲାରେ ସର୍ବନିମ୍ନ ୮୩ ମି.ମି. ବର୍ଷା ହୋଇଥିଲେ ମଧ୍ୟ ସେଠାରେ ମଧ୍ୟ ଜନଜୀବନ ଉପରେ ବର୍ଷାର ପ୍ରଭାବ ପଡ଼ିଛି। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ରେଡ୍ ୱାର୍ନିଂ ଜାରି ରହିଥିବାରୁ ସ୍ଥିତି ବିଗଡ଼ିବାର ଆଶଙ୍କ ପ୍ରକାଶ ପାଇଛି। ବଲାଙ୍ଗିରରେ ୧୪୦ ମି.ମି., ଖପ୍ରାଖୋଲରେ ୧୭୦ ମି.ମି., ବେଲପଡ଼ାରେ ୧୫୨ ମି.ମି., ବଙ୍ଗୋମୁଣ୍ଡାରେ ୧୪୫ ମି.ମି., ପାଟଣାଗଡ଼ରେ ୧୨୩ ମି.ମି., ସଇଁତଲାରେ ୧୨୦ ମି.ମି., ଦେଓଗାଁରେ ୧୧୩ ମି.ମି., ଆଗଲପୁର ରେ ୯୬ ମି.ମି., ଲୋଇସିଂହାରେ ୮୮ ମି.ମି. ଏବଂ ଗୁଡଭେଲାରେ ୧୯୦.୨ ମି.ମି. ବର୍ଷା ରେକର୍ଡ ହୋଇଛି। ପ୍ରବଳ ବର୍ଷାର ପ୍ରଭାବରେ ବଲାଙ୍ଗିର ସହରର ଅନେକ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଛି। ସହରର ମୁଖ୍ୟ ରାସ୍ତା, ଗଳିକନ୍ଦି, ବଜାର ଅଞ୍ଚଳ ଓ ନିମ୍ନାଞ୍ଚଳରେ ବର୍ଷାଜଳ ଜମି ରହିଥିବାରୁ ଲୋକଙ୍କ ଯାତାୟାତରେ ବ୍ୟାପକ ବାଧା ସୃଷ୍ଟି ହୋଇଛି। ବହୁ ସ୍ଥାନରେ ଘର ଭିତରକୁ ପାଣି ପଶିବା ସହ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଅନେକ ତଳି ଅଞ୍ଚଳର ଲୋକେ ଭୋକରେ ରାତି କଟାଇଛନ୍ତି। ସହରରେ ବର୍ଷା ହେଲେ ପାଣି ନିଷ୍କାସନ ବ୍ୟବସ୍ଥାର ଦୁର୍ବଳତା ପୁଣି ଥରେ ପଦାକୁ ଆସିଛି। ଅନେକ ନାଳ ଦୀର୍ଘଦିନ ଧରି ସଫା ହୋଇ ନ ଥିବାରୁ ବର୍ଷାଜଳ ଶୀଘ୍ର ନିଷ୍କାସିତ ହୋଇପାରୁ ନାହିଁ। ଏହାଫଳରେ ସହରର ବିଭିନ୍ନ ୱାର୍ଡରେ ଘଣ୍ଟା ଘଣ୍ଟା ଧରି ପାଣି ଜମି ରହୁଛି। ସ୍ଥାନୀୟ ଲୋକମାନେ ଦୀର୍ଘଦିନ ଧରି ଡ୍ରେନେଜ୍ ବ୍ୟବସ୍ଥାର ସ୍ଥାୟୀ ସମାଧାନ ଦାବି କରୁଥିଲେ ମଧ୍ୟ ସେଥିରେ ଆଶାନୁରୂପ ଅଗ୍ରଗତି ହୋଇ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳରେ ମଧ୍ୟ ବର୍ଷାର ପ୍ରଭାବ ସ୍ପଷ୍ଟ ଭାବେ ଦେଖାଦେଇଛି। ଅନେକ କଚ୍ଚା ରାସ୍ତା କାଦୁଅରେ ପରିଣତ ହୋଇଥିବାରୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। କିଛି ସ୍ଥାନରେ ଛୋଟ ପୋଲ ଓ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତରେ ସତର୍କତା ଅବଲମ୍ବନ କରାଯାଉଛି। କୃଷି କ୍ଷେତ୍ରରେ ଏହି ବର୍ଷା ଦୁଇ ପ୍ରକାର ପ୍ରଭାବ ପକାଇପାରେ ବୋଲି କୃଷି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଧାନ ଚାଷ ପାଇଁ ବର୍ଷା ଲାଭଦାୟକ ହୋଇଥିଲେ ମଧ୍ୟ ଅତ୍ୟଧିକ ବର୍ଷା ଯୋଗୁଁ ଜମିରେ ପାଣି ଜମି ରହିଲେ ଫସଲ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ତଳିଆ ଜମିରେ ଚାଷ କରିଥିବା କୃଷକମାନେ ବିଶେଷ ଭାବେ ଚିନ୍ତିତ ଅଛନ୍ତି। ଏପରି ପରିସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବର୍ଷା ପରିସ୍ଥିତି ଉପରେ ନଜର ରଖାଯାଉଥିବା ସହ ସମସ୍ତ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳବନ୍ଦୀ ଅଞ୍ଚଳରେ ଆବଶ୍ୟକ ପଦକ୍ଷେପ ନେବା, ନାଳ ସଫେଇ ଏବଂ ଜରୁରୀ ସେବାକୁ ସଚଳ ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ଷା ପରିମାଣ ବୃଦ୍ଧି ହେବାର ଆଶଙ୍କ ରହିଥିବା ବେଳେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ମଧ୍ୟ ଆଶଙ୍କ ରହିଛି। ଯଦି ବର୍ଷା ଆହୁରି ଜାରି ରହେ ବଲାଙ୍ଗିର ସହର ସମେତ ଜିଲ୍ଲାର ଅନେକ ଅଞ୍ଚଳରେ ସ୍ଥିତି ଆହୁରି ଜଟିଳ ହୋଇପାରେ।



## ରାସ୍ତା ଉପରେ ଚାଲିଲା ପାଣି



**ବୌଦ୍ଧ, ୫।୭(ସମିସ):** ବୌଦ୍ଧ ଜିଲ୍ଲାରେ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଶନିବାର ସନ୍ଧ୍ୟାରୁ ରବିବାର ଯାଏଁ ପ୍ରବଳ ବର୍ଷା ହେବା ସହ ବିଭିନ୍ନ ନଦୀ ଓ ନାଳର ଜଳସ୍ତର ବଢ଼ିବାରେ ଲାଗିଛି। ବିଶେଷକରି ବୌଦ୍ଧ ବ୍ଲକର ବଘିଆପଡ଼ା ଅଞ୍ଚଳରେ ପ୍ରବାହିତ ସାଲୁଙ୍କି ନଦୀରେ ବନ୍ୟା ଆସିଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଏହା ଫଳରେ ସ୍ଥାନୀୟ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଜୁଲାଇ ୫ ତାରିଖ ସକାଳ ସୁଦ୍ଧା ବୌଦ୍ଧ ବ୍ଲକରେ ୧୧୬ ମି.ମି., କଣ୍ଟାମାଳ ବ୍ଲକରେ ୧୦୬ ମି.ମି. ଏବଂ ହରଭଙ୍ଗା ବ୍ଲକରେ ସର୍ବାଧିକ ୧୩୫ ମି.ମି. ବର୍ଷା ରେକର୍ଡ କରାଯାଇଛି। ଜିଲ୍ଲାର ମୋଟ ବର୍ଷା ପରିମାଣ ୩୫୭ ମି.ମି. ଥିବାବେଳେ ହାରାହାରି ବର୍ଷା ୧୧୯ ମି.ମି. ରହିଛି। ପ୍ରବଳ ବର୍ଷା ଫଳରେ ତଳିଆ ଅଞ୍ଚଳରେ ଜଳମଗ୍ନ ପରିସ୍ଥିତି ସୃଷ୍ଟି ହୋଇଛି। ରବିବାର କନ୍ଧମାଳ ଜିଲ୍ଲାର ଉପରମୁଣ୍ଡରୁ ଆସୁଥିବା ପାଣି ଯୋଗୁଁ ବଘିଆପଡ଼ା ଦେଇ ପ୍ରବାହିତ ସାଲୁଙ୍କି ନଦୀରେ ହଠାତ୍ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ଫଳରେ ବଘିଆପଡ଼ା ସାପ୍ତାହିକ ହାଟ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିଲା। ବଘିଆପଡ଼ାରୁ ବିରିଗଡ଼ ଓ ଟିକରପଡ଼ାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି। ଗତ ଏକ ସପ୍ତାହ ଧରି ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ଉପରମୁଣ୍ଡ ଅଞ୍ଚଳରେ ଲଗାତାର ବର୍ଷା ହେଉଥିବାରୁ ସାଲୁଙ୍କି ନଦୀର ଜଳସ୍ତର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏହାର ପ୍ରଭାବରେ ନଦୀକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ସ୍ଥିତି ସୃଷ୍ଟି ହେବା ସହ ସାଧାରଣ ଜନଜୀବନ ଓ ଯାତାୟାତ ବନ୍ଦ ହୋଇପଡ଼ିଛି।

## କଣ୍ଟାବାଞ୍ଜି ଅଞ୍ଚଳରେ ପରିସ୍ଥିତି ବେହାଲ

**କଣ୍ଟାବାଞ୍ଜି, ୫।୭ (ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ଅଞ୍ଚଳରେ ଜିଲ୍ଲାର ସର୍ବାଧିକ ୨୬୪ ମି.ମି ବର୍ଷା ହୋଇଥିବା ବର୍ଷା ମାପନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। କଣ୍ଟାବାଞ୍ଜି ଅଞ୍ଚଳରେ ଶନିବାର ରାତିରୁ ଲଗାଣ ବର୍ଷା ହେଉଥିବା ବେଳେ ବର୍ଷା ଜଳରେ ଉବୁଟୁବୁ ହୋଇଛି ସାରା ଅଞ୍ଚଳ। ଜଳ ନିଷ୍କାସନରେ ଅସୁବିଧା ହେଉଥିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ଅଞ୍ଚଳବାସୀ। କଣ୍ଟାବାଞ୍ଜି ଥାନା ଭିତରେ ଥିବା ପୁଲିସ କୋଲନୀରେ କର୍ମଚାରୀଙ୍କ ପରିବାର ବହୁତ ଅସୁବିଧାରେ ଥିବା ଦେଖିବାକୁ ମିଳିଛି। ଅନେକ ଲୋକଙ୍କ ଛାତ୍ ଉପରୁ ପାଣି ଝରୁଥିବା ଦେଖିବାକୁ ମିଳିଛି। ସେହିପରି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ, ଏଏସ୍ଆଇ ଲକ୍ଷ୍ମୀ ନାରାୟଣ ସ୍ୱାଇଁ ରହୁଥିବା କ୍ୱାର୍ଟର ଭିତରକୁ ପାଣି ପଶିଯିବା ଫଳରେ ସେମାନେ ମଧ୍ୟ ଅନେକ ଅସୁବିଧା ଦେଖି ସମ୍ମୁଖୀନ ହେଉଛନ୍ତି। କ୍ୱାର୍ଟର ସମ୍ମୁଖରେ ଥିବା କାର୍ ମଧ୍ୟ ପାଣିରେ ବୁଡିଥିବା ବେଳେ ଏନେଇ କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ମେସିନ୍ ଜରିଆରେ ସେମାନେ ବନ୍ୟା ଜଳ ନିଷ୍କାସନ କରିଥିଲେ। କଣ୍ଟାବାଞ୍ଜି ଗୋରୁ ବଜାର ନିକଟରେ ଏକ ବିଶାଳ ଗଛ ପଡ଼ିଯିବା ଫଳରେ ଦିର୍ଘ ସମୟ ଧରି ଯାତାୟାତ ଠପ୍ ରହିବା ପରେ ଅଗ୍ନିଶମ ବାହିନୀ ଗଛ କାଟି ଯାତାୟାତ ସ୍ୱାଭାବିକ କରିଥିଲେ। କଣ୍ଟାବାଞ୍ଜି ଏନଏସି ଛକ ଓ ସମ୍ବିଧାନ ଛକ ନିକଟରେ ଥିବା ରେଳ ବିଭାଗର ଭୂତଳ ପୋଲରେ ମଧ୍ୟ ଆଣ୍ଠୁଏ ଉପରେ ପାଣି ଥିବାରୁ ଯାତାୟାତ କରୁଥିବା ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ତୁରେକେଲା ବ୍ଲକ ହଲନଭଟା ପଞ୍ଚାୟତ ଗୁରଜିଭଟା ଗାଁରେ କ୍ଷୁଦ୍ର ଜଳ ପ୍ରକଳ୍ପରେ ବନ୍ୟା ଜଳ ନିଷ୍କାସନ ହୋଇ ନ ଥିବା ବେଳେ ଆଡି ବନ୍ଧ ଭାଙ୍ଗି ଯିବାରୁ ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇପଡ଼ିଛି। ରାମୁଡ ଛକରୁ ରାଉତମୁଣ୍ଡା ଗାଁକୁ ସଂଯୋଗ କରୁଥିବା ସଡ଼କରେ ଏକ ପୋଲ ଥିବା ବେଳେ ସେହି ପୋଲ ଭୁଶୁଡ଼ି ଯିବାରୁ ଯାତାୟାତ ଠପ୍ ରହିଛି। ସେହିପରି ଗଇଦିପାଲ ଗାଁରେ ବର୍ଷା ଜଳ ଗାଁ ରେ ଥିବା ଚାଷ ଜଳି ଉପରୁ ବାହାରି ଲୋକଙ୍କ ଘର ଭିତରକୁ ପସୁଥିବା ଦେଖିବାକୁ ମିଳିଛି; ଯାହା ପାଇଁ ଅନେକ ପରିବାର ବହୁ କଷ୍ଟରେ ଥିବା ଦେଖିବାକୁ ମିଳିଛି। ତୁରେକେଲା ବ୍ଲକର ଚଟୁଅନକା, ବେହେରେନସିଲେଟ, କୁର୍ଲି ଭଳି ଅନେକ ଗାଁରେ ବିଦ୍ୟୁତ୍ ସେବା ବନ୍ଦ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।



## ମେହେରୁଣି ନାଳରେ ୩ ଫୁଟର ବନ୍ୟାଜଳ



**ଶଗଡ଼ା, ୫।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଦପଲା ପଞ୍ଚାୟତର ଟୁନିମୁଣ୍ଡା ନିକଟରେ ରାସ୍ତା ଉପରେ ୩ ଫୁଟ ଉଚ୍ଚରେ ପାଣି ଚାଲିଛି। ମେହେରୁଣି ନାଳର ବନ୍ୟା ଜଳ ପ୍ରବାହିତ ହେଉଛି। ଏହାଫଳରେ ଦପଲାଠାରୁ ପଳସାଗୋରା ପର୍ଯ୍ୟନ୍ତ ଯାତାୟାତ ବିଚ୍ଛିନ୍ନ ହୋଇଯାଇଛି। ଗତ ୪ଦିନ ହେବ ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁଁ ଆଜି ସକାଳୁ ଏହି ନାଳ ଉପରେ ବର୍ଷା ଜଳ କ୍ରମଶଃ ବଢ଼ିବାରେ ଲାଗିଛି। ଏହି ରାସ୍ତା ଦେଇ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି। ଉଭୟ ପାର୍ଶ୍ୱରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ବର୍ଷ ଲୋକଙ୍କୁ ବର୍ଷା ଦିନେ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡେ ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ନାଳ ଉପରେ ଏକ ଉଚ୍ଚ ସେତୁ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ବହୁ ଦିନରୁ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ତାକୁ ଅଣଦେଖା କରୁଥିବା ଗ୍ରାମବାସୀ କହିଛନ୍ତି। ଲୋକଙ୍କ ସୁବିଧା ଦୃଷ୍ଟିରୁ ଏହି ସ୍ଥାନରେ ଏକ ସୁଉଚ୍ଚ ସେତୁ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଭାସି ଯାଉଥିବା ଦୁଇ ମହିଳା ଉଦ୍ଧାର

**ବୌଦ୍ଧ/ଜହ୍ନାପଙ୍କ, ୫।୭(ସମିସ):** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ପାଲଝାର୍ ନିକଟ ସାଲୁଙ୍କି ନଦୀକୁ କାଠ ସଂଗ୍ରହ ପାଇଁ ଯାଇ ଭାସି ଯାଉଥିବା ଦୁଇ ମହିଳାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ସାଲୁଙ୍କିରେ ବନ୍ୟା ଜଳ ଆସିଥିବା ବେଳେ ବନ୍ୟା ପାଣିରେ ଅନେକ ଗଛ ଡାଳ ଓ ଶୁଖିଲା କାଠ ଭାସି ଆସୁଥିଲା। ଏହି କାଠକୁ ନଦୀରୁ ସଂଗ୍ରହ କରିବାକୁ ଯାଇ ଲକ୍ଷ୍ମୀପଦର ଗ୍ରାମର ଯଶୋବନ୍ତୀ ନାଏକ ଓ ତାଙ୍କ ଘରକୁ ଆସିଥିବା ବାଉଁଶୁଣୀ ଥାନା ଗୋଛାପଡ଼ା ଗ୍ରାମର କୁମାରୀ ମାଝୀ ବନ୍ୟା ପାଣିରେ ଭାସି ଯାଇଥିଲେ। ଖବରପାଇ ବୌଦ୍ଧ ଅଗ୍ନିଶମ ବାହିନୀ ପହଞ୍ଚି ଉଭୟ ମହିଳାଙ୍କୁ ଉଦ୍ଧାର କରିଛନ୍ତି।



## ଭାଙ୍ଗିଲା କାନ୍ଥ; ବର୍ତ୍ତିଗଲା ପରିବାର

**ବୌଦ୍ଧ, ୫।୭(ସମିସ):** ବୌଦ୍ଧରେ ବର୍ଷା ଲାଗି ରହିଛି। ଏହା ପ୍ରଭାବରେ ବୌଦ୍ଧ ସହର ବାପୁଜୀନଗର ବାସିନ୍ଦା ଧ୍ରୁବ ଜେନାଙ୍କ ଘରକାନ୍ଥ ଭୁଶୁଡି ପଡ଼ିଛି। ଏହି ସମୟରେ ପରିବାରର ୭ ଜଣ ସଦସ୍ୟ ଘର ଭିତରେ ଥିଲେ। ସେମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



## ଦୁଃଖ ଦେଲା ରେଳବାଇ ଭୂ-ତଳ ପୋଲ

**ବଲାଙ୍ଗିର/କଣ୍ଟାବାଞ୍ଜି, ୫।୭ (ସମିସ):** ରେଳ ଦୁର୍ଘଟଣା ରୋକିବା ଏବଂ ରେଳ ଚଳାଚଳକୁ ଅଧିକ ସୁରକ୍ଷିତ ଓ ଦ୍ରୁତ କରିବା ଲକ୍ଷ୍ୟରେ ଭାରତୀୟ ରେଳବାଇ ପକ୍ଷରୁ ଦେଶବ୍ୟାପୀ ଜଗୁଆଳି ବିଶିଷ୍ଟ ଏବଂ ମାନବବିହୀନ ଲେବୁଲ କ୍ରସିଂଗୁଡ଼ିକୁ ପର୍ଯ୍ୟାୟକ୍ରମେ ବନ୍ଦ କରାଯାଉଛି। ଏହାର ବିକଳ୍ପ ଭାବେ ଅଣ୍ଡରପାସ୍ ଓ ଓଭରବ୍ରିଜ୍ ନିର୍ମାଣ କରାଯାଉଛି। ବିଶେଷ କରି ଅଣ୍ଡରପାସ ବା ଭୂ-ତଳ ପୋଲ ନିର୍ମାଣକୁ ରେଳବାଇ ଗୁରୁତ୍ୱ ଦେଉଛି। ଏହା ନିର୍ମାଣ ସରିବ ପରେ ସେହି ରାସ୍ତାକୁ ବନ୍ଦ କରିଦେଉଛି। ସମ୍ବଲପୁର ରେଳ ମଣ୍ଡଳ ଅଧୀନ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ଏଭଳି ଭୂତଳ ପୋଲ ନିର୍ମାଣ କରାଯାଇଛି; କିନ୍ତୁ ବର୍ଷା ଋତୁରେ ଏହି ଅଣ୍ଡରପାସ୍ଗୁଡ଼ିକରେ ପାଣି ଜମି ରହୁଛି। ଏଣୁ ସାଧାରଣ ଲୋକଙ୍କ ଯାତାୟାତରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ଲଗାଣ ବର୍ଷାରେ ବଲାଙ୍ଗିର ସହର ସହ କଣ୍ଟାବାଞ୍ଜି, ଲାଠୋର ସମେତ ବିଭିନ୍ନ ସ୍ଥାନରେ ଥିବା ଅଣ୍ଡରପାସ୍ ଗୁଡିକରେ ଏହି ସମସ୍ୟା ଦେଖା ଦେଇଛି। ଏହା ଲୋକଙ୍କ ପାଇଁ ଏବେ ଦୁଃଖର କାରଣ ପାଲିଟିଛି। ସମ୍ବଲପୁର ରେଳ ମଣ୍ଡଳ ଅଧୀନରେ ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ସହର ଉପକଣ୍ଠ, ଲୋଇସିଂହା, ଖଲିଆପାଲି, ଦେଓଗାଁ, ସଇଁତଲା, ଟିଟିଲାଗଡ଼, କଣ୍ଟାବାଞ୍ଜି, ଲାଠୋର, ହରିଶଙ୍କର ରୋଡ ଷ୍ଟେସନ ଦେଇ ରେଳ ଲାଇନ ସଂଲଗ୍ନ ରହିଛି। ଏହି ଜିଲ୍ଲା ଦେଇ ଉଭୟ ରାୟପୁର ଓ କୋରାପୁଟକୁ ରେଳ ସଂଯୋଗ ରହିଛି। ତେବେ ଏହି ରେଳ ଲାଇନରେ ପଡୁଥିବା ଗାଁ ଗୁଡିକରେ ଥିବା ରେଳ କ୍ରସିଂରେ ଲେବୁଲ କ୍ରସିଂ ବନ୍ଦ କରି ଭୂତଳ ପୋଲ ନିର୍ମାଣ କରାଯାଇଛି। ଅନେକ ସ୍ଥାନରେ ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ଏହି ପୋଲଗୁଡ଼ିକ ସ୍ଥାନୀୟ ଲୋକଙ୍କ ପାଇଁ ଏକମାତ୍ର ଯାତାୟାତ ମାର୍ଗ ଭାବେ ବ୍ୟବହୃତ ହେଉଛି। ଲେବଲ କ୍ରସିଂକୁ ଉଠାଇବା ପରେ ସେହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାରୁ ଭୂତଳ ପୋଲ ଉପରେ ହିଁ ଲୋକେ ନିର୍ଭର କରିଛନ୍ତି। ତେବେ ପ୍ରତିବର୍ଷ ବର୍ଷା ହେବା ମାତ୍ରେ ଏହି ଭୂତଳ ପୋଲଗୁଡ଼ିକରେ ପାଣି ଜମି ରହିବା ଏକ ସାଧାରଣ ଦୃଶ୍ୟ ପାଲଟିଛି। ବର୍ଷା ପାଣି ନିଷ୍କାସନ ପାଇଁ ଯଥେଷ୍ଟ ବ୍ୟବସ୍ଥା ନ ଥିବା, ଡ୍ରେନେଜ୍ ବ୍ୟବସ୍ଥା ଅପର୍ଯ୍ୟାପ୍ତ ହେବା ଏବଂ ପମ୍ପିଂ ସିଷ୍ଟମ୍ ସବୁବେଳେ କାର୍ଯ୍ୟକ୍ଷମ ନ ରହିବା ଯୋଗୁଁ ଘଣ୍ଟା ଘଣ୍ଟା ଧରି ପାଣି ଜମି ରହୁଛି। କେତେକ ସମୟରେ ପାଣିର ଗଭୀରତା ଏତେ ବଢ଼ିଯାଉଛି ଯେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ଗତ ଦୁଇ ତିନି ଦିନ ହେଲା ବଲାଙ୍ଗିରରେ ହେଉଥିବା ଲଗାଣ ବର୍ଷାରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଛି। ବଲାଙ୍ଗିର ସହରରୁ ତୁଷୁରାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଦମପଡ଼ା ଭୂତଳ ପୋଲରେ ପାଣି ଜମି ରହିଥିବାରୁ ଲୋକେ ହଇରାଣ ହେଉଥିବା ଦେଖିବାକୁ ମିଳିଥିଲା। ସେହିପରି ଲାଠୋର ନିକଟସ୍ଥ କରୁଆଝରଠାରେ ଥିବା ଭୂତଳ ପୋଲ ପାଣିରେ ଭର୍ତ୍ତି ରହିଥିବା ଦେଖିବାକୁ ମିଳିଛି। ଏହାଫଳରେ ଲୋକେ ଯିବା ଆସିବାରେ ଅନେକ ସମସ୍ୟା ଭୋଗୁଥିବା ଦେଖିବାକୁ ମିଳିଥିଲା। ସେହିପରି କଣ୍ଟାବାଞ୍ଜି ସହରରେ ମଧ୍ୟ ଭୂତଳ ପୋଲରେ ପାଣି ଜମିଥିବା ଦୃଶ୍ୟ ସାମ୍ନାକୁ ଆସିଥଲା। ଝଳିଆଲିଟି ଗାଁ ନିକଟରେ ଥିବା ପୋଲରେ ଜମିଥିବା ପାଣିରେ ଏକ କାର ଫସିଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଏହି ସମସ୍ୟାର ସବୁଠାରୁ ବଡ଼ ପ୍ରଭାବ ସ୍କୁଲ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଏବଂ ଦୈନିକ କାର୍ଯ୍ୟରେ ଯାଉଥିବା ଲୋକଙ୍କ ଉପରେ ପଡୁଛି। ଜରୁରୀ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯାତାୟାତରେ ମଧ୍ୟ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଅନେକ ଥର ଲୋକେ ବିପଦକୁ ଖାତିର ନ କରି ପାଣି ଭିତରେ ଗାଡ଼ି ନେବାକୁ ଚେଷ୍ଟା କରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗାଡ଼ି ବନ୍ଦ ହୋଇଯିବା, ଇଞ୍ଜିନ କ୍ଷତିଗ୍ରସ୍ତ ହେବା ଏବଂ ମରାମତିରେ ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଅଣ୍ଡରପାସ୍ ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇ ନ ଥିଲା। କେତେକ ସ୍ଥାନରେ ପମ୍ପ ଲଗାଯାଇଥିଲେ ମଧ୍ୟ ତାହାର ନିୟମିତ ରକ୍ଷଣାବେକ୍ଷଣ ନ ହେବାରୁ ବର୍ଷା ସମୟରେ ସେଗୁଡ଼ିକ ଅକାମୀ ହୋଇପଡୁଛି। ଫଳରେ ଲୋକଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି କିମ୍ବା ବିକଳ୍ପ ରାସ୍ତାରେ ଅଧିକ ଦୂରତା ଅତିକ୍ରମ କରି ଗନ୍ତବ୍ୟ ସ୍ଥାନକୁ ଯିବାକୁ ବାଧ୍ୟ ହେଉଛନ୍ତି। ବିଶେଷଜ୍ଞଙ୍କ ମତରେ ଯେଉଁ ଅଞ୍ଚଳରେ ବର୍ଷା ଜଳ ଜମିବାର ସମ୍ଭାବନା ଅଧିକ, ସେଠାରେ ଅଣ୍ଡରପାସ୍ ନିର୍ମାଣ ସହ ଉନ୍ନତ ଡ୍ରେନେଜ୍ ବ୍ୟବସ୍ଥା, ଉଚ୍ଚ କ୍ଷମତାସମ୍ପନ୍ନ ପମ୍ପ ହାଉସ୍, ବିଦ୍ୟୁତର ବିକଳ୍ପ ବ୍ୟବସ୍ଥା ଏବଂ ନିୟମିତ ରକ୍ଷଣାବେକ୍ଷଣକୁ ବାଧ୍ୟତାମୂଳକ କରାଯିବା ଉଚିତ। ନଚେତ୍ ଯେଉଁ ଉଦ୍ଦେଶ୍ୟରେ ଏହି ପୋଲ ନିର୍ମାଣ କରାଯାଇଛି ତାହା ସଫଳ ହୋଇପାରିବ ନାହିଁ। ଅର୍ଥ ବ୍ୟୟ ଦୃଷ୍ଟିରୁ ଦେଖିଲେ ଏକ ସାଧାରଣ ରୋଡ୍ ଅଣ୍ଡର ବ୍ରିଜ୍ ନିର୍ମାଣ ପାଇଁ ପ୍ରାୟ ୨ କୋଟିରୁ ୮ କୋଟି ଟଙ୍କା ପର୍ଯ୍ୟନ୍ତ ବ୍ୟୟ ହୋଇପାରେ। ଏହାର ଆକାର, ସଡ଼କର ପ୍ରସ୍ଥ, ମାଟିର ପ୍ରକୃତି, ଡ୍ରେନେଜ୍ ବ୍ୟବସ୍ଥା, ରେଳ ଲାଇନ ସଂଖ୍ୟା ଓ ଅନ୍ୟାନ୍ୟ ବୈଷୟିକ ଦିଗ ଅନୁଯାୟୀ ଏହି ବ୍ୟୟ ବଢ଼ି ୧୦ କୋଟି ଟଙ୍କାରୁ ଅଧିକ ମଧ୍ୟ ହୋଇପାରେ। ଏତେ ବିପୁଳ ଅର୍ଥ ବ୍ୟୟ ପରେ ମଧ୍ୟ ଯଦି ବର୍ଷା ସମୟରେ ଲୋକେ ଏହି ପୋଲ ବ୍ୟବହାର କରିପାରୁନାହାନ୍ତି ତେବେ ପ୍ରକଳ୍ପର ଉପଯୋଗିତା ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନଗୁଡ଼ିକ ରେଳ ବିଭାଗ ଏବଂ ସମ୍ପୃକ୍ତ ପ୍ରଶାସନଙ୍କୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପ୍ରତ୍ୟେକ ଅଣ୍ଡରପାସ୍ର ନିୟମିତ ସମୀକ୍ଷା, ଡ୍ରେନ ସଫେଇ, ପମ୍ପର ରକ୍ଷଣାବେକ୍ଷଣ ଓ ବର୍ଷା ପୂର୍ବରୁ ପ୍ରସ୍ତୁତି କାର୍ଯ୍ୟ ସମୟମଧ୍ୟରେ ସମ୍ପନ୍ନ କରାଗଲେ ଏହି ସମସ୍ୟା ବହୁ ପରିମାଣରେ କମିପାରିବ। ରେଳ ସୁରକ୍ଷା ଦୃଷ୍ଟିରୁ ଲେବୁଲ କ୍ରସିଂ ବନ୍ଦ କରିବା ଏକ ପ୍ରଶଂସନୀୟ ପଦକ୍ଷେପ; କିନ୍ତୁ ବିକଳ୍ପ ଭାବେ ନିର୍ମିତ ଭୂତଳ ପୋଲଗୁଡ଼ିକ ବର୍ଷସାରା ସୁରକ୍ଷିତ ଓ ବ୍ୟବହାରଯୋଗ୍ୟ ରହିବା ମଧ୍ୟ ସେତିକି ଜରୁରୀ। ନଚେତ୍ ସରକାରୀ ଅର୍ଥ ବ୍ୟୟ ସତ୍ତ୍ୱେ ସାଧାରଣ ଲୋକଙ୍କ ଦୁର୍ଭାଗ୍ୟ କମିବା ପରିବର୍ତ୍ତେ ବଢ଼ିବାର ଆଶଙ୍କା ରହିଛି।





## ବୌଦ୍ଧ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି

**ବୌଦ୍ଧ, ୫।୭(ସମିସ):** ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ବୌଦ୍ଧ ଜିଲ୍ଲା ପାଇଁ ଆସନ୍ତା ଦୁଇ ଦିନ ପ୍ରବଳ ବର୍ଷା ସମ୍ଭାବନା ଦର୍ଶାଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଆଜି ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଏକ ଜରୁରୀକାଳୀନ ଆଭାସୀ ବୈଠକ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ବୈଠକରେ ଜିଲ୍ଲାପାଳ ସମସ୍ତ ବିଭାଗକୁ ସତର୍କତା ଅବଲମ୍ବନ କରିବା ସହ ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି ନଡ଼ାଛପର ଓ ଦୁର୍ବଳ କଚ୍ଚାଘରେ ବସବାସ କରୁଥିବା ଲୋକଙ୍କୁ ପୂର୍ବରୁ ସୁରକ୍ଷିତ ସ୍ଥାନ ଯଥା ବିଦ୍ୟାଳୟ, ସରକାରୀ କୋଠା କିମ୍ବା ଅନ୍ୟାନ୍ୟ ପକ୍କା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ସହ ସେମାନଙ୍କୁ ଆବଶ୍ୟକ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ କହିଥିଲେ। ଜନସାଧାରଣଙ୍କ ଜୀବନ ଓ ସମ୍ପତିର ସୁରକ୍ଷା ପାଇଁ ବିଡିଓ ଓ ତହସିଲଦାରମାନଙ୍କୁ ପ୍ରସ୍ତୁତି ସହ କ୍ଷେତ୍ରସ୍ତରରେ ନିରନ୍ତର ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ଉପରେ ବର୍ଷାଜଳ ଜମି ଯାତାୟାତରେ ବାଧା ସୃଷ୍ଟି ନ କରିବା ପାଇଁ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ଏବଂ ଜଳସମ୍ପଦ ବିଭାଗକୁ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ କହିଥିଲେ। ବର୍ଷା ଋତୁରେ ସାପ କାମୁଡ଼ା ଘଟଣା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ସମସ୍ତ ସରକାରୀ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣରେ ଆଣ୍ଟିଭେନମ୍ ଇଞ୍ଜେକ୍ସନ୍, ଓଆରଏସ୍, କ୍ଲୋରିନ୍ ଟାବଲେଟ୍, ଆବଶ୍ୟକ ଔଷଧ ଏବଂ ସ୍ୱଚ୍ଛତା ସାମଗ୍ରୀ ମହଜୁଦ ରଖିବାକୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରାଣୀସମ୍ପଦ ବିଭାଗକୁ ପଶୁପକ୍ଷୀଙ୍କ ସୁରକ୍ଷା ଓ ଯତ୍ନ ନେବା ସହ କୌଣସି ପଶୁର ଜୀବନ ହାନି ଘଟିଲେ ତୁରନ୍ତ ରିପୋର୍ଟ କରିବାକୁ କୁହାଯାଇଥିଲା। ସେହିପରି ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟରେ ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା, ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ସ୍ତରରେ ଆଲର୍ଟ ଗ୍ରୁପ୍ ଗଠନ କରି ନିୟମିତ ଭାବେ ସ୍ଥିତି ପର୍ଯ୍ୟବେକ୍ଷଣ କରିବା ଏବଂ ଜନପ୍ରତିନିଧିମାନଙ୍କ ସହଯୋଗ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଓଡ୍ରାଫ୍, ଅଗ୍ନିଶମ ବାହିନୀ ଏବଂ ବିଦ୍ୟୁତ ବିଭାଗ ସମ୍ପୂର୍ଣ୍ଣ ସତର୍କ ରହିବାକୁ କହିବା ସହ କେଉଁଠି ରାସ୍ତା କିମ୍ବା ଘର ଉପରେ ଗଛ ପଡ଼ିଲେ ତାହାକୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କ୍ଷତିଗ୍ରସ୍ତ ପରିବାରଙ୍କୁ ଆବଶ୍ୟକ ଅନୁଯାୟୀ ପଲିଥିନ୍ ଯୋଗାଇ ଦେବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ପଲିଥିନ ମହଜୁଦ ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

**ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬**

# ନୂଆପଡ଼ା ଜିଲ୍ଲାର ଭୋଟର ତାଲିକା ପ୍ରକାଶ

**ନୂଆପଡ଼ା/ ସିନାପାଲି, ୫ ।୭ (ସମିସ)**



ଭାରତର ଗଣତାନ୍ତ୍ରିକ ପର୍ବ କୁହାଯାଉଥିବା ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା, ନିର୍ଭୁଲତା ଏବଂ ବିଶ୍ୱସନୀୟତା ବଜାୟ ରଖିବା ଉଦ୍ଦେଶ୍ୟରେ ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ଅଧୀନ ଆଜି ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ବୈଠକରେ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଚିଠା ଭୋଟର ତାଲିକା ଅନୁଯାୟୀ, ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀରେ ପୂର୍ବରୁ ମୋଟ ୫, ୦୫, ୨୭୬ ଜଣ ମତଦାତା ଥିବାବେଳେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ୧୬, ୮୨୯ ଜଣଙ୍କ ନାମ ବିଲୋପ କରାଯାଇଛି। ଫଳରେ ଚିଠା ଭୋଟର ତାଲିକାରେ ମୋଟ ୪, ୮୮, ୪୪୭ ଜଣ ମତଦାତାଙ୍କୁ ସାମିଲ କରାଯାଇଛି। ସଂଶୋଧନ ପ୍ରକ୍ରିୟାରେ ୭, ୦୨୧ ଜଣ ମୃତ ମତଦାତା, ୬, ୯୮୪ ଜଣ ସ୍ଥାୟୀ ଭାବେ ସ୍ଥାନାନ୍ତରିତ ମତଦାତା, ୧, ୮୦୦ ଜଣ ଅନୁପସ୍ଥିତ ମତଦାତା, ୯୩୮ ଜଣ ଡୁପ୍ଲିକେଟ୍ ବା ପ୍ରତିରୂପ ନାମ ଥିବା ମତଦାତା ଏବଂ ୮୬ଟି ଅନ୍ୟାନ୍ୟ ମାମଲା ଚିହ୍ନଟ କରାଯାଇଥିବା ଜିଲ୍ଲାପାଳ ଶ୍ରୀ ଦାଶ ସୂଚନା ଦେଇଥିଲେ। ଚିଠା ଭୋଟର ତାଲିକା ପ୍ରକାଶ ପରେ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଗ୍ରହଣ କରାଯିବ। ଏହି ସମୟ ମଧ୍ୟରେ ଯେଉଁମାନଙ୍କ ନାମ ବାଦ ପଡ଼ିଛି କିମ୍ବା ନୂତନ ଭାବେ ଭୋଟର ତାଲିକାରେ ସାମିଲ ହେବା, ତଥ୍ୟ ସଂଶୋଧନ, ନାମ ବିଲୋପ କିମ୍ବା ସ୍ଥାନାନ୍ତରଣ ସମ୍ବନ୍ଧୀୟ ଆବେଦନ ଦାଖଲ କରିବାକୁ ଚାହୁଁଛନ୍ତି, ସେମାନେ ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ କିମ୍ବା ନିର୍ବାଚନ କାର୍ଯ୍ୟାଳୟରେ ଦାବି ଓ ଆପତ୍ତି ଦାଖଲ କରିପାରିବେ। ପ୍ରାପ୍ତ ଦାବି ଓ ଆପତ୍ତିର ଫଇସଲାପରେ ଆସନ୍ତା ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

## ଧର୍ମଗଡ଼ରେ ୧୫, ୫୮୨ ଜଣଙ୍କ ନାମ ବାଦ ପାଇଁ ଚିହ୍ନଟ

**ଧର୍ମଗଡ଼ :** ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ ପରିପ୍ରେକ୍ଷୀରେ ୭୯-ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ଖସଡ଼ା ଭୋଟର ତାଲିକା ରବିବାର ପ୍ରକାଶ କରାଯାଇଛି। ଧର୍ମଗଡ଼ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ ପ୍ରେକ୍ଷା ଅଗ୍ରୱାଲ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଏହି ଖସଡ଼ା ଭୋଟର ତାଲିକା ପ୍ରଦାନ କରିଥିଲେ। ପ୍ରକାଶିତ ତାଲିକା ଅନୁଯାୟୀ, ପୂର୍ବରୁ ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୬୩ ହଜାର ୪୯ ଜଣ ଭୋଟର ଥିଲେ। ବୁଥ୍ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଯାଞ୍ଚକରି ୨ ଲକ୍ଷ ୪୭ ହଜାର ୪୬୭ ଜଣ ଭୋଟରଙ୍କୁ ସଫଳତାର ସହ ଚିହ୍ନଟ କରିଛନ୍ତି। ଯାଞ୍ଚ ସମୟରେ ୮, ୪୭୯ ଜଣ ମୃତ, ୫, ୩୯୮ ଜଣ ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ୬୨୪ ଜଣ ଅନ୍ୟତ୍ର ପଞ୍ଜିକୃତ, ୯୮୩ ଜଣ ଅନୁପସ୍ଥିତ ଓ ୯୮ ଜଣ ଅନ୍ୟାନ୍ୟ ବୈଧ କାରଣରୁ ମୋଟ ୧୫ ହଜାର ୫୮୨ ଜଣଙ୍କୁ ଭୋଟର ତାଲିକାରୁ ବାଦ ପାଇଁ ଚିହ୍ନଟ କରାଯାଇଥିବା ଉପଜିଲ୍ଲାପାଳ ସୂଚନା ଦେଇଥିଲେ। ଏହାବ୍ୟତୀତ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କରାଯାଇ ପୂର୍ବରୁ ଥିବା ୨୯୪ଟି ବୁଥ ସହ ଅତିରିକ୍ତ ୬୭ଟି ନୂତନ ବୁଥ୍ ସୃଷ୍ଟି କରାଯାଇଛି। ଫଳରେ ବର୍ତ୍ତମାନ ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୩୬୧ଟି ଭୋଟଗ୍ରହଣ କେନ୍ଦ୍ର ରହିଛି। ପ୍ରକାଶିତ ଖସଡ଼ା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ କରିବାର ଶେଷ ତାରିଖ ଆସନ୍ତା ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ରହିଛି ବୋଲି କହିଥିଲେ। ଦାବି ଓ ଆପତ୍ତି ସମ୍ପର୍କିତ ଶୁଣାଣି ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ କରାଯିବ। ସମସ୍ତ ଦାବି ଓ ଆପତ୍ତିର ସମାଧାନ ପରେ ଆସନ୍ତା ୬ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ସେ ସମସ୍ତ ରାଜନୈତିକ ଦଳ, ବୁଥ ସ୍ତରୀୟ ଏଜେଣ୍ଟ, ଭୋଟର ଓ ସାଧାରଣ ଜନସାଧାରଣଙ୍କୁ ନିଜ ନାମ ଓ ତଥ୍ୟ ଯାଞ୍ଚ କରି ଆବଶ୍ୟକ ସ୍ଥଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ଅନୁରୋଧ କରିଥିଲେ। ଏହି ବୈଠକରେ ସହକାରୀ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀକାନ୍ତ ଶତପଥୀ, ବରିଷ୍ଠ ରାଜସ୍ୱ ସହାୟକ ବିଜୁ ବେମାଲଙ୍କ ସମେତ ବିଜେଡି, ବିଜେପି, କଂଗ୍ରେସ, ବିଏସପି ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଝାଟିମାଟି କୁଡ଼ିଆ

**କୋକସରା, ୫ ।୭ (ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଅଞ୍ଚଳରେ ଗତ ଦୁଇଦିନ ହେଲା ଲଗାଣ ବର୍ଷା ଜାରି ରହିଛି। ଝିପିଝିପି ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିବା ଯୋଗୁଁ ଅଞ୍ଚଳର ଅନେକ ସ୍ଥାନରେ ଗଛଲତା ଭାଙ୍ଗି ପଡ଼ିଥିବା କେତେକ ଲୋକଙ୍କ ମାଟି ଘର ମଧ୍ୟ ଭାଙ୍ଗିଯାଇଛି। ମୋଟେର ପଞ୍ଚାୟତ ଅଧୀନ କୁସୁମଖୁଣ୍ଟି ଗ୍ରାମର ଅସହାୟ ମହିଳା ଚନ୍ଦ୍ରକଳାଙ୍କ ଝାଟିମାଟି କୁଡ଼ିଆ ଘରଟି ଭୁଶୁଡ଼ି ପଡ଼ିଛି। ଫଳରେ ଗରିବ ପରିବାରର ଘର ଭିତରେ ଥିବା ସମସ୍ତ ଆସବାପତ୍ର ଓ ଖାଦ୍ୟସାମଗ୍ରୀ ମାଟିରେ ମିଶି ନଷ୍ଟ ହୋଇଯାଇଛି। ସୂଚନା ଅନୁଯାୟୀ, ଚନ୍ଦ୍ରକଳା ଓ ତାଙ୍କ ପୁଅ ଦୀର୍ଘ ଦିନ ହେବ ଏହି ଜରାଜୀର୍ଣ୍ଣ କୁଡ଼ିଆରେ ଅତି କଷ୍ଟରେ ଜୀବନ ବିତାଉଥିଲେ। ଘରର ଅବସ୍ଥା ଶୋଚନୀୟ ଥିବାରୁ ବିପଦ ଆଶଙ୍କାରେ ସେମାନେ ପ୍ରାୟତଃ ରାତି ହେଲେ ପଡ଼ୋଶୀଙ୍କ ଘରେ ଯାଇ ଆଶ୍ରୟ ନେଉଥିଲେ। ସେଥିପାଇଁ ଏହି ଦୁର୍ଘଟଣାରେ ଏକ ବଡ଼ ବିପଦରୁ ଜୀବନ ରକ୍ଷା ହୋଇଯାଇଥିଲେ ହେଁ, ଏକମାତ୍ର ମୁଣ୍ଡ ଗୁଞ୍ଜିବା ଆଶ୍ରୟସ୍ଥଳୀ ହରାଇ ଏବେ ଏହି ମା' ପୁଅ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ କୁସୁମଖୁଣ୍ଟି ରାଜସ୍ୱ ନିରୀକ୍ଷକ ରାକେଶ ହୋତାଙ୍କୁ ପଚାରିବାରୁ, ବର୍ତ୍ତମାନ ସମୟରେ ପଲିଥିନ ଦେବା ସହିତ ଯାହା ସବୁ ବ୍ୟବସ୍ଥା ଅଛି ଯୋଗାଇ ଦିଆଯିବ ବୋଲି କହିଛନ୍ତି।



## ଭୁଶୁଡ଼ିପଡ଼ିଲା ରାସ୍ତାର ସୁରକ୍ଷା ବାଡ଼; ନିମ୍ନମାନର ନିର୍ମାଣ ଅଭିଯୋଗ

**ଥୁଆମୂଳ ରାମପୁର, ୫ ।୭ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ଡୁମେରପଦରରୁ ଗୋପୀନାଥପୁରକୁ ସଂଯୋଗ କରୁଥିବା ନବନିର୍ମିତ ପ୍ରଶସ୍ତୀକରଣ ରାସ୍ତାର ଦଳଗୁଡା ନିକଟରେ ନିର୍ମିତ ଏକ ନୂତନ ବ୍ରିଜର ସୁରକ୍ଷା ବାଡ଼ ବର୍ଷାର ପ୍ରଭାବ ସହିନପାରି ଭୁଶୁଡ଼ି ପଡ଼ିଛି। ସ୍ଥାନୀୟଲୋକଙ୍କ କହିବା ଅନୁସାରେ, ସମ୍ପ୍ରତି ରାସ୍ତାର ପ୍ରଶସ୍ତୀକରଣ କାମ ସହ ବ୍ରିଜ ନିର୍ମାଣ କରାଯାଇଥିଲା। ମାତ୍ର ପ୍ରଥମ ବର୍ଷାରେ ହିଁ ବ୍ରିଜର ସୁରକ୍ଷା ବାଡ଼ ଭୁଶୁଡ଼ି ପଡ଼ିବାରୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନ ଉଠିଛି। ନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ ଓ ସମ୍ପୃକ୍ତ ଅଧିକାରୀମାନଙ୍କ ତଦାରଖରେ ଅବହେଳା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସହ କ୍ଷତିଗ୍ରସ୍ତ ସ୍ଥାନର ଶୀଘ୍ର ମରାମତି କରିବାକୁ ସେମାନେ ଦାବି କରିଛନ୍ତି।



## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଗୀଙ୍କୁ ୨୦୦ ଇସ୍ପାତ ଜଳ ବୋତଲ ବଣ୍ଟନ

**ନୂଆପଡ଼ା/ ସିନାପାଲି, ୫ ।୭ (ସମିସ):** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ (ଏସ୍ୟୁପି) ମୁକ୍ତ କରିବା ଲକ୍ଷ୍ୟରେ ନୂଆପଡ଼ା ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ମଧୁସୂଦନ ଦାଶ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ୨୦୦ଟି ପୁନଃବ୍ୟବହାରଯୋଗ୍ୟ ଇସ୍ପାତ ଜଳ ବୋତଲ ବଣ୍ଟନ କରିଛନ୍ତି। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍ବିଆଇ), ନୂଆପଡ଼ା ଶାଖା ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍ଆର୍) ପାଣ୍ଠିରୁ ଏହି ବୋତଲଗୁଡ଼ିକ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପୂର୍ଣ୍ଣ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ମୁକ୍ତକରିବା ଜିଲ୍ଲା ପ୍ରଶାସନର ଏକ ପ୍ରମୁଖ ଲକ୍ଷ୍ୟ। ଏହି ବ୍ୟବସ୍ଥା ଅନୁଯାୟୀ ହସ୍ପିଟାଲରେ ଭର୍ତ୍ତି ହେଉଥିବା ପ୍ରତ୍ୟେକ ରୋଗୀଙ୍କୁ ବ୍ୟବହାର ପାଇଁ ଏକ ଇସ୍ପାତ ଜଳ ବୋତଲ ପ୍ରଦାନ କରାଯିବ ଏବଂ ରୋଗୀ ଡିସ୍ଚାର୍ଜ ହେବାପରେ ବୋତଲଟି ଫେରସ୍ତ ନିଆଯିବ। ଏହା ଦ୍ୱାରା ହସ୍ପିଟାଲ ପରିସରରେ ଏକବାର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ବୋତଲର ବ୍ୟବହାର ହ୍ରାସ ପାଇବା ସହ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହନ ମିଳିବ। ଏସ୍ବିଆଇ ନୂଆପଡ଼ାର ମୁଖ୍ୟ ପ୍ରବନ୍ଧକ ଲିଙ୍କନ ଦାସ କହିଥିଲେ ଯେ, ପରିବେଶ ସୁରକ୍ଷା ଓ ସାମାଜିକ କଲ୍ୟାଣ ପ୍ରତି ବ୍ୟାଙ୍କ ସଦା ପ୍ରତିବଦ୍ଧ ରହିଛି। ସମାଜର ଆବଶ୍ୟକତା ଅନୁଯାୟୀ ଏଭଳି ଜନହିତକର କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହି ପଦକ୍ଷେପ ରୋଗୀ ସୁବିଧା ବୃଦ୍ଧି ସହିତ ପରିବେଶ ସୁରକ୍ଷା ଏବଂ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଗଠନ ଅଭିଯାନକୁ ଅଧିକ ସୁଦୃଢ଼ କରିବ ବୋଲି ପ୍ରକାଶ କରାଯାଇଥିଲା।



## ଆଜିଠାରୁ ପୁରୀ - କୋରାପୁଟ ଏକ୍ସପ୍ରେସ୍ ଚଳାଚଳ

**କେସିଙ୍ଗା, ୫ ।୭ (ସମିସ):** ପୁରୀ - କୋରାପୁଟ ଏକ୍ସପ୍ରେସ ସୋମବାରଠାରୁ ଚଳାଚଳ ଆରମ୍ଭ କରିବ। ଉକ୍ତ ଟ୍ରେନଟି ସପ୍ତାହକୁ ତିନିଦିନ ଚାଲିବ। ରେଳ ବିଭାଗର ଚିଠି ଅନୁଯାୟୀ ଟ୍ରେନଟି ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ବାହାରିବ ଏବଂ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ବାହାରିବ ବୋଲି ବିଭାଗ ସ୍ପଷ୍ଟ କରିଛି। ସେପଟେ କିଛି ମାସ ପୂର୍ବରୁ ବ୍ରହ୍ମପୁର - ଉର୍ଦ୍ଧ୍ୱନା ଅମୃତ ଭାରତ ଟ୍ରେନ୍ ସପ୍ତାହକୁ ତିନି ଦିନ ଚାଲିଥିଲା ପରେ ୫ ଦିନ ହେଲା ଓ ଆଜିଠାରୁ ଦୈନିକ ଚାଲିବ ବୋଲି ରେଳବିଭାଗ ସ୍ପଷ୍ଟ କରିଛି।

## ଡ୍ରେନ୍ ପାଣି ନିଷ୍କାସିତ ନହେବାରୁ ଗାଁ ସଫାକଲେ ସରପଞ୍ଚ

**କେସିଙ୍ଗା, ୫ ।୭ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅଧୀନ ବେଲଖଣ୍ଡି ପଞ୍ଚାୟତର ପଲସାପଡ଼ା ଗ୍ରାମରେ ଡ୍ରେନ୍ ପୋତିହୋଇ ହୋଇଯାଇ ଥିବାରୁ ଗାଁ ରାସ୍ତାରେ ପାଣି ଜମିରହିଥିଲା। ଏନେଇ ଅନେକ ଥର ଜନସାଧାରଣ ବେଲଖଣ୍ଡି ସରପଞ୍ଚ ଶୁଶାନ୍ତ ବାଗଙ୍କୁ ଅଭିଯୋଗ କରିଥିଲେ। ଫଳରେ ସୁଶାନ୍ତ ବାଗ ନିଜ ଉଦ୍ୟମରେ ଗ୍ରାମର ଡ୍ରେନ ଗୁଡ଼ିକ ସଫା କରିବା ପାଇଁ ଅନେକ ଚେଷ୍ଟା କରିଥିଲେ କିନ୍ତୁ ଲଗାଣ ବର୍ଷା ପାଇଁ କାମ କରିବାକୁ କୌଣସି ଶ୍ରମିକ ପାଇ ନ ଥିଲେ। ଶେଷରେ ପରିସ୍ଥିତି ଅସମ୍ଭାଳ ହେବାରୁ ନିଜେ ଅଣ୍ଟା ଭିଡ଼ି ଡ୍ରେନ ପାଣି ନିଷ୍କାସିତ କରିବା ପାଇଁ ବାହାରି ପଡ଼ିଲେ। ବେଲଖଣ୍ଡି ସରପଞ୍ଚ ସୁଶାନ୍ତ ବାଗ ନିଜେ ଜଣେ ବିକଳାଙ୍ଗ ବ୍ୟକ୍ତି। କିନ୍ତୁ ସେ ନିଜ ଚିନ୍ତା ନକରି ଡ୍ରେନ ସଫା କରିବା ପାଇଁ ନିଜ ସରଞ୍ଜାମ ଧରି ବାହାରି ପଡ଼ିଥିଲେ। ଗ୍ରାମର ଅନ୍ୟକିଛି ବ୍ୟକ୍ତି ମଧ୍ୟ ବାହାରି ସରପଞ୍ଚଙ୍କୁ ସହଯୋଗ କରିଥିଲେ।

## ଲଗାଣ ବର୍ଷାରେ ସିନାପାଲି ସହର ଜଳାର୍ଣ୍ଣବ

**ସିନାପାଲ, ୫ ।୭ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳରେ ଲାଗି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷାରେ ସିନାପାଲି ସହର ଜଳାର୍ଣ୍ଣବ ହୋଇପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳ ଜମାହୋଇ ବନ୍ୟାର ଭ୍ରମ ସୃଷ୍ଟି କରୁଛି। ସିନାପାଲି ସହରର ବରୁଣ ଛକ, ଗୋଡ଼ାଳ ରାସ୍ତା ଥାନା ନିକଟ ଛକ, ତହସିଲ ଅଫିସ ଛକ ସମେତ ଅନେକ ଗଳି କନ୍ଦିରେ ବର୍ଷା ଜଳ ଲହଡି ମାରୁଛି। ଆଣ୍ଠୁଏ ପାଣିରେ ଲୋକେ ଯିବା ଆସିବା କରିବା ସହ ଅନେକ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଅନେକ ଦୋକାନ ବଜାର ଓ ଘର କୁ ବର୍ଷା ପାଣି ପ୍ରବେଶ କରୁଛି। ସିନାପାଲି ସହରର ଅନେକ ଡ୍ରେନ ଗୁଡିକରେ ଅଳିଆ ଆବର୍ଜନା ବର୍ଜ୍ୟବସ୍ତୁ ପଡ଼ି ରହିଥିବାରୁ ବର୍ଷା ଜଳନିଷ୍କାସନ ହୋଇ ନ ପାରି ଏଭଳି ଅବସ୍ଥା ଦେଖାଦେଇଥିବା ସହରବାସୀ ଅଭିଯୋଗ କରିଛନ୍ତି। ସେହିପରି ସଦର କାପସି ଗ୍ରାମରେ ମଧ୍ୟ ଅବ୍ୟବସ୍ଥା ଯୋଗୁଁ ବର୍ଷା ଜଳ ବିଭିନ୍ନ ପଡ଼ା ନିକଟରେ ଜମାହୋଇ ରହିଛି। ଯାହା ଫଳରେ ଲୋକେ ଯାତାୟାତ ରେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ର ସ୍ଥାୟୀ ସମସ୍ୟା ଲାଗି ପ୍ରସାଶନ ନିକଟରେ ବାରମ୍ବାର ଅଭିଯୋଗ କରିବା ସହ ଅନେକ ନେତା ମନ୍ତ୍ରୀ ତଥା ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ବେଳେ ବର୍ଷା ଋତୁ ସମୟରେ ଲୋକେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହି ସହର ଛତିଶଗଡ଼ ରାଜ୍ୟ ସୀମା ରେ ରହିଥିବା ବେଳେ ପଡୋଶୀ କଳାହାଣ୍ଡି ସୀମାରେ ଅବସ୍ଥିତ। ଏଠାକୁ ପ୍ରତ୍ୟହ ଲୋକେ ବିଭିନ୍ନ ବ୍ୟବସାୟ ସମେତ ଅନେକ କାର୍ଯ୍ୟ ପାଇଁ ଆସିଥାନ୍ତି। ଏହି ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଥିବା ବେଳେ ଏହାର ସମାଧାନ ଦିଗରେ ପ୍ରଶାସନ ଆଗକୁ କିଭଳି ପଦକ୍ଷେପ ନେଉଛନ୍ତି ତାକୁ ନେଇ ଅପେକ୍ଷା କରିଛନ୍ତି ସହରବାସୀ।

## ପୁରୁଣାପଡ଼ା ଶ୍ମଶାନଠାରେ ବନ ମହୋତ୍ସବ

**ଭବାନୀପାଟଣା, ୫ ।୭ (ସମିସ):** ସହର ଅଧୀନ ୧୫ନମ୍ବର ୱାର୍ଡ ପୁରୁଣାପଡ଼ା ଶ୍ମଶାନଠାରେ କଳାହାଣ୍ଡି ଉତ୍ତର ବନଖଣ୍ଡ ଓ ପୁରୁଣାପଡ଼ା ଶ୍ମଶାନ ସୁରକ୍ଷା ସମିତିର ମିଳିତ ସହଯୋଗରେ ଆଜି ୭୬ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ମଶାନ ସୁରକ୍ଷା ସମିତି ଅଧ୍ୟକ୍ଷ ଇଂ ନିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ ମହୋତ୍ସବରେ ଉତ୍ତର ବନଖଣ୍ଡ ଅଧିକାରୀ କଳାହାଣ୍ଡି ପ୍ରଭାକର ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ବିଶ୍ୱ ଆଥଲେଟ୍ ଆକାଶ ମୁଣ୍ଡ, ଏସିଏଫ ଲିଲି ଅମାନତ୍ୟ, ଭବାନୀପାଟଣା ପୌରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, କାଉନସିଲର ରଞ୍ଜୁକ୍ତା ପ୍ରଧାନ, ମହେନ୍ଦ୍ର ରାଉତ ଭବାନୀପାଟଣା ବନାଞ୍ଚଳ ଅଧିକାରୀ ଠଣ ସୁନ୍ଦର ଧରୁଆ, ରେଖାରାଣୀ ମହାପାତ୍ର, ସହରାଞ୍ଚଳ ବନପାଳ ବିଶିକେଶନ କରୁଆଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଡିଏଫ୍ଓ ଶ୍ରୀ ବର୍ମା ଚାରାରୋପଣ ଶୁଭାରମ୍ଭ କରିଥିଲେ। ସୀତାକାନ୍ତ ପ୍ରଧାନ, ଦୁଃଖିଶ୍ୟାମ ପ୍ରଧାନ, ଗୋପାଳ ମହାରଣା, ସନ୍ତୋଷ ପ୍ରଧାନ, ଜୟଚନ୍ଦ୍ର ପ୍ରଧାନ, ବିକାଶ ପ୍ରଧାନ, ବିଜୟଲକ୍ଷ୍ମୀ ପରିଚ୍ଛା, ସବିତା ପ୍ରଧାନ, ଶ୍ରୀଧର ପଲେଇ, ଅଶ୍ୱିନୀ ପ୍ରଧାନ, ବରିଷ୍ଠ ବନପାଳ ଭବାନୀ ଶଙ୍କର ପରିଚ୍ଛାଙ୍କ ସମେତ ଶତାଧିକ ବୃକ୍ଷପ୍ରେମୀ ଯୋଗ ଦେଇଥିଲେ।

# ପ୍ରତିଭା ସମ୍ମାନ ସମାରୋହ -୨୦୨୬

**ଭବାନୀପାଟଣା, ୫ ।୭ (ସମିସ):** ସ୍ଥାନୀୟ ଭବାନୀପାଟଣା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସଭାଗୃହରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନ, ଭେଞ୍ଚର ଭିସ୍ତା ଓ କାରୁଣ୍ଡ ସେବା ସଂଗଠନର ମିଳିତ ଆନୁକୂଲ୍ୟରେ ପ୍ରତିଭା ସମ୍ମାନ ସମାରୋହ ୨୦୨୬ ଅନୁଷ୍ଠିତ ହୋଇଯାଇଛି। କାରୁଣ୍ଡ ସେବା ସଂଗଠନ ସଭାପତି ପୁରୁଷୋତ୍ତମଦାସ ଅଗ୍ରୱାଲଙ୍କ ସଭାପତିତ୍ୱରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ ଡ. ମହେନ୍ଦ୍ର ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଏଭଳି ଆୟୋଜନ ସ୍ୱାଗତ ଯୋଗ୍ୟ ଓ ପ୍ରଶଂସନୀୟ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା କୁଳପତି ପ୍ରଫେସର ପବନ କୁମାର ଅଗ୍ରୱାଲ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ଜୀବନରେ ସଫଳତା ହାସଲ ପାଇଁ କଠିନ ପରିଶ୍ରମ ଓ ଦୃଢ ଅଧ୍ୟବସାୟ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ସଂଗଠନର ସଭାପତି ବିରଜା ପ୍ରସାଦ ପଣ୍ଡା, ଭେଞ୍ଚର ଭିସ୍ତାର ମୁଖ୍ୟପରିଚାଳକ ଦେବାଶିଷ ବେହେରା, ସାମାଜିକ କର୍ମୀ ଚିନ୍ମୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅଧ୍ୟାପକ ବଙ୍କିମ ଚନ୍ଦ୍ର ମୁଣ୍ଡ ମଞ୍ଚ ସଂଯୋଜନା କରିଥିବା ବେଳେ ଭୁଜବଳ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଆନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ତାରକା ଆକାଶ ରଞ୍ଜନ ମୁଣ୍ଡଙ୍କୁ ବିନୋଦିନୀ ମେମୋରିଆଲ ଟ୍ରଷ୍ଟ ପ୍ରଦତ୍ତ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ଗାଳ୍ପିକା ଦେବହୂତି କରଙ୍କ ଗଳ୍ପ ସଂକଳନ 'କେଶବତୀ କନ୍ୟା' ପାଠକାର୍ପଣ କରାଯାଇଥିଲା। ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣାର ସ୍ନାତକ ଓ ସ୍ନାତକୋତ୍ତର ବିଭାଗର ବିଭିନ୍ନ ବିଷୟରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିବା ୪୨ଜଣ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନାରେ ସଞ୍ଜୀବ ମୁଣ୍ଡ, ମାନସ ରଞ୍ଜନ ପଣ୍ଡା, ଶାନ୍ତନୁ କୁମାର ପରିଡ଼ା, ଲଳିତ କୁମାର ବିଶି, ବେଦ ପ୍ରକାଶ ପଣ୍ଡା, ଶୁଶିଲ ନାଗ, ଶାନ୍ତନୁ କୁମାର ବେହେରା, ଖୁସି ରାଣୀ ସାହୁ, କେତକୀ ପୋଡ, ଗୋପାଳ ସାହୁ, ଅକ୍ଷୟ କୁମାର ନାଏକ, ନୁରୀ ବେଗମ୍, ସୁବାଷିନୀ ନାଗ ପ୍ରମୁଖ ସହଯୋଗ କରିଥିଲେ। ସଂଗଠନର ଯୁଗ୍ମ ସମ୍ପାଦକ ରଜତ ବଂଶଲ ଧନ୍ୟବାଦ ଅର୍ପଣ କରିଥିଲେ।



## ଏସ୍ବିଆଇ ପକ୍ଷରୁ ରକ୍ତଦାନ ଶିବିର; ୩୦ ୟୁନିଟ୍ ସଂଗ୍ରହ




**ନୂଆପଡ଼ା/ସିନାପାଲି, ୫ ।୭ (ସମିସ):** ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ ନୂଆପଡ଼ା ଶାଖା ପକ୍ଷରୁ ବ୍ୟାଙ୍କର ୭୧ତମ ବ୍ୟାଙ୍କ ଦିବସ ଅବସରରେ ରବିବାର ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମଧୁସୁଦନ ଦାଶ ଜିଲ୍ଲାପାଳ ନୂଆପଡ଼ା ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡେପୁଟି କମାନଡେଣ୍ଟ ହରିବଂଶ ସିଂ ଏବଂ ଲିଡ୍ ଡିଷ୍ଟ୍ରିକ୍ଟ ବ୍ୟାଙ୍କ୍ ମ୍ୟାନେଜର୍ ହରିଶଙ୍କର ନିଆଲ ପ୍ରମୁଖ ଯୋଗଦେଇ ଉଦ୍ଘାଟନ କରିଥିଲେ। ଏହି ଶିବିରରେ ମୋଟ ୩୦ ଜଣ ରକ୍ତଦାନ କରିଥିଲେ। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷକ ତଥା ସ୍ୱେଚ୍ଛାକୃତ ନିୟମିତ ରକ୍ତଦାତା କିଶୋର କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଏସବିଆଇ ନୂଆପଡ଼ା ଶାଖାର ମୁଖ୍ୟ ପ୍ରବନ୍ଧକ ଲିଙ୍କନ ଦାସ ଜିଲ୍ଲା ପ୍ରଶାସନ, ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ଏବଂ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇଥିଲେ।

## ରାସ୍ତାରେ ଆଣ୍ଠୁଏ ପାଣି; ସାହୁ ପଡ଼ାବାସୀ ବେହାଲ



**ଖଡ଼ିଆଳ, ୫ ।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ୱାର୍ଡ ନଂ ୫ ସାହୁପଡ଼ାରୁ ଭବାନୀପାଟଣା ୨୧୬ ନଂ ରାଜ୍ୟ ରାଜପଥ ସଂଯୋଗ କରୁଥିବା ରାସ୍ତା ବର୍ଷାହେଲେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମୁଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଜନସାଧାରଣ ଓ ନିକଟରେ ଥିବା ଦଶ ପରିବାର ଜଳବନ୍ଦୀ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ଖଡ଼ିଆଳ ଏନଏସି ପକ୍ଷରୁ ସ୍ଥାୟୀ ସମାଧାନ କରୁ ନ ଥିବାରୁ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଜଳ ନିଷ୍କାସନ ବ୍ୟବସ୍ଥା ଠିକ ନ ଥିବା ଯୋଗୁଁ ବର୍ଷା ପାଣି ରାସ୍ତାରେ ଜମି ରହୁଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ ଓ ରୋଗୀ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**ବଞ୍ଚିଛି ମାନବିକତା**

# ମାନସିକ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କଲେ ଯୁବକ ଓ ପୁଲିସ

**ଥୁଆମୂଳ ରାମପୁର, ୫ ।୭ (ସମିସ)**

ମାନବିକତା ଆଜି ବି ସମାଜରେ ବଞ୍ଚି ରହିଛି ବୋଲି ପ୍ରମାଣ କରିଛନ୍ତି ପେରମଞ୍ଜି ଗାଁର କିଛି ଯୁବ ସମାଜସେବୀ ଓ କର୍ଲାପାଟ ପୁଲିସ। ଚଳିତବର୍ଷା ସମୟରେ ଥୁଆମୂଳ ରାମପୁର ଭବାନୀପାଟଣା ମୁଖ୍ୟ ରାସ୍ତାର ପେରମଞ୍ଜି ନିକଟରେ ଜଣେ ମାନସିକ ରୋଗାକ୍ରାନ୍ତ ବ୍ୟକ୍ତି ବର୍ଷାରେ ଭିଜି ରାସ୍ତା କଡ଼ରେ ଅସହାୟ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲେ। ଉଦ୍ଧାର ହୋଇଥିବା ବ୍ୟକ୍ତି ହେଲେ ବୋର୍ଡା ଗ୍ରାମ, କେଗାଁ ଥାନା ଅନ୍ତର୍ଗତ ଖୁସିରାମ ଗୌଡବିଶି (୫୮), ପିତା-ଦାସରଥୀ ଗୌଡ଼ବିଶି। ସେ ମାନସିକ ରୋଗରେ ପୀଡ଼ିତ ବୋଲି ଜଣାପଡ଼ିଛି। ପ୍ରବଳ ବର୍ଷାରେ ଭିଜି ତାଙ୍କ ପୋଷାକ ସମ୍ପୂର୍ଣ୍ଣ ଓଦା ହୋଇଯାଇଥିବା ବେଳେ ସେ ଥରଥର କମ୍ପୁଥିଲେ। ରବିବାର ପେରମଞ୍ଜି ଗାଁର ଯୁବ ସମାଜସେବୀ ଭଗତରାମ ନାଏକ, ଜଗତରାମ ନାଏକ ଏବଂ ଭେଜିଗୁଡ଼ା ଗାଁର ସୁମନ୍ତ ନାଏକ ତାଙ୍କୁ ଦେଖି ତୁରନ୍ତ ମାନବିକତାର ପରିଚୟଦେଇ ଉଦ୍ଧାର କରିଥିଲେ। ପରେ ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ମାଝୀଙ୍କୁ ସୂଚନା ଦେବା ସହ କର୍ଲାପାଟ ପୁଲିସକୁ ଖବର ଦିଆଯାଇଥିଲା।

ଖବରପାଇ କର୍ଲାପାଟ ଥାନାର ଏଏସ୍ଆଇ ହେମନ୍ତ ହରିଜନ ଓ କନଷ୍ଟେବଳ ତ୍ରିଲୋକ୍ୟ ଛତ୍ରିଆ ଘଟଣାସ୍ଥଳରେ ପହଞ୍ଚି ଖୁସିରାମଙ୍କ ପରିଚୟ ହାସଲ କରିଥିଲେ। ପରେ ତାଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରି ପୁଲିସ ଗାଡ଼ିରେ ତାଙ୍କୁ ଭବାନୀପାଟଣା ନିଆଯାଇଥିଲା। ସେଠାରେ ନକଟିଗୁଡ଼ା ଟିଭି ସେଣ୍ଟର ପଡ଼ାରେ ବସବାସ କରୁଥିବା ତାଙ୍କ ଦୂର ସମ୍ପର୍କୀୟ ପୁତୁରା ମମ୍ୟରଞ୍ଜନ ବାଗ (୨୧)ଙ୍କ ଜିମ୍ମାରେ ତାଙ୍କୁ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଥିଲା।





## ଆଜିର ରାଶିଫଳ

**ମେଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବୃଷ:** ନୂତନ ବ୍ୟବସାୟ ପାଇଁ ବନ୍ଧୁଙ୍କ ସହଯୋଗ ମିଳିପାରେ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିପାରେ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**କର୍କଟ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅତିଥି ସତ୍କାର କରିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିପାରେ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିପାରନ୍ତି।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**ଧନୁ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

**ମକର:** ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ପୈତୃକ ସମ୍ପତ୍ତିକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ବିବାଦ ଦେଖାଦେବ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**କୁମ୍ଭ:** ପୁରୁଣା ନିବେଶରୁ ଲାଭ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଦାନ ଧର୍ମ କରିବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେଇପାରେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୦୧- ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜନ୍ମ।
- ୧୯୩୫: ତିବ୍ବତୀୟ ଧର୍ମଗୁରୁ ଦଲାଇଲାମାଙ୍କ ଜନ୍ମ।
- ୧୯୪୬: ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶ୍‌ଙ୍କ ଜନ୍ମ।
- ୧୯୫୯: ଭେଲୋର ହସ୍‌ପିଟାଲରେ ପ୍ରଥମଥର ସଫଳତାପୂର୍ବକ ଓପନ ହାର୍ଟ ସର୍ଜରୀ ହେଲା।
- ୨୦୦୨: ଭାରତର ପ୍ରସିଦ୍ଧ ଉଦ୍ୟୋଗପତି ଧୀରୁଭାଇ ଅମ୍ବାନିଙ୍କ ପରଲୋକ।



# ଆଶୁତୋଷ-ଅମିର୍‌ଙ୍କ 'ଲଲକାର୍'

ବଲିଉଡ୍‌ର ମିଷ୍ଟର୍ ପରଫେକ୍ଟନିଷ୍ଟ ଅମିର ଖାନ୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକର ଦୀର୍ଘଦିନ ପରେ ପୁଣି ଥରେ ଏକାଠି କାମ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। 'ଲଗାନ' ଭଳି କଲ୍ଟ କ୍ଲାସିକ୍ ଫିଲ୍ମ ଭେଟି ଦେବାର ୨୫ ବର୍ଷ ପରେ, ଦୁହେଁ ଭାରତୀୟ କ୍ରିକେଟର ଲାଲା ଅମରନାଥଙ୍କ ଜୀବନୀ ଉପରେ ଆଧାରିତ ଏକ ପିରିୟଡ୍ ସ୍ପୋର୍ଟସ୍ ଡ୍ରାମା ଫିଲ୍ମ ନେଇ ଆସୁଛନ୍ତି। ଏଥିରେ ୧୯୪୭ ଭାରତ ପାକିସ୍ତାନ ବିଭାଜନ ସ୍ଥିତିକୁ ମଧ ଦେଖାଯିବ। ଇତିମଧ୍ୟରେ ଫିଲ୍ମର ଟାଇଟଲ୍ ମଧ୍ୟ ସାମ୍ନାକୁ ଆସିଛି। ଫିଲ୍ମର ଟାଇଟଲ ରହିଛି 'ଲଲକାର'। ଏହାର ସୁଟିଂ ଆସନ୍ତା ଅକ୍ଟୋବର ମାସରୁ ଆରମ୍ଭ ହେବ ବୋଲି ଜଣାପଡ଼ିଛି। 'ଲଗାନ' ଭଳି, ଏହା ମଧ୍ୟ କ୍ରିକେଟ ପୃଷ୍ଠଭୂମି ଉପରେ ଆଧାରିତ ଫିଲ୍ମ ହେବ। ଅମିରଙ୍କ ବ୍ୟତୀତ, ଫିଲ୍ମ ନିର୍ମାତା ସେକେଣ୍ଡ ଲିଡ୍ ପାଇଁ ଅନ୍ୟ ଜଣେ ଅଭିନେତାଙ୍କୁ ସାମିଲ କରିବା ପାଇଁ ଚିନ୍ତା କରୁଛନ୍ତି। ଏହି ଅଭିନେତାଙ୍କ ନାମ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ। ରାଜକୁମାର ହିରାନୀ ଏବଂ ଅଭିଜାତ ଯୋଶୀ ଏହାର କାହାଣୀ ଲେଖିଛନ୍ତି। ଏକ୍ସେଲ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। 'ସିତାରେ ଜମିନ୍ ପର୍' ପରେ ଅମିର୍ କୌଣସି ଫିଲ୍ମର ସୁଟିଂ ଆରମ୍ଭ କରି ନାହାନ୍ତି। ଦାଦାସହେବ ଫାଲ୍‌କେଙ୍କ ବାୟୋପିକ୍ ଓ 'ଥ୍ରୀ ଇଡିଅଟସ୍ ୨'ରେ ନଜର ଆସିବେ ବୋଲି ପୂର୍ବରୁ ଘୋଷଣା କରିଛନ୍ତି।

## ପ୍ରେମ ଦେଖେନି ବୟସ

# ୯୬ ବର୍ଷ ବୟସରେ ଖୋଜୁଛନ୍ତି ସାଥୀ



ପ୍ରେମ କେବଳ ବାହ୍ୟ ରୂପ ନୁହେଁ, ବରଂ ଏହା ମନ ଓ ଆତ୍ମାର ମିଳନ। ତେଣୁ ଏହା ସବୁ ବୟସରେ ସମାନ ଭାବେ ଅନୁଭୂତ ହୋଇଥାଏ। ଜୀବନର ଯେକୌଣସି ମୋଡ଼ରେ ଯୁବାବସ୍ଥା ହେଉ କିମ୍ବା ବୃଦ୍ଧାବସ୍ଥା ମଣିଷ ସାଥୀଟିଏ ଲୋଡ଼ିଥାଏ। ନ୍ୟୁୟର୍କରେ ରହୁଥିବା ୯୬ ବର୍ଷୀୟ ସୋଲେମନ ରୋସେନବାଲ୍‌ଟଙ୍କ କାହାଣୀ ଏକପ୍ରକାର ଏହି କଥାକୁ ପ୍ରମାଣିତ କରୁଛି। ସୋଲେମନ୍ ତାଙ୍କ ଜୀବନର ସାତ ଦଶନ୍ଧି ନିଜ ପତ୍ନୀ ଭିକିଙ୍କ ସହିତ ଅତିବାହିତ କରିଥିଲେ। ୨୦୨୩ ମସିହାରେ ସୋଲେମନଙ୍କୁ ଏକାକରି ତାଙ୍କ ପତ୍ନୀ ଆଖି ବୁଜିଲେ। ଏହାପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ବଦଳିଗଲା। ଏବେ ସେ ପୁଣି ଥରେ ଜୀବନସାଥୀର ସନ୍ଧାନ କରୁଛନ୍ତି। ସୋଲେମନ କୁହନ୍ତି, ମଣିଷକୁ ପ୍ରତି ବୟସରେ ଜଣେ ନିଜର ଲୋକ ଦରକାର। ସୋଲେମନଙ୍କ ପାଇଁ ତାଙ୍କ ପତ୍ନୀ କେବଳ ଜୀବନସାଥୀ ନ ଥିଲେ, ବରଂ ତାଙ୍କର ସବୁଠୁ ବଡ଼ ସାଙ୍ଗ ଓ ବଳ ଥିଲେ। ଦୁହେଁ ୬୯ ବର୍ଷ ପର୍ଯ୍ୟନ୍ତ ବୈବାହିକ ଜୀବନର ଅନେକ ଉତ୍ଥାନପତନକୁ ସାମ୍ନା କରିଥିଲେ। ତେବେ ପତ୍ନୀଙ୍କ ବିୟୋଗ ପରେ ସୋଲେମନ୍ ଘରେ ଏକୁଟିଆ ଅନୁଭବ କଲେ। ଏହାସହ ସେ ଅନୁଭବ କଲେ ଯେ, ଜୀବନରେ କେବଳ ସ୍ମୃତି ଯଥେଷ୍ଟ ନୁହେଁ। ସମୟ ସହିତ ମଣିଷର ସାଥ୍ ଦେବା ଲାଗି କେହି ଜଣେ ନିଜର ବି ଦରକାର। ଯଦିଓ ସେ ତାଙ୍କ ଦିବଂଗତ ପତ୍ନୀଙ୍କ ସ୍ଥାନ ଆଉ କାହାକୁ ଦେବାକୁ ଚାହୁଁନାହାନ୍ତି, ହେଲେ ଜୀବନର ବଳକା ସମୟକୁ ସେ ଏକାକି ଅତିବାହିତ କରିବାକୁ ଚାହାନ୍ତି ନାହିଁ ବୋଲି ସୋଲେମନ କହିଛନ୍ତି। ତାଙ୍କ ପାଇଁ ପ୍ରେମର ଅର୍ଥ ହେଉଛି, କାହା ସହିତ ବସି ଚା' ପିଇବା, କଥା ହେବା, ଛୋଟ ମୋଟ ଖୁସି ସେୟାର କରିବା, ପରସ୍ପରର ଯତ୍ନ ନେବା। ଏହି ଚିନ୍ତାଧାରାକୁ ନେଇ ସେ ୯୬ ବର୍ଷ ବୟସରେ ପ୍ରେମର ସନ୍ଧାନ କରୁଛନ୍ତି। ଏ ଲାଗି ସେ ଜଣେ ପ୍ରଫେସନାଲ ମ୍ୟାଚ୍‌ମେକରଙ୍କ ସାହାଯ୍ୟ ନେବା ପାଇଁ ସ୍ଥିର କରିଛନ୍ତି। ଅବଶ୍ୟ ତାଙ୍କର ଏହି ନିଷ୍ପତ୍ତିକୁ ଶୁଣି ଅନେକ ଆଶ୍ଚର୍ଯ୍ୟ ବି ହୋଇଛନ୍ତି। ହେଲେ ଅନେକ ଲୋକ ତାଙ୍କର ଏଭଳି ଚିନ୍ତାଧାରାର ପ୍ରଶଂସା କରିଛନ୍ତି। ସୋଲେମନ ଏକଥା ପ୍ରମାଣିତ କରିଛନ୍ତି ଯେ, ଖୁସିରେ ରହିବା ଏବଂ ପ୍ରେମ ପାଇଁ ବୟସ ନ ଥାଏ। ତାଙ୍କର ଏ କାହାଣୀ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ସୋଲେମନଙ୍କ କାହାଣୀ ଜୀବନକୁ ମନଖୋଲା ଭାବେ ଜିଇଁବାକୁ ଦର୍ଶାଇଛି। ନିଜର ଲୋକଙ୍କୁ ହରାଇବା ଦୁଃଖ ବହୁତ ଯନ୍ତ୍ରଣାଦାୟକ ହେଲେ ବି ଏହାର ଅର୍ଥ ନୁହେଁ ଯେ, ଜୀବନର ସମସ୍ତ ଖୁସି ଶେଷ ହୋଇଯାଏ। ୯୬ ବର୍ଷ ବୟସରେ ଏକ ନୂଆ ଆରମ୍ଭ କରିବାର ସାହସ ଦେଖାଇଛନ୍ତି ସୋଲେମନ। ତାଙ୍କର ଏ କାହାଣୀ ପ୍ରତିଫଳିତ କରିଛି ଯେ, ଜୀବନରେ କେବେ ବି ଆଶାର ଅନ୍ତ ନାହିଁ। କାରଣ ପ୍ରେମ, ବନ୍ଧୁ ଏବଂ ସାଥୀଟିଏର ଆବଶ୍ୟକତା ମଣିଷକୁ ପ୍ରତ୍ୟେକ ବୟସରେ ଲୋଡ଼ା ପଡ଼େ।

# ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଛି ମୁଖଗହ୍ୱର କର୍କଟ

ତମାଖୁ ସେବନ ଯୋଗୁଁ ସାରା ବିଶ୍ୱରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜର ଜୀବନ ହରାଉଛନ୍ତି। ଏହାସତ୍ତ୍ୱେ ମଧ ବହୁ ସଂଖ୍ୟାରେ ଲୋକେ ତମାଖୁ ଜାତୀୟ ଦ୍ରବ୍ୟର ବ୍ୟବହାର କରୁଛନ୍ତି। ଚିନ୍ତାର ବିଷୟ ଏହା ଯେ, ତମାଖୁ ଜନିତ କ୍ଷତି କେବଳ ଫୁସ୍‌ଫୁସ୍ କିମ୍ବା ହୃଦୟ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମୁଖ କର୍କଟ ଭଳି ମାରାତ୍ମକ ରୋଗର କାରଣ ମଧ୍ୟ ସାଜିପାରେ। ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ପାଟିରେ ଦେଖାଯାଉଥିବା କିଛି ସାଧାରଣ ଲକ୍ଷଣ ଅନେକ ସମୟରେ କର୍କଟ ରୋଗର ପ୍ରାଥମିକ ଚେତାବନୀ ହୋଇପାରେ, କିନ୍ତୁ ଲୋକେ ପ୍ରାୟତଃ ଏହାକୁ ଅଣଦେଖା କରିଦିଅନ୍ତି। ଆଜି ବି ବହୁତ ଲୋକ ପାଟିରେ ଛାଲ ପଡ଼ିଯିବା, ମାଢ଼ିରୁ ରକ୍ତ ଆସିବା ତଥା ପାଟି ଭିତରେ ଦେଖାଯାଉଥିବା ଅନ୍ୟାନ୍ୟ ସମସ୍ୟାକୁ ସାମାନ୍ୟ ଭାବି ଅଣଦେଖା କରିଥାନ୍ତି। ହେଲେ ପାଟି ଭିତରେ ଘା' ବା ଛାଲ ପଡ଼ିବା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଠିକ୍ ନହେଲେ ଏହାକୁ ଅଣଦେଖା କରିବା ଅନୁଚିତ। କାରଣ ଏହି ଲକ୍ଷଣ ମୁଖ ଗହ୍ୱର କର୍କଟ ସହିତ ଜଡ଼ିତ ହୋଇପାରେ। ତେଣୁ ସଠିକ୍ ସମୟରେ ଏହାର ପରୀକ୍ଷା ନ କଲେ ସ୍ଥିତି ଗମ୍ଭୀର ହୋଇପାରେ। ପାଟି ଭିତରେ ଧଳା କିମ୍ବା ଲାଲ୍ ଦାଗ ଦେଖାଯିବା, ଖାଦ୍ୟ ଚୋବାଇବାରେ ଯନ୍ତ୍ରଣା, କଥା କହିବା କିମ୍ବା ଖାଦ୍ୟ ଢୋକିବାରେ ସମସ୍ୟା, ଲଗାତାର ପାଟିରୁ ଦୁର୍ଗନ୍ଧ ଆସିବା, ପାଟିର କୌଣସି ଅଂଶରେ ଝିମ୍‌ଝିମ୍ ଅନୁଭବ କରିବାକୁ ମଧ ଅଣଦେଖା କରିବା ଅନୁଚିତ। ବିଶେଷ କରି ତମାଖୁ ସେବନ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ଉପରୋକ୍ତ ଲକ୍ଷଣ ଦେଖିବାକୁ ମିଳିଥାଏ। ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ସବୁ ପାଟି ଘା' କର୍କଟ ନୁହେଁ, ସାଧାରଣତଃ ଫୋଟକାଗୁଡ଼ିକ ତିନିରୁ ଚାରି ଦିନ ମଧ୍ୟରେ ଠିକ୍ ହୋଇଯାଏ। ହେଲେ ଛାଲ ବା ଘା ଯଦି ଲଗାତାର ବୃଦ୍ଧି ପାଇ ଯନ୍ତ୍ରଣା ହେଉଥାଏ, ଉକ୍ତ ସ୍ଥାନରୁ ରକ୍ତ ବାହାରିବା ସହ ଖାଇବା ପିଇବା, କଥା କହିବାରେ ସମସ୍ୟା ସୃଷ୍ଟି ହେଉଥାଏ ତୁରନ୍ତ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ। ପୂର୍ବରୁ ମୁଖ ଗହ୍ୱର କର୍କଟ ମୁଖ୍ୟ ରୂପେ ୫୦ରୁ ୭୫ ବର୍ଷ ବୟସରେ ହେଉଥିଲା। ହେଲେ ବିଗତ କିଛି ବର୍ଷ ହେବ ୨୫ରୁ ୪୫ ବର୍ଷ ତଥା ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏହି ମାମଲା ବଢ଼ି ବଢ଼ି ଚାଲିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଧୂମପାନ, ତମାଖୁ ସେବନ, ମଦ୍ୟପାନ ମୁଖ ଗହ୍ୱର କର୍କଟ ଆଶଙ୍କାକୁ ବଢ଼ାଇଥାଏ। ତେବେ ପ୍ରାରମ୍ଭିକ ପର୍ଯ୍ୟାୟରେ ମୁଖ ଗହ୍ୱର କର୍କଟ ଚିହ୍ନଟ ହେଲେ ଚିକିତ୍ସା ଫଳାଫଳ ଭଲ ହୁଏ। ଡାକ୍ତର ଅମିତ ଚକ୍ରବର୍ତ୍ତୀଙ୍କ ଅନୁଯାୟୀ, ପ୍ରାରମ୍ଭିକ ପର୍ଯ୍ୟାୟରେ ଚିକିତ୍ସା ହେଉଥିବା ରୋଗୀଙ୍କର ବଞ୍ଚିବାର ସମ୍ଭାବନା ୮୦ରୁ ୯୦ ପ୍ରତିଶତ ଥାଏ।

## ସ୍ୱସ୍ତି



# ଅନବସର

ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ ପରେ ଶ୍ରୀଜିଉ ଜ୍ୱରରେ ପୀଡ଼ିତ ହୋଇଥିବା ବେଳେ ଅଣସର ପିଣ୍ଡିରେ ଉପଚାର ଆରମ୍ଭ ହୋଇଛି। ପ୍ରତିବର୍ଷ ଅଣସର ନୀତି ସ୍ନାନ ଯାତ୍ରା ପରେ ଅନୁଷ୍ଠିତ ହୋଇଥାଏ। ସେଥିପାଇଁ ୧୫ ଦିନ ଅଣସର ଘରେ ଅଛନ୍ତି ତିନିଠାକୁର। ଠାକୁରଙ୍କ ଅଙ୍ଗଲାଗି ସେବକ, ଦଇତାପତି ସେବାୟତମାନେ ଠାକୁରଙ୍କ ସୁସ୍ଥତା ପାଇଁ ବିଭିନ୍ନ ଉପଚାର ଆରମ୍ଭ କରିଛନ୍ତି। ଏହି ସମୟରେ ମହାପ୍ରଭୁ ଭକ୍ତମାନଙ୍କୁ ଦର୍ଶନ ଦେଉ ନ ଥିବାରୁ ପଟିଦିଅଁ ପୂଜା ପାଉଛନ୍ତି।

ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ରତ୍ନସିଂହାସନରେ ତିନିଠାକୁର ଭକ୍ତମାନଙ୍କୁ ଦର୍ଶନ ଦେଇ ନ ଥାନ୍ତି। ଏହି କାଳକୁ ଅଣସର ବା ଅନବସର କୁହାଯାଏ। ଏହି ସମୟରେ ତିନିଠାକୁରଙ୍କର ଦଇତାପତି ସେବକ ୧୫ ଦିନ ପର୍ଯ୍ୟନ୍ତ ଗୁପ୍ତ ସେବା ବା ଉପଚାର କରନ୍ତି। ଠାକୁର ଅସୁସ୍ଥ ଥିବାରୁ ଅଣସର ପଣା ସମର୍ପଣ କରାଯାଇଥାଏ। ଶ୍ରୀ ଜଗନ୍ନାଥଙ୍କ ଅଣସର ଦୁଇ ପ୍ରକାର ପାଳିତ ହୁଏ। ଗୋଟିଏ ସାଧାରଣ ଅଣସର ଏବଂ ଅନ୍ୟଟି ମହା ଅଣସର। ସାଧାରଣ ଅଣସର ୧୫ଦିନ ପାଳିତ ହୁଏ। ମହାଅଣସର ୪୫ ଦିନ ପାଇଁ ନବକଳେବର ସମୟରେ ପାଳନ କରାଯାଏ। ୧୫ ଦିନ ଅଣସରରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପାଆନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଶ୍ରୀନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀ, ବଡ଼ଠାକୁରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ପଟଦିଅଁ ପୂଜା ପାଇଥାନ୍ତି। ଯେଉଁ ନୀତି ବିଗ୍ରହମାନଙ୍କ ପାଖରେ ନିତିଦିନ କରାଯାଏ, ସେସବୁ ଏହି ସମୟରେ ପଟିଦିଅଁଙ୍କଠାରେ ଅନୁଷ୍ଠିତ ହୋଇଥାଏ। ପଟିଦିଅଁଙ୍କ ସହ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ରାମକୃଷ୍ଣ, ନୃସିଂହ ଭଗବାନଙ୍କୁ ପୂଜା କରାଯାଏ। କଥିତ ଅଛି, ମହାପ୍ରଭୁଙ୍କ ଅଣସର ସମୟରେ ଶ୍ରୀମନ୍ଦିର ଭିତରେ କୌଣସି ଘଣ୍ଟ ଅବା ଗୀତ ବୋଲା ଯାଏ ନାହିଁ। ମନ୍ଦିର ଶୂନଶାନ୍ ରହିବା ସହ ୧୫ ଦିନ ପର୍ଯ୍ୟାୟ କ୍ରମେ ଗୁପ୍ତ ନୀତି ପାଳନ କରାଯାଏ। ଅଣସର ପିଣ୍ଡିରେ ମହାପ୍ରଭୁଙ୍କ ବିଜେ ପରେ ଓଦା ଲୁଗା ଉଲାଗି ସହ ପରମ୍ପରା ଅନୁଯାୟୀ ବିଶେଷ ଦିନରେ ଫୁଲୁରି ତେଲ, ଓଷୁଅ ଲାଗି, ଚକାବିଜେ, ଚନ୍ଦନ ଲାଗି ଓ ଘଣା ଲାଗି ନୀତି ହୋଇଥାଏ।

# ପୂଜା ଆସନର ମହତ୍ତ୍ୱ

**ବାସ୍ତୁ ଓ ହିନ୍ଦୁ ଧାର୍ମିକ ମାନ୍ୟତାନୁସାରେ, ପୂଜା ସମୟରେ ଆସନରେ ବସିବା ଉଚିତ। ପୂଜା ହେଉ ଅବା ମନ୍ତ୍ର ଜପ ଆସନରେ ବସି କରିବା ଉଚିତ। ବେଳେବେଳେ ଲୋକେ ତଳେ ବସି ପୂଜା ଓ ମନ୍ତ୍ର ଜପ କରନ୍ତି। ବିନା ଆସନରେ ପୂଜା କରିବା ଭଲ ନୁହେଁ।**

- ଶାସ୍ତ୍ର ଅନୁସାରେ, ପୂଜା ତଥା ମନ୍ତ୍ର ଜପ ଲାଗି କୁଶ ଆସନ ସବୁଠୁ ଶୁଭ ଓ ପବିତ୍ର। ଏହି ଆସନ ସମସ୍ତ ନକାରାତ୍ମକତା ଦୂର କରି ଅନୁଷ୍ଠାନକୁ ପୂରା କରିବାରେ ସାହାଯ୍ୟ କରେ।
- ଆସନରେ ବସି ପୂଜା କରିବା ଅର୍ଥ ଦେବୀଦେବତାଙ୍କ ପ୍ରତି ସମ୍ମାନ ଦେଖାଇବାର ଏକ ଉପାୟ। ଏଭଳି ପୂଜାକୁ ପୂର୍ଣ୍ଣ ଏବଂ ଶୁଭଫଳଦାୟୀ ବୋଲି କୁହାଯାଏ।
- ଆସନରେ ବସି ପୂଜା ତଥା ମନ୍ତ୍ର ଜପ କରିବା ଦ୍ୱାରା ଜ୍ଞାନ, ଶାନ୍ତି, ସୌଭାଗ୍ୟ, ଧନ ପ୍ରାପ୍ତି ହୁଏ।
- ଆସନରେ ବସି ପୂଜା କରିବା ଦ୍ୱାରା ଶରୀର ଆରାମଦାୟକ ସ୍ଥିତିରେ ରହେ। ଏହା ଦ୍ୱାରା ମନ ପୂଜାରେ ଲାଗେ। ଧ୍ୟାନ କେନ୍ଦ୍ରିତ ରହେ।
- ଆସନରେ ବସି ପୂଜା କଲେ ଶାରୀରିକ ଓ ଆଧ୍ୟାତ୍ମିକ ସ୍ୱଚ୍ଛତା ବଜାୟ ରହେ।
- ଶୀତ ଦିନେ ଉଲ୍ ଆସନରେ ବସି ଭଗବାନଙ୍କ ପୂଜାର୍ଚ୍ଚନା କରିବା ଉଚିତ।



# ସବୁଜ ରକ୍ଷାସୂତ୍ର

**ରକ୍ଷାସୂତ୍ର ନାଲି ଓ ହଳଦିଆ ରଙ୍ଗ ଥିବା ସମସ୍ତେ ଜାଣନ୍ତି। ହେଲେ ବିଶେଷ ପରିସ୍ଥିତିରେ ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବନ୍ଧା ଯାଏ। ଜ୍ୟୋତିଷ ଶାସ୍ତ୍ରରେ ସବୁଜ ରକ୍ଷାସୂତ୍ର ବୁଧ ଗ୍ରହ ସହ ଜଡ଼ିତ। ଏହାକୁ ହାତରେ ବାନ୍ଧିବାର ଲାଭ କ'ଣ, ସେ ସମ୍ପର୍କରେ ଜାଣିବା।**



- ମାନ୍ୟତାନୁସାରେ, ସବୁଜ ରଙ୍ଗ ରକ୍ଷାସୂତ୍ର ହାତରେ ବାନ୍ଧିଲେ ମସ୍ତିଷ୍କ ସକ୍ରିୟ ରହେ। ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଜାତକରେ ବୁଧ ଗ୍ରହ ମଜଭୁତ ହୁଏ। ଏହା ଦ୍ୱାରା ବ୍ୟବସାୟ ଏବଂ କ୍ୟାରିୟରରେ ଉନ୍ନତି ଘଟେ।
- ଅତ୍ୟଧିକ ଚିନ୍ତାଶୀଳ ବ୍ୟକ୍ତିଙ୍କ ଲାଗି ଏହା ଲାଭକାରୀ। ଏହାକୁ ହାତରେ ବାନ୍ଧିଲେ ଧ୍ୟାନ କେନ୍ଦ୍ରିତ ହୋଇଥାଏ ଏବଂ କାମ ପୂରା ହୁଏ। ମନ ଶାନ୍ତ ରହେ, ଅବସାଦ ଦୂର ହୁଏ।
- ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ହାତରେ ସବୁଜ ରକ୍ଷାସୁତ୍ର ବାନ୍ଧିଲେ ବ୍ୟବସାୟ ଏବଂ ଚାକିରି ସମ୍ବନ୍ଧିତ କାର୍ଯ୍ୟ କଲେ ଉନ୍ନତି ଶୀଘ୍ର ହୁଏ। ନୂଆ ଅବସର ସୃଷ୍ଟି ହୁଏ। ଜୀବନ ଜିଇଁବା ସହଜ ହୁଏ।
- ଏହାକୁ ପିନ୍ଧିବାର ଭଲଦିନ ହେଉଛି ବୁଧବାର। ଏହିଦିନ ସକାଳୁ ଉଠି ସ୍ନାନ ସାରି ଗଣେଶଙ୍କ ପୂଜା କରି ଏହାକୁ ହାତରେ ବାନ୍ଧିବା ଭଲ।
- ଏହାକୁ ତିନିଟି ଗଣ୍ଠି ପକାଇ ବାନ୍ଧିବା ଉଚିତ। ପୁରୁଷ ଡାହାଣ ଓ ମହିଳା ବାମ ହାତରେ ସବୁଜ ରକ୍ଷାସୂତ୍ର ବାନ୍ଧିବା ଉଚିତ। ସେହିପରି ଏହାକୁ ଠିକ୍ ନିୟମରେ ବାନ୍ଧିଲେ ଜୀବନରେ ସକାରାତ୍ମକତା ଆସେ।

# ସ୍କୁଲ୍ ବ୍ୟାଗ୍‌ରେ କେଉଁ ଜିନିଷ ରଖିବେ ନାହିଁ

**ବାସ୍ତୁଶାସ୍ତ୍ର ନିୟମ ଅନୁସାରେ, ପିଲାଙ୍କ ସ୍କୁଲ ବ୍ୟାଗ୍‌ରେ ରଖାଯାଉଥିବା ଜିନିଷ ସେମାନଙ୍କ ମନ ଉପରେ ଗଭୀର ପ୍ରଭାବ ପକାଏ। ତେବେ ବ୍ୟାଗ୍‌ରେ କେଉଁ ଜିନିଷ ରଖିବା ଭଲ ନୁହେଁ, ସେ ସମ୍ପର୍କରେ ଜାଣିବା।**

- ବ୍ୟାଗ୍‌ରେ ଭଙ୍ଗା ପେନସିଲ, କଲମ ରଖିବା ଭଲ ନୁହେଁ। ବାସ୍ତୁ ଶାସ୍ତ୍ର ଅନୁସାରେ ଏହା ଦ୍ୱାରା ପିଲାଙ୍କ ମନ ବିଚଳିତ ରହେ।
- ପିଲାଙ୍କ ବ୍ୟାଗ୍‌ରେ ପୁରୁଣା ନୋଟ୍, ଚିରା ବହି, ଖାତା ତଥା ଅନାବଶ୍ୟକ କାଗଜ ଥିଲେ ବାହାର କରି ଦିଅନ୍ତୁ। ଏହା ଦ୍ୱାରା ନକାରାତ୍ମକତା ବୃଦ୍ଧି ପାଏ। ପଢ଼ାରେ ମନ ଲାଗେ ନାହିଁ।
- ବ୍ୟାଗ୍‌ରେ ଧାରୁଆ ଜିନିଷ ରଖିବା ଅନୁଚିତ। କଇଁଚି, କମ୍ପାସ, କଟର ଆଦିକୁ ଖୋଲା ଖୋଲି ଭାବେ ବ୍ୟାଗ୍‌ରେ ରଖନ୍ତୁ ନାହିଁ। ଏହାକୁ ପାଉଚ୍ କିମ୍ବା ବାକ୍ସରେ ରଖନ୍ତୁ।
- ସେହିପରି ସ୍କୁଲ ବ୍ୟାଗ୍‌ରେ ଚକଲେଟ୍ ଜରି କିମ୍ବା ଗିଫ୍ଟ ର୍ୟାପ୍‌ର ରଖିବା ଭଲ ନୁହେଁ। ଏହାଦ୍ୱାରା ବ୍ୟାଗ୍ ଅପରିଷ୍କାର ହୁଏ ଏବଂ ନକାରାତ୍ମକତା ବୃଦ୍ଧି ପାଏ।
- ଏହାବାଦ୍ ଭୟଭୀତ କରୁଥିବା ଜିନିଷ ତଥା ଷ୍ଟିକରକୁ ବ୍ୟାଗ୍ କିମ୍ବା ପେନ୍‌ସିଲ ବକ୍ସରେ ରଖନ୍ତୁ ନାହିଁ।
- ବାସ୍ତୁ ଶାସ୍ତ୍ର ଅନୁସାରେ ପିଲାଙ୍କ ବ୍ୟାଗ୍‌ରେ ମୟୂର ପୁଚ୍ଛ ରଖିବା ଭଲ। ନଚେତ ଚନ୍ଦନ କାଠ ଛୋଟ ଖଣ୍ଡେ ରଖିପାରିବେ। ଏହାଦ୍ୱାରା ସକାରାତ୍ମକତା ବଜାୟ ରହେ।








# କ୍ୱାର୍ଟରରେ ଫ୍ରାନ୍ସ-ମରୋକ୍କୋ ଲଢ଼େଇ

ଫିଲାଡେଲଫିଆ/ଡଲାସ, ୫।୭ (ଏଜେନ୍ସି)

ଦୁଇଥରର ଚାମ୍ପିଅନ ଫ୍ରାନ୍ସ ଓ ମରୋକ୍କୋ ମଧ୍ୟରେ ଫିଫା ବିଶ୍ୱକପ୍‌ର ପ୍ରଥମ କ୍ୱାର୍ଟର ଫାଇନାଲ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍‌ଟି ହଷ୍ଟନରେ ଆସନ୍ତା ୯ ତାରିଖ ଗୁରୁବାର ରାତି ୧ଟା ୩୦ ମିନିଟ୍‌ରେ ଖେଳାଯିବ। ଏଠାରେ ଖେଳାଯାଇଥିବା ରାଉଣ୍ଡ ଅଫ୍-୧୬ ମୁକାବିଲାରେ ଟାଇଟଲର ଦୃଢ଼ ଆଶାୟୀ ଫ୍ରାନ୍ସ ସଂଘର୍ଷ କରି ୧-୦ ଗୋଲ୍‌ରେ ପାରାଗୁଏକୁ ହରାଇ ଦ୍ୱିତୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଷ୍ଟାର ଖେଳାଳି କିଲିୟାନ୍ ଏମ୍‌ବାପେ ପେନାଲ୍ଟିରୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ପୂର୍ବରୁ ଡଲାସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡ-୧୬ ମୁକାବିଲାରେ କାନାଡାକୁ ୩-୦ ଗୋଲରେ ପରାସ୍ତ କରି ମରୋକ୍କୋ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଦଳ ପକ୍ଷରୁ ଆଜେଡାଇନ୍ ଓଉନାହି ୨ଟି ଓ ଓ ସୌଫିଆନେ ରହିମି ଗୋଟିଏ ଗୋଲ ସ୍କୋର କରିଥିଲେ।



ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପାରାଗୁଏକୁ ହରାଇବା ଫ୍ରାନ୍ସ ଲାଗି କଷ୍ଟକର ହୋଇପଡ଼ିଥିଲା। ରାଉଣ୍ଡ ଅଫ୍ ୩୨ରେ ନେଦରଲାଣ୍ଡସକୁ ପେନାଲ୍ଟି ସୁଟ୍‌ଆଉଟରେ ହରାଇଥିବା ପାରାଗୁଏ ଫ୍ରାନ୍ସ ବିପକ୍ଷରେ ଅତ୍ୟନ୍ତ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିଥିଲା। ଏପରିକି ବିଶ୍ୱର ଦୁଇ ସୁପରଷ୍ଟାର ଖେଳାଳି କିଲିଆନ୍ ଏମ୍‌ବାପେ ଓ ଓଉସମାନେ ଡେମ୍ବେଲେଙ୍କୁ ଗୋଲ ପୋଷ୍ଟ ଉପରେ ଆକ୍ରମଣ କରିବାକୁ ବିଶେଷ ସୁଯୋଗ ଦେଇ ନ ଥିଲେ। ଯଦିବି କିଛି ସୁଯୋଗ ମିଳିଥିଲା ତାହାକୁ ପାରାଗୁଏର ଗୋଲକିପର ଅର୍ଲାଣ୍ଡୋ ଗିଲ୍ ବ୍ୟର୍ଥ କରିଦେଇଥିଲେ।

ଖେଳର ୬୯ତମ ମିନିଟ୍‌ରେ ପାରାଗୁଏର ଡିଫେଣ୍ଡର ପ୍ରତିପକ୍ଷ ଏମ୍‌ବାପେଙ୍କୁ ଫାଉଲ ମାରିଥିବା ଭିଏଆରଙ୍କ ନିଷ୍ପତ୍ତିରୁ ଜଣାଯାଇଥିଲା। ଫଳରେ ଫ୍ରାନ୍ସକୁ ପେନାଲ୍ଟି କିକ୍‌ର ସୁଯୋଗ ମିଳିଥିଲା। ଏମ୍‌ବାପେ ଏହି ପେନାଲ୍ଟିକୁ ଅତି ସହଜରେ ଗୋଲ ପୋଷ୍ଟକୁ ମାରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହି ଗୋଲ ପରେ ଉଭୟ ପାରାଗୁଏ ଅଧିକ ଆକ୍ରମଣ କରିଥିଲାବେଳେ ଫ୍ରାନ୍ସ ରକ୍ଷଣାତ୍ମକ ଖେଳିଥିଲା। ଫଳରେ ମ୍ୟାଚ୍‌ର ରୋମାଞ୍ଚ କମିଯାଇଥିଲା। ପାରାଗୁଏ ଗୋଲ ଶୁଝାଇବାରେ ବିଫଳ ହୋଇଥିଲା।

## ଗୋଲ୍ଡେନ ବୁଟ୍ ଦୌଡ଼ରେ ଏମ୍‌ବାପେ

ଫିଲାଡେଲଫିଆ,୪।୭(ଏଜେନ୍ସି): ଫ୍ରାନ୍ସ ଫରୱାର୍ଡ କିଲିୟାନ୍ ଏମ୍‌ବାପେ ଚଳିତ ଫିଫା ବିଶ୍ୱକପ୍‌ର ଗୋଲ୍ଡେନ ବୁଟ୍ ଦୌଡ଼ରେ ସମସ୍ତଙ୍କ ଆଗରେ ରହିଛି। ଚଳିତ ବିଶ୍ୱକପ୍‌ରେ ଏମ୍‌ବାପେଙ୍କ ଏହା ୭ମ ଗୋଲସ୍କୋର ଥିଲା। ଫଳରେ ସେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସିଙ୍କ ସହ ସମାନ ୭ଟି ଗୋଲ ଦେବାରେ ସମକକ୍ଷ ହୋଇଛନ୍ତି। କିନ୍ତୁ ଏମ୍‌ବାପେ ୨ଟି ଗୋଲ ଦେବାରେ ସହାୟତା କରିଥିବାରୁ ସେ ପ୍ରଥମ ଓ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏବେ ସୁଦ୍ଧା ମେସି ୨୦ଟି ଗୋଲ ଦେଇ ବିଶ୍ୱକପ୍ ଇତିହାସରେ ସର୍ବାଧିକ ସ୍କୋରର ହୋଇଛନ୍ତି। ଅନ୍ୟ ପକ୍ଷରେ ଏମ୍‌ବାପେ ୧୯ଟି ଗୋଲ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜ୍ ୧୬ଟି ଗୋଲ ଦେଇ ତୃତୀୟ ସ୍ଥାନକୁ ଖସିଆସିଛନ୍ତି। ଏମ୍‌ବାପେ ଓ ମେସିଙ୍କ ପଛକୁ ଦୁଇ ଫରୱାର୍ଡ ଖେଳାଳି ନରୱେର ଏର୍ଲିଙ୍ଗ ହଲାଣ୍ଡ ଓ ଇଂଲଣ୍ଡର ହ୍ୟାରୀ କେନ୍ ୫ଟି ଲେଖାଏଁ ଗୋଲ ସ୍କୋର କରି ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

## ୯.୫୨ କୋଟି ଟଙ୍କାର ଘଣ୍ଟା ଫେରାଇଲେ ମେକ୍ସିକୋ ଖେଳାଳି

ମେକ୍ସିକୋ ସିଟି, ୫।୭ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପର ସହ-ଆୟୋଜକ ମେକ୍ସିକୋ ପ୍ରି-କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିଛି। ତେବେ ଏଥିପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ମେକ୍ସିକୋ ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଜଣାଶୁଣା ୟୁଟ୍ୟୁବର ଷ୍ଟିଫେନ୍ ଡେଲିଓନାର୍ଡିସ୍‌ଙ୍କ ଦ୍ୱାରା ବିଳାସପୂର୍ଣ୍ଣ ରୋଲେକ୍ସ ଘଣ୍ଟା ଉପହାର ଆକାରରେ ପ୍ରଦାନ କରାଯାଇଥିଲା। ନିଜ ଉଦ୍ୟମରେ ଷ୍ଟିଫେନ ପ୍ରଦାନ କରିଥିବା ଏହି ଏହି ସମସ୍ତ ଘଣ୍ଟାର ମୋଟ୍ ମୂଲ୍ୟ ଏକ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୯ କୋଟି ୫୨ ଲକ୍ଷ) ହେବ। ତେବେ ଫିଫାର ଆଚାର ସଂହିତା ଅନୁଯାୟୀ, ଉପହାର ପ୍ରଦାନ ଓ ଗ୍ରହଣ କରିବା ଉପରେ ପ୍ରତିବନ୍ଧକ ରହିଛି। ଖେଳାଳିମାନେ କେବଳ 'ପ୍ରତୀକାତ୍ମକ' ଉପହାର ଗ୍ରହଣ କରିପାରିବେ। ତେଣୁ ମେକ୍ସିକୋ ଖେଳାଳି ଶେଷରେ ବାଧ୍ୟ ହୋଇ ଏହି ସମସ୍ତ ମୂଲ୍ୟବାନ ଘଣ୍ଟା ଫେରାଇବାକୁ ନିଷ୍ପତ୍ତି ନେଇଥିଲେ।

## ଗିଲ୍‌ଙ୍କ ସହ ହାତ ମିଳାଇଲେନି ଏମ୍‌ବାପେ



ଫିଲାଡେଲଫିଆ,୪।୭(ଏଜେନ୍ସି): ଫୁଟବଲ ଭଳି ଖେଳରେ ବିବାଦ ଲାଗି ରହିବା ଏକ ସାଧାରଣ ଘଟଣା। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗତକାଲି ଏଠାରେ ଅନୁଷ୍ଠିତ ଫ୍ରାନ୍ସ ପାରାଗୁଏ ମ୍ୟାଚ୍‌ରେ। ଏହି ମ୍ୟାଚ୍‌ରେ ସଂଘର୍ଷ କରି ଫ୍ରାନ୍ସ ୧-୦ ଗୋଲରେ ଜିତିବା ପରେ ପାରାଗୁଏର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ପ୍ରତିପକ୍ଷ ଅଧିନାୟକ କିଲିଆନ୍ ଏମ୍‌ବାପେଙ୍କ ସହ ହାତ ମିଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏମ୍‌ବାପେ ଏହାକୁ ଅଣଦେଖା କରି ଚାଲିଯାଇଥିଲେ। ଏଥିରେ କ୍ଷୁବ୍ଧ ହୋଇ ଗିଲ୍ ଧରିଥିବା ବଲ୍‌କୁ ଏମ୍‌ବାପେଙ୍କ ଉପରକୁ ଫିଙ୍ଗିଥିଲେ। ତାଙ୍କ ଦେହରେ ବଲ ବାଜିଥିଲେ ମଧ୍ୟ କିଛି ପ୍ରତିକ୍ରିୟା ପ୍ରକାଶ ନ କରି ଏମ୍‌ବାପେ ଚାଲିଯାଇଥିଲେ। ଏମ୍‌ବାପେ ତାଙ୍କ ସହ ହାତ ନ ମିଳାଇବାରୁ ରାଗିଯାଇ ବଲ ଫିଙ୍ଗିଥିଲେ ବୋଲି ଗିଲ୍ ପରେ ସ୍ୱୀକାର କରିଥିଲେ। ଏହି ଘଟଣାରେ କୌଣସି ବିବାଦ ସୃଷ୍ଟି ହୋଇ ନ ଥିଲା।



| | |
|---|---|
| ଫିଫା ବିଶ୍ୱକପ୍ | |
| ପ୍ରି-କ୍ୱାର୍ଟର ମୁକାବିଲା | |
| ସୋମବାର ରାତି | |
| ପର୍ତ୍ତୁଗାଲ-ସ୍ପେନ୍ | |
| ଡଲାସ, ରାତି ୧୨ଟା ୩୦ | |
| ମଙ୍ଗଳବାର ସକାଳ | |
| ଆମେରିକା-ବେଲଜିୟମ୍ | |
| ସିଆଟଲ, ସକାଳ ୫ଟା୩୦ | |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ | |

■ କେପ୍ ଭର୍ଡର ସଫଳତା

## ଫିଫାର ଟିମ୍ ବଢ଼ାଇବା ନିଷ୍ପତ୍ତି ଯଥାର୍ଥ

ନ୍ୟୁୟର୍କ,୫।୭(ଏଜେନ୍ସି): ବିଶ୍ୱ ଫୁଟବଲ ର୍‍ୟାଙ୍କିଙ୍ଗ୍‌ରେ ୬୪ତମ ସ୍ଥାନ, ପ୍ରାୟ ୬ ଲକ୍ଷ ଜନ ସଂଖ୍ୟା ବିଶିଷ୍ଟ ଦେଶ କେପ ଭର୍ଡ ଚଳିତ ବିଶ୍ୱକପ୍‌ରେ ଯେପରି ଖେଳ ପ୍ରଦର୍ଶନ କରିଛି, ସେଥିରେ କିଂବଦନ୍ତି ଖେଳାଳି ଲିଓନେଲ ମେସି ଓ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ପାଣି ପିଇଛି। ଏହି ଛୋଟିଆ ଦେଶ ପଦାର୍ପଣରେ ନକ୍‌ଆଉଟକୁ ଉନ୍ନୀତ ହେବା ଓ ଆର୍ଜେଣ୍ଟିନା ପରି ଦେଶ ବିପକ୍ଷରେ ଲଢୁଆ ଖେଳିବା ନିଶ୍ଚିତ ଭାବେ ଫିଫାର ଟିମ୍ ସଂଖ୍ୟା ବୃଦ୍ଧି ଯେଉଁ ମହତ୍ୱାକାଂକ୍ଷା ନେଇ କରାଯାଇଥିଲା ତାହା ଯଥାର୍ଥ ବିବେଚିତ ହୋଇଛି। ଆର୍ଜେଣ୍ଟିନା ବିପକ୍ଷ ମୁକାବିଲାରେ କେପ୍ ଭର୍ଡ ଯେପରି ଖେଳିଥିବା ସେଥିରୁ ଫଳାଫଳ ଯେ କୌଣସି ଦେଶ ସପକ୍ଷରେ ଯାଇପାରିଥାନ୍ତା। କିନ୍ତୁ ନିଜର ରଣନୀତି ଲାଗି ପ୍ରସିଦ୍ଧି ଲାଭ କରିଥିବା ଚାମ୍ପିଅନ ଆର୍ଜେଣ୍ଟିନା ଶେଷରେ ବିଜୟୀ ହୋଇ ଏକ ବଡ଼ ବିପର୍ଯ୍ୟୟ ଟଳିଯାଇଥିଲା। ଫିଫା ଯେତେବେଳେ ବିଶ୍ୱକପ୍‌ରେ ଅଂଶଗ୍ରହଣକାରୀ ଦେଶ ସଂଖ୍ୟା ୩୨ରୁ ୪୮କୁ ବୃଦ୍ଧି କରିଥିଲା, ତାହାକୁ ତୀବ୍ର ସମାଲୋଚନା କରାଯାଇଥିଲା। ଟିମ୍ ସଂଖ୍ୟା ବୃଦ୍ଧି ପ୍ରତିଯୋଗିତାମୂଳକ ଫୁଟବଲ ଉପରେ କୌଣସି ପ୍ରଭାବ ପକାଇବନି। ବରଂ ମ୍ୟାଚ୍ ସଂଖ୍ୟା, ରେଟିଂ ଓ ରାଜସ୍ୱ ବୃଦ୍ଧିରେ ଏହା ସହାୟକ ହେବ। ଫିଫାକୁ ବିପୁଳ ପରିମାଣରେ ରାଜସ୍ୱ ମିଳିବ। ଏହାକୁ ଅନେକ ସମାଲୋଚନା କରିଥିଲେ।

## ମୁକୁନ୍ଦ ବରାଳ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବେ ନିକିତା

ଭୁବନେଶ୍ୱର, ୫।୭ (ସମିସ): ଉଦୀୟମାନ ହକି ଖେଳାଳି ନିକିତା ଟପ୍ପୋ ଚଳିତ ବର୍ଷ ଲାଗି ମକୁନ୍ଦ ବରାଳ ସ୍ମାରକୀ-ଅନୁରାଧା ବିଶ୍ୱାଳ କ୍ରୀଡ଼ା ପ୍ରତିଭା ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ଗତବର୍ଷ ଡିସେମ୍ବରରେ ନିକିତା ଜୟପୁରରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡାରେ ମହିଳା ହକିରେ ସ୍ୱର୍ଣ୍ଣ ପଦକ ଜିତାଇଥିଲେ। ସେହିଭଳି ୪ଜଣ ଖେଳାଳିଙ୍କୁ ମଧ୍ୟ କ୍ରୀଡ଼ା ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ସେମାନେ ହେଲେ ଆନିକା ପଟ୍ଟନାୟକ (ମିନିଗଲ୍ଫ), ଅଜିତ ଭୂୟାଁ (କୁସ୍ତି), ହରିଶଙ୍କର ନାୟକ (ଫୁଟବଲ) ଓ ମଞ୍ଜୁ ମୁଣ୍ଡା (ଉଶୁ)। ପୁରୀର କୁସ୍ତି ଗୁରୁ ନରସିଂହ ଲେଙ୍କାଙ୍କୁ 'ମକୁନ୍ଦ ବରାଳ ସ୍ମାରକୀ କ୍ରୀଡ଼ା ଗୁରୁ' ସମ୍ମାନରେ ସମ୍ମାନିତ କରାଯିବ।

## ୱିମ୍ବଲଡନ୍ | କ୍ୱାର୍ଟରରେ ପେଗୁଲା, ଜୋକୋଭିଚ୍

ଲଣ୍ଡନ, ୫।୭ (ଏଜେନ୍ସି): ଆମେରିକା ଟେନିସତାରକା ଜେସିକା ପେଗୁଲା ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱ ମାନ୍ୟତାର ୪ର୍ଥ ସ୍ଥାନରେ ରହିଥିବା ପେଗୁଲା ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ୪-୬, ୬-୩, ୬-୧ ସେଟରେ ସାଥୀ ଆମେରିକୀୟ ଖେଳାଳି ଇଭା ଜୋଭିକଙ୍କୁ ହରାଇଥିଲେ। କୋକୋ ଗଫ୍ ଓ ବେଲିଣ୍ଡା ବେନସିକ୍‌ଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତା ସହ ପେଗୁଲା କ୍ୱାର୍ଟର ଫାଇନାଲ ଖେଳିବେ। ଓପନ୍ ଏରା ଇତିହାସରେ ପେଗୁଲା ଦ୍ୱିତୀୟ ଖେଳାଳି ଭାବେ ୨୬ ବର୍ଷ ପୂରଣ ହେବାପରେ ୧୦ଥର ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲ ଖେଳିବେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ କାରୋଲିନା ମୁଚୋଭା ମଧ୍ୟ ବିଜୟୀ ହୋଇ କ୍ୱାର୍ଟରରେ ପହଞ୍ଚିଛନ୍ତି। ଅପରପକ୍ଷରେ ପୁରୁଷ ବିଭାଗ ରାଉଣ୍ଡ-୧୬ରେ ବିଶ୍ୱର ୭ ନମ୍ବର ଖେଳାଳି ନୋଭାକ ଜୋକୋଭିଚ ୭-୬ (୬), ୬-୩, ୩-୬, ୬-୩ ସେଟରେ ରୁଷିଆର ରୋମାନ ସାଫିଉଲ୍ଲିନଙ୍କୁ ହରାଇ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୱିମ୍ବଲଡନରେ ଜୋକୋଭିଚଙ୍କ ଏହା କ୍ରମାଗତ ୯ମ କ୍ୱାର୍ଟର।




## ବିଶ୍ୱକପ୍‌ରୁ ଏସିଆ ମହାଦେଶର ବିଦାୟ

ନୂଆଦିଲ୍ଲୀ,୫।୭(ଏଜେନ୍ସି): ଇଜିପ୍ଟଠାରୁ ୪-୨ ପେନାଲ୍ଟି ଗୋଲରେ ଅଷ୍ଟ୍ରେଲିଆର ପରାଜୟ ସହ ଉତ୍ତର ଆମେରିକାରେ ଚାଲିଥିବା ଫିଫା ବିଶ୍ୱକପ୍‌ରୁ ଏସିଆ ମହାଦେଶ ରାଉଣ୍ଡ-୩୨ରୁ ବିଦାୟ ନେଇଛି। ନକ୍‌ଆଉଟର ପ୍ରଥମ ପର୍ଯ୍ୟାୟରୁ ଏସିଆ ମହାଦେଶ ବିଦା ହେବା ଫଳରେ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ମହାଦେଶ ନିରାଶ ହୋଇଛି। ଫୁଟବଲର ମାନ ବଢ଼ାଇବା ସକାରେ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦେଶକୁ ଏସିଆ ମହାଦେଶରେ ସାମିଲ କରାଯାଇଛି। ଏହି ଦେଶକୁ ମିଶାଇ ୪୮ଟି ମଧ୍ୟରୁ ମୋଟ ୯ଟି ଦେଶ ଏଥର ବିଶ୍ୱକପ୍‌ରେ ଭାଗ ନେଇଥିଲେ। ଏହା ମଧ୍ୟରୁ କେବଳ ଦୁଇଟି ଦେଶ ଯଥା ଗ୍ରୁପ୍-ଡି'ରୁ ଅଷ୍ଟ୍ରେଲିଆ ଓ ଗ୍ରୁପ୍-ଏଫ୍'ରେ ଜାପାନ ଦ୍ୱିତୀୟ ସ୍ଥାନ ଅଧିକାର କରି ଦ୍ୱିତୀୟ ପର୍ଯ୍ୟାୟ ବା ରାଉଣ୍ଡ ଅଫ୍ ୩୨'କୁ ଉନ୍ନୀତ ହୋଇଥିଲେ। ଉଭୟ ଦଳ ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ହାରିଯାଇଥିଲେ। ବ୍ରାଜିଲଠାରୁ ଜାପାନ ଓ ଇଜିପ୍ଟଠାରୁ ଅଷ୍ଟ୍ରେଲିଆ ପରାଜିତ ହୋଇଥିଲା। ଅନ୍ୟ ୭ଟି ଦଳ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଥିଲେ। ଏହି ୭ଟି ଦଳ ମଧ୍ୟରେ ଇରାନ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଅନ୍ୟ ୬ଟି ଦଳ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ଥିଲେ। ଦକ୍ଷିଣ କୋରିଆ, ଜାପାନ ଓ ଅଷ୍ଟ୍ରେଲିଆ ଗୋଟିଏ ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଥିଲେ। ଇରାକ, ଜୋର୍ଡାନ ଓ ଉଜବେକିସ୍ତାନ ସେମାନଙ୍କ ଗ୍ରୁପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଜିତିପାରି ନ ଥିଲେ କିମ୍ବା ଡ୍ର କରି ନ ଥିଲେ। ଏହି ବିଶ୍ୱକପ୍‌ରେ ଏସିଆ ମହାଦେଶର ୯ଟି ଦେଶ ଦୁଇଟି ନକ୍‌ଆଉଟ ମ୍ୟାଚ୍‌କୁ ମିଶାଇ ମୋଟ ୨୯ଟି ମ୍ୟାଚ୍ ଖେଳିଥିଲେ। ଏହା ମଧ୍ୟରୁ ମାତ୍ର ୩ଟି ମ୍ୟାଚ୍‌ରୁ ବିଜୟ ହୋଇଥିଲା।

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ

## ଗୁରନୁର୍‌ଙ୍କ କମାଲ; ଭାରତ-ଏ ୧୦ ୱିକେଟରେ ବିଜୟୀ

ଗଲ୍, ୫।୭ (ଏଜେନ୍ସି): ଏଠାରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଅନ୍ ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ୧୦ ୱିକେଟରେ ଘରୋଇ ଶ୍ରୀଲଙ୍କା-ଏ'କୁ ପରାସ୍ତ କରିଛି। ଶ୍ରୀଲଙ୍କା-ଏ ମାତ୍ର ୩୩ ରନର ଛୋଟିଆ ଲକ୍ଷ୍ୟ ଭାରତ-ଏ ସାମ୍ନାରେ ରଖିଥିଲା। ଯାହାକୁ ରବିବାର ଅନ୍ତିମ ଦିବସରେ ଭାରତ-ଏ କୌଣସି ୱିକେଟ ନ ହରାଇ ୬.୨ ଓଭରରେ ହାସଲ କରିନେଇଥିଲା। ଏହି ମ୍ୟାଚରେ ଶ୍ରୀଲଙ୍କା-ଏ'ର ପ୍ରଥମ ପାଳି ସ୍କୋର ୩୭୬ ରନ ଜବାବରେ ଭାରତ-ଏ ୯ ୱିକେଟରେ ୫୪୩ ରନ କରି ଘୋଷଣା କରିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଓପନର୍ ସାଇ ସୁଦର୍ଶନ ୧୬୮ ରନ କରିଥିଲେ। ଜବାବରେ ୧୬୭ ରନ ପଛରେ ଥାଇ ଘରୋଇ ଶ୍ରୀଲଙ୍କା-ଏ ଦ୍ୱିତୀୟ ପାଳିରେ ମାତ୍ର ୨୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ-ଏ ପକ୍ଷରୁ ଦ୍ରୁତ ବୋଲର ଗୁରନୁର୍ ବ୍ରାର୍ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ଫଳରେ ପ୍ରଥମ ପାଳିରେ ୪ଟି ସଫଳତା ପାଇଥିବା ଗୁରନୁର ମ୍ୟାଚରେ ମୋଟ୍ ୧୦ ୱିକେଟ୍ ନେଇ ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ଡ୍ର ରହିଥିଲା। ଫଳରେ ଭାରତ-ଏ ୧-୦ରେ ସିରିଜ ବିଜୟୀ ହୋଇଛି।



## ବାବର ପୁଣିଥରେ ଅଧିନାୟକ ପଦକୁ ଫେରିଲେ

କରାଚି, ୫।୭ (ଏଜେନ୍ସି): ବରିଷ୍ଠ ବ୍ୟାଟର୍ ବାବର ଆଜମ ପୁଣିଥରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ପଦକୁ ଫେରିଛନ୍ତି। ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ବାବରଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ସନ୍ ମାସୁଦଙ୍କ ସ୍ଥାନରେ ୩୧ ବର୍ଷୀୟ ବାବରଙ୍କୁ ନେତୃତ୍ୱ ଭାର ମିଳିଛି। ମାସୁଦଙ୍କ ନେତୃତ୍ୱରେ ପାକିସ୍ତାନ ୧୬ଟି ଟେଷ୍ଟରୁ ୧୨ ହାରିଥିଲା। ଯେଉଁଥି ପାଇଁ ତାଙ୍କୁ ଅଧିନାୟକ ପଦ ହରାଇବାକୁ ପଡ଼ିଥିଲା। ଅପରପକ୍ଷରେ ବାବର ଶେଷଥର ଲାଗି ୨୦୨୧ରେ ପାକିସ୍ତାନ ଟେଷ୍ଟ ଦଳର ଅଧିନାୟକ ଭାର ସମ୍ଭାଳିଥିଲେ। ତାଙ୍କ ନେତୃତ୍ୱରେ ପାକିସ୍ତାନ ୨୦ଟି ଟେଷ୍ଟରୁ ୧୦ଟି ବିଜୟୀ ହୋଇଥିଲା।

ଆଇସିସି ମହିଳା ଟି-୨୦ ବିଶ୍ୱକପ୍

# ରେକର୍ଡ ୭ମ ଥର ଲାଗି ଟାଇଟଲ୍ ଜିତିଲା ଅଷ୍ଟ୍ରେଲିଆ

ଲଣ୍ଡନ, ୫।୭ (ଏଜେନ୍ସି)

ଘରୋଇ ଇଂଲଣ୍ଡକୁ ୭ ୱିକେଟ୍‌ରେ ପରାସ୍ତ କରି ଅଷ୍ଟ୍ରେଲିଆ ଦଳ ଏଠାରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଦଶମ ସଂସ୍କରଣରେ ଚାମ୍ପିଅନ ହୋଇଛି। ରବିବାର ରାତିରେ ଆଇକନିକ ଲର୍ଡ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଗ୍ରାଣ୍ଡଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୪ ୱିକେଟ୍‌ରେ ୧୫୦ ରନର ଛୋଟିଆ ସ୍କୋର କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଓପନର ବେଥ ମୁନୀ ଓ ଫୋଏବ ଲିଚଫିଲ୍ଡଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ୧୭ ବଲ୍ ବାକି ଥାଇ ୩ ୱିକେଟରେ ସହଜରେ ବିଜୟୀ ହୋଇଥିଲା। ମୁନୀ ୧୦ଟି ଚୌକା ବଳରେ ୪୯ ବଲରୁ ସର୍ବାଧିକ ୬୪ ରନ କରିଥିଲେ। ସେହିଭଳି ୬ଟି ଚୌକା ଓ ୨ଟି ଛକା ବଳରେ ଲିଚଫିଲ୍ଡ ୩୫ ବଲରୁ ୪୮ ରନ କରି ଆଉଟ ହୋଇଥିଲେ। ଦ୍ୱିତୀୟ ୱିକେଟ ଭାଗୀଦାରିରେ ଏହି ଦୁଇ ଖେଳାଳି ୬୭ ବଲରୁ ୧୦୦ ରନ ଉଠାଇ ବିଜୟପଥ ପରିଷ୍କାର କରିଦେଇଥିଲେ। ଏଲିସେ ପେରୀ ୧୩ ଓ ଆସଲେ ଗାର୍ଡନର ୩ ରନ କରି ଅପରାଜିତ ରହିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ୪ ୱିକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ଅଧିନାୟିକା ନାଟାଲୀ ସ୍କିଭର ବ୍ରଣ୍ଟ ୫୮ ଓ ଫ୍ରେୟା କେମ୍ପ ୪୪ ରନର ଉପଯୋଗୀ ପାଳି ଖେଳ ଦଳର ସମ୍ମାନ ରଖିଥିଲେ। ଚାମ୍ପିଅନ ହେବା ସହ ଅଷ୍ଟ୍ରେଲିଆ ଏକାଧିକ ରେକର୍ଡ କରିଛି। ଅଷ୍ଟ୍ରେଲିଆ ରେକର୍ଡ ୭ମଥର ଲାଗି ଟି-୨୦ ବିଶ୍ୱକପ୍ ଟ୍ରଫି ଜିତିଛି। ଏଥିପୂର୍ବରୁ ଦଳ ୨୦୧୦, ୨୦୧୨, ୨୦୧୪, ୨୦୧୮, ୨୦୨୦ ଓ ୨୦୨୩ରେ ଚାମ୍ପିଅନ ହୋଇଥିଲା। ଅପରପକ୍ଷରେ ୨୦୦୯ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଟାଇଟଲ ଜିତିଥିବା ଇଂଲଣ୍ଡ ଦ୍ୱିତୀୟଥର ଚାମ୍ପିଅନ ହେବାର ସୁଯୋଗ ହାତଛଡ଼ା କରିଛି।



### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ: ୧୫୦/୪, ୨୦ ଓଭର (ନାଟାଲୀ- ୫୮, କେମ୍ପ- ୪୪*, କାପସୀ- ୨୩, ଡାନି- ୮, କିମ୍ ୧/୨୦)।

ଅଷ୍ଟ୍ରେଲିଆ: ୧୫୩/୩, ୧୭.୧ ଓଭର (ମୁନୀ- ୬୪, ଲିଚଫିଲ୍ଡ- ୪୮, ପେରୀ- ୧୩*, ଗାର୍ଡନର- ୩*, ସୋଫି- ୧/୨୪)।

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 10.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS